# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ (୧୬ ପୃଷ୍ଠା) | Balasore, Thursday, January 17/ 2019 | ★★★★

୪୫ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

DSPL-349

## PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

## ପିଠା

ସଶକ୍ତିକରଣ ଏବଂ ସଚେତନତା

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୩ଟି (3T) ମନ୍ତ୍ରକୁ ଆଧାର କରି ଜାନୁଆରୀ ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ଗ୍ରାମପଞ୍ଚାୟତ ଓ ସହରାଞ୍ଚଳ ରେ ଅନୁଷ୍ଠିତ ହେବ ପିଠା ଶିବିର

- ୩ଲକ୍ଷ ନୂଆ ଗଢା ଯାଇଥିବା ସ୍ୱୟଂସହାୟକ ଗୋଷ୍ଠୀକୁ ଯୋଗାଇ ଦିଆଯିବ ୧୫,୦୦୦ ଟଙ୍କା ଲେଖାଏଁ ମୂଳଧନ ସେଥିପାଇଁ ମଞ୍ଜୁର ହୋଇଛି ୩୭୩ କୋଟି ଟଙ୍କା
- ନୂଆ ଗଢ଼ା ହୋଇଥିବା ପ୍ରତି ସ୍ୱୟଂସହାୟକ ଗୋଷ୍ଠୀ ପାଇଁ ଅଙ୍ଗନୱାଡ଼ି କର୍ମୀ ଙ୍କୁ ୫୦୦/- ଟଙ୍କା ଏବଂ ପ୍ରତି ଅଙ୍ଗନୱାଡ଼ି ସହାୟିକାଙ୍କୁ ୨୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ
- ଶୁଭାରମ୍ଭ ହେବ ଆମ ଏଲ୍. ଇ. ଡି (LED) ଯୋଜନା, ଯେଉଁଥିରେ ଟଙ୍କିକିଆ ଚାଉଳ ପାଉଥିବା ପରିବାର ମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ ୪ଟି ଏଲ୍. ଇ. ଡି ବଲ୍ବ
- ସୁନେତ୍ର ଯୋଜନାରେ ଚକ୍ଷୁର ମାଗଣା ଚିକିତ୍ସା ଓ ମାଗଣା ଚଷମା ପାଇପାରିବେ
- ଚାଷୀ ଭାଇମାନେ କାଳିଆ ଯୋଜନା ବିଷୟରେ ଜାଣିପାରିବେ
- ସହରାଞ୍ଚଳ ର ପିଠା ଶିବିର ରେ ମଧ୍ୟ ବିଭିନ୍ନ ଯୋଜନା ର ସୁବିଧା ପାଇପାରିବେ



19001/13/0030/1819

ଧରିତ୍ରୀ
DHARITRI
ଗୁରୁବାର, ୧୭ ଜାନୁୟାରୀ, ୨୦୧୯



ଏବେ ବି ବ୍ରେକ୍‌ଜିଟ ବୁଝାମଣା ଲାଗି ସମୟ ଅଛି। ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ କ'ଣ ରହୁଛି ଆମେ ତାକୁ ଅପେକ୍ଷା କରିଛୁ।

-ଆଞ୍ଜେଲା ମର୍କେଲ, ଜର୍ମାନ ଚାନ୍‌ସେଲର



## ସଂକ୍ଷେପରେ

### ତାଲିବାନ କମାଣ୍ଡର ସମେତ ୪ ଆତଙ୍କବାଦୀ ନିହତ

**ପେଶୱେର,୧୬।୧(ପି.ଟି.):** ପାକିସ୍ତାନୀ ସୁରକ୍ଷା କର୍ମୀଙ୍କ ଗୁଳିରେ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ତାଲିବାନ ଶୀର୍ଷ କମାଣ୍ଡରଙ୍କ ସମେତ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ତେହରିକ-ଇ-ତାଲିବାନ ପାକିସ୍ତାନ କମାଣ୍ଡର ଇସ୍‌ଲାମ ଏବଂ ମୋହିବୁଲ୍ଲା ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ଘରର ମାଲିକ ମଧ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି।

### ଭାଜପା ଛାଡ଼ିଲେ ଆପାଙ୍ଗ



**ଇଟାନଗର,୧୬।୧(ପି.ଟି.):** ଅରୁଣଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଆପାଙ୍ଗ ବୁଧବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଭାଜପା ରାଜଧର୍ମ ପାଳନ କରିବା ପରିବର୍ତ୍ତେ ଏକ କ୍ଷମତା ଆଶାୟୀ ମଞ୍ଚରେ ପରିଣତ ହୋଇଥିବା ସେ କହିଛନ୍ତି। ୪ ବର୍ଷ ପୂର୍ବେ ଆପାଙ୍ଗ କଂଗ୍ରେସ ଛାଡି ଭାଜପାରେ ମିଶିଥିଲେ। ୨୨ ବର୍ଷରୁ ଉର୍ଦ୍ଧ୍ୱ ଅରୁଣାଚଳ ମୁଖ୍ୟମନ୍ତ୍ରୀ ଥିବା ଆପାଙ୍ଗ ତାଙ୍କ ଇସ୍ତଫାପତ୍ର ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ପାଖକୁ ପଠାଇ ଦେଇଛନ୍ତି।

### ଏଏପିରୁ ବିଧାୟକ ବଳଦେବ ସିଂଙ୍କ ଇସ୍ତଫା

**ଚଣ୍ଡିଗଡ଼,୧୬।୧(ପି.ଟି.):** ପଞ୍ଜାବର ବିଦ୍ରୋହୀ ଏଏପି ବିଧାୟକ ବଳଦେବ ସିଂ ବୁଧବାର ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦଳ ଛାଡିବା ନେଇ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଏକଚ୍ଛତ୍ରବାଦ ଏବଂ ଅହଂକାରିତାକୁ ଦାୟୀ କରିଛନ୍ତି।

## ଜଗନ୍‌ମୋହନଙ୍କୁ ଭେଟିଲେ କେସିଆର୍‌ଙ୍କ ପୁଅ

# ଦାନା ବାନ୍ଧୁଛି ସଂଘୀୟ ସାମ୍ମୁଖ୍ୟ

**ହାଇଦ୍ରାବାଦ,୧୬।୧**

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ଆନ୍ଧ୍ରପ୍ରଦେଶ ବିଧାନସଭାର ବିରୋଧୀ ଦଳ ନେତା ତଥା ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ଜଗନ୍‌ମୋହନ୍ ରେଡ୍ଡୀ ବୁଧବାର କେସିଆର୍‌ଙ୍କ ପୁଅ ତଥା ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ. ତାରକ ରାମାରାଓଙ୍କୁ ହାଇଦ୍ରାବାଦରେ ଭେଟିଛନ୍ତି। ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ଉପରେ ଦୁଇନେତା ଗୁରୁତ୍ୱ ଦେଇଛନ୍ତି।

ସଂଘୀୟ ସାମ୍ମୁଖ୍ୟରେ ଅଧିକରୁ ଅଧିକ ଆଞ୍ଚଳିକ ଦଳକୁ ସାମିଲ କରିବା ପାଇଁ କେସିଆର୍ ଏକ ୪ ଜଣିଆ ଟିମ୍ ଗଠନ କରିଛନ୍ତି। ଏଥିରେ କେଟିଆର୍‌ଙ୍କ ସମେତ ଟିଆର୍‌ଏସ୍ ଏମ୍‌ପି ବି. ବିନୋଦ କୁମାର ଏବଂ ବରିଷ୍ଠ ନେତା ପଲ୍ଲା ରାଜେଶ୍ୱର ରେଡ୍ଡୀଙ୍କ ଭଳି ନେତାଙ୍କୁ ନିଆଯାଇଛି। ହାଇଦ୍ରାବାଦସ୍ଥିତ ଜଗନମୋହନଙ୍କ ଲୋଟସ୍ ପଣ୍ଡ୍ ବାସଭବନରେ ତାଙ୍କୁ କେଟିଆର୍ ଭେଟିଛନ୍ତି। ଦୁଇନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତ। ଆଲୋଚନା ପରେ କେଟିଆର୍ କହିଛନ୍ତି, ସଂଘୀୟ ସାମ୍ମୁଖ୍ୟ ଗଠନ ନେଇ ଉଭୟେ କର୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ଛତିଶଗଡ଼ ଜନତା କଂଗ୍ରେସ ତଥା ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଏହା ପୂର୍ବରୁ ଜଗନ୍‌ମୋହନ୍ କହିଥିଲେ, ଟିଆର୍‌ଏସ୍‌ର ୧୭ ଓ ଆମର ୨୫ ଏମ୍‌ପି ଅଛନ୍ତି। ଦୁଇଦଳର ଏମ୍‌ପିଙ୍କ ସଂଖ୍ୟା ୪୨, ଯାହାକି କେନ୍ଦ୍ର ଉପରେ ଚାପ ପ୍ରୟୋଗ ପାଇଁ ପର୍ଯ୍ୟାପ୍ତ। ଆମେ ଆଗକୁ ନିର୍ଣ୍ଣାୟକ ଭୂମିକା ନେଇପାରିବୁ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଆସନ୍ତା ବିଧାନସଭା ନିର୍ବାଚନରେ ହରାଇବା ପାଇଁ ଟିଆର୍‌ଏସ୍ ଏବଂ ୱାଇଏସ୍‌ଆର୍ କଂଗ୍ରେସ ଅତୀତରେ ଘୋଷଣା କରିଥିବାରୁ ଏହି ସାକ୍ଷାତକୁ ନେଇ କେହି ବିଶେଷ ବିସ୍ମିତ ହୋଇନାହାନ୍ତି ବୋଲି କୁହାଯାଉଛି। କାରଣ ଆନ୍ଧ୍ର ବିଧାନସଭାରେ ୱାଇଏସ୍‌ଆର୍ କଂଗ୍ରେସ ବିରୋଧୀ ଦଳ ହୋଇଥିବାବେଳେ ତେଲେଙ୍ଗାନାରେ ଅନୁଷ୍ଠିତ ଗତ ବିଧାନସଭା ନିର୍ବାଚନରେ କେସିଆର୍‌ଙ୍କୁ ମୁକାବିଲା କରିବାକୁ ଯାଇ ଚନ୍ଦ୍ରାବାବୁ କଂଗ୍ରେସ ଓ ବାମପନ୍ଥୀଙ୍କ ହାତ ଧରିଥିଲେ। ପ୍ରକାଶ ଯେ, ନିକଟରେ ସମାପ୍ତ ତେଲେଙ୍ଗାନା ନିର୍ବାଚନରେ ବିପୁଳ ସଫଳତା ହାସଲ କରି ପୁନର୍ବାର କ୍ଷମତାସୀନ ହେବା ପରେ କେସିଆର୍ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ନେବା କଥା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ସଂଘୀୟ ସାମ୍ମୁଖ୍ୟକୁ ସମର୍ଥନ କରୁଛନ୍ତି ସେନେଇ କିଛି ସ୍ପଷ୍ଟ ହୋଇନାହିଁ।



ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ. ତାରକ ରାମାରାଓଙ୍କ ସହ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ଜଗନ୍‌ମୋହନ୍ ରେଡ୍ଡୀ।

## ୧୩ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ୩୬୩୯ କୋଟି

**ନୂଆଦିଲ୍ଲୀ,୧୬।୧(ପି.ଟି.)**

ଓଡ଼ିଶାର କୋରାପୁଟ ସମେତ ବିଭିନ୍ନ ରାଜ୍ୟରେ ୧୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି କେନ୍ଦ୍ର କ୍ୟାବିନେଟ ୩୬୩୯.୩୨ କୋଟି ଟଙ୍କା ମଞ୍ଜୁର କରିଛି। ୩୬ ମାସ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟଗୁଡିକର ଭିତ୍ତିଭୂମି ଏବଂ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟଗୁଡିକ ଲାଗି କ୍ୟାବିନେଟ ୩୦୦୦ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଏହା ଉପରେ ଅଧିକ ୧୪୭୪.୬୫ କୋଟି ଖର୍ଚ୍ଚ କରିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅନୁଯାୟୀ ଓଡ଼ିଶା ସମେତ ବିହାର, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, କର୍ଣାଟକ, କେରଳ, ପଞ୍ଜାବ, ରାଜସ୍ଥାନ ଏବଂ ତାମିଲନାଡୁରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ଉକ୍ତ ରାଜ୍ୟଗୁଡିକରେ ଗୋଟିଏ ଲେଖାଏଁ ଏବଂ ଜମ୍ମୁ-କଶ୍ମୀରରେ ଦୁଇଟି ନୂଆ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ନିଷ୍ପତ୍ତି ନିଆଯାଇଛି।



ପିୟୂଷ ଗୋୟଲ

## କଂଗ୍ରେସ କାର୍ଯ୍ୟକ୍ରମରେ ଟାଇଟଲରଙ୍କୁ ନେଇ ବିବାଦ

**ନୂଆଦିଲ୍ଲୀ,୧୬।୧(ପି.ଟି.)**

୧୯୮୪ ଶିଖ୍ ବିରୋଧୀ ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ଜଗଦୀଶ ଟାଇଟଲର କଂଗ୍ରେସର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଆଗଧାଡ଼ିରେ ବସିବାକୁ ନେଇ ବିବାଦ ଦେଖାଦେଇଛି। ଶୀଲା ଦୀକ୍ଷିତ ବୁଧବାର ଦିଲ୍ଲୀ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଅନୁଷ୍ଠିତ ଉତ୍ସବରେ ଟାଇଟଲର ଯୋଗ ଦେଇଥିଲେ। କଂଗ୍ରେସ ଦଙ୍ଗା ଅଭିଯୁକ୍ତଙ୍କୁ ସମ୍ମୁଖ ଆସନ ଦେଇ ଏହି ମାମଲାର ସାକ୍ଷୀଙ୍କୁ ଡରାଉଛି ବୋଲି ଶିରୋମଣି ଅକାଳୀ ଦଳ ନେତା ମନ୍‌ଜିନ୍ଦର ସିଂ ସିର୍ସା ଅଭିଯୋଗ କରିଛନ୍ତି। ଟାଇଟଲର ଏବଂ କମଲନାଥଙ୍କୁ ମଧ ଶିଖ୍ ଦଙ୍ଗା ମାମଲାରେ ଜେଲ୍ ହୋଇପାରେ ବୋଲି ଜାଣିଥିବାରୁ କଂଗ୍ରେସ ଭୟଭୀତ ରହିଛି। ତେଣୁ ଟାଇଟଲରଙ୍କୁ ଜାଣିଶୁଣି ଆଗ ଧାଡ଼ିରେ ବସାଇ କଂଗ୍ରେସ ଜଣାଇଦେବାକୁ ଚାହୁଁଛି ତାଙ୍କ ପ୍ରତି ଦଳ ହାଇକମାଣ୍ଡଙ୍କର ସମର୍ଥନ ରହିଛି। ତେଣୁ କେହି ତାଙ୍କ ବିରୋଧରେ ସାକ୍ଷ୍ୟ ନ ଦେବା ଲାଗି କଂଗ୍ରେସ ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟିର ସାଧାରଣ ସମ୍ପାଦକ ସିର୍ସା କହିଛନ୍ତି।



## ଆମେରିକାରୁ ୧୮ ବିଲିୟନ ଡଲାରର ପ୍ରତିରକ୍ଷା ସାମଗ୍ରୀ କିଣିବ ଭାରତ

**ୱାଶିଂଟନ,୧୬।୧**

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିପାଉଛି। ଭାରତ ସେଠାରୁ ୧୮ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସହିତ ବାର୍ଷିକ ୫ ବିଲିୟନ ଡଲାର ମୂଲ୍ୟର ତୈଳ ଓ ଗ୍ୟାସ୍ କ୍ରୟ କରିବ ବୋଲି ଭାରତର ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି। ଭାରତକୁ ଆମେରିକାର ରପ୍ତାନି ୩୦ ପ୍ରତିଶତ ବୃଦ୍ଧି ପାଇଥିବା ଏଠାରେ ଆମେରିକା ବ୍ୟବସାୟୀମାନଙ୍କ ଏକ ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୧୯ ବିଲିୟନ ଡଲାରରୁ ୧୪୦ ବିଲିୟନ ଡଲାରକୁ ବୃଦ୍ଧିପାଇଛି। ଭାରତୀୟ ବ୍ୟବସାୟିକ ଏୟାରଲାଇନ୍ସ ୪୦ ବିଲିୟନ ଡଲାର ମୂଲ୍ୟରେ ୩୦୦ ବିମାନ କିଣିବାକୁ ଅର୍ଡର କରିଥିବା ଶ୍ରିଙ୍ଗଲା ସୂଚନା ଦେଇଛନ୍ତି। ଏହାବ୍ୟତୀତ ଆମେରିକାର ଶିକ୍ଷା କ୍ଷେତ୍ରକୁ ୨ ଲକ୍ଷ ୨୭ ହଜାର ଭାରତୀୟ ଛାତ୍ରୀଛାତ୍ରଙ୍କ ଅବଦାନ ୬.୫ ବିଲିୟନ ଡଲାର ବୋଲି ସେ କହିଥିଲେ।



## ଆତଙ୍କବାଦୀ ଆକ୍ରମଣ: ୧୫ ନିହତ

**ନାଇରୋବି,୧୬।୧(ଏଏଫ୍‌ପି)**

କେନିଆ ରାଜଧାନୀ ନାଇରୋବିରେ ଥିବା ଏକ ହୋଟେଲ୍ କମ୍ପ୍ଲେକ୍ସ ଉପରେ ଇସ୍‌ଲାମିକ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଆମେରିକୀୟ ଥିବା ଜଣାପଡିଛି। ସେଠାରେ ମଙ୍ଗଳବାର ଅପରାହ୍ଣରୁ ବିସ୍ଫୋରଣ ଓ ଗୁଳି ବିନିମୟ ଜାରି ରହିଥିଲା। ଆକ୍ରମଣ ଲାଗି ଅଲ୍-ଶବାବ ଇସ୍‌ଲାମିକ୍ ସଂଗଠନ ନିଜକୁ ଦାୟୀ କରିଛି। ୧୦୧ ହୋଟେଲ ରୁମ୍, ସ୍ପା, ରେସ୍ତୋରାଁ ଏବଂ ଅଫିସ ବିଲ୍ଡିଂ ଥିବା ଡୁସିଟ ଡି୨ କମ୍ପ୍ଲେକ୍ସରେ ଆତଙ୍କବାଦୀମାନେ ପ୍ରବେଶ କରିବା ପରେ ଜଣେ ଆତ୍ମଘାତୀ ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ। ଏହାପରେ ବନ୍ଧୁକଧାରୀ ଆଖିବୁଜା ଗୁଳିଚଳାଇଥିଲେ। ଉକ୍ତ କମ୍ପ୍ଲେକ୍ସରେ ଥିବା କିଛି ଲୋକ କୌଣସି ପ୍ରକାରେ ଖସି ପଳାଇଥିବାବେଳେ ଅନ୍ୟମାନେ ନିଜକୁ କୋଠରି ଧରେ ବନ୍ଦ କରି ରଖିଥିଲେ। ସୁରକ୍ଷା କର୍ମୀମାନେ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସୁରକ୍ଷା ବାହିନୀ ଗୁଳିରେ କେତେଜଣ ଆକ୍ରମଣକାରୀ ନିହତ ହୋଇଥିବା ବେଳେ ଏବେ ମଧ ହୋଟେଲ ମଧ୍ୟରେ ୨/୩ ଜଣ ଆତଙ୍କବାଦୀ ରହିଥିବା ବିଶ୍ୱାସ କରାଯାଉଛି।




## ଅଟକିଲା ଶିବାଜୀ ପ୍ରତିମୂର୍ତ୍ତି ନିର୍ମାଣ



**ମୁମ୍ବଇ,୧୬।୧**

ମୁମ୍ବାଇ ଉପକଣ୍ଠ ଆରବ ସାଗରରେ ମରାଠା ଯୋଦ୍ଧା ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଅବିଳମ୍ବେ ବନ୍ଦ କରିବାକୁ ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଫଳରେ ପିଡବ୍ଲ୍ୟୁଡି ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯାଇଛି। ନିର୍ମାଣରେ ନିୟୋଜିତ ଠିକାଦାରମାନଙ୍କୁ କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ହୋଇଛି। ଭାଜପା ନେତୃତ୍ୱାଧୀନ ଫଡ୍‌ନବିସ୍ ସରକାରଙ୍କ ଅନ୍ୟତମ 'ଡ୍ରିମ୍ ପ୍ରୋଜେକ୍ଟ' ଭାବେ ପ୍ରସ୍ତାବିତ ୨୧୨ ମିଟର ଉଚ୍ଚତାର ପ୍ରତିମୂର୍ତ୍ତି ନିର୍ମାଣର ଶିଳାନ୍ୟାସ ଡିସେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ହୋଇଥିଲା। ତେବେ ବିନା ଜନଶୁଣାଣିରେ ଏହି ପ୍ରକଳ୍ପକୁ ଜଙ୍ଗଲ, ପରିବେଶ ଓ ପାଣିପାଗ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଥିବା ନେଇ ସିଏଟି ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯିବ ନାହିଁ ବୋଲି ହାଇକୋର୍ଟ ରାୟ ଦେବା ପରେ ସିଏଟି ସୁପ୍ରିମ୍‌କୋର୍ଟକୁ ଯାଇଥିଲା।

ଜାନୁୟାରୀ ୧୧ରେ ସିଏଟିର ଏ ସମ୍ପର୍କିତ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଜାରି କରିଥିବା ସରକାରୀ ଓକିଲ ନିଶାନ୍ତ ଆର୍ କଟ୍‌ନେଶ୍ୱରକର ଜଣାଇଛନ୍ତି।

**ଫୁର୍‌ସତ**

## ୨୦୦୮ରୁ ୪୨୯ ବାଘ ଶିକାର

**ନୋଏଡା,୧୬।୧(ପି.ଟି.)**

ଜଙ୍ଗଲ ସୃଷ୍ଟି, ସବୁଜିମା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଏକ ସନ୍ତୁଳିତ ପରିବେଶର ଆହ୍ୱାନ। ପ୍ରାକୃତିକ ଖାଦ୍ୟଶୃଙ୍ଖଳରେ ସ୍ଥିରତା ବଜାୟ ରଖିବାକୁ ହେଲେ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ସହ ବୃକ୍ଷରୋପଣ ବହୁ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ବାଘ ଓ ହାତୀ ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷିତ ସହାବସ୍ଥାନରେ ମଣିଷର ସ୍ଥିତାବସ୍ଥା ସମ୍ଭବ। ତେବେ ଜଙ୍ଗଲ କ୍ଷୟ ଯୋଗୁ ହାତୀ-ମଣିଷ ଲଢ଼େଇ ଏବଂ ବାଘ ଶିକାର ଚିନ୍ତାର କାରଣ ହୋଇଛି। ଏହି ଦୃଷ୍ଟିକୋଣରୁ ସରକାରୀ ସ୍ତରରେ ବାଘ ସଂରକ୍ଷଣ ପ୍ରକଳ୍ପ ସୁବ୍ୟବସ୍ଥିତ ଭାବେ କାର୍ଯ୍ୟକାରୀ ହୋଇଛି। ମାତ୍ର ୨୦୦୮ରୁ ୨୦୧୮ ମଧ୍ୟରେ ୪୨୯ ବାଘଙ୍କୁ ହତ୍ୟା ଅଥବା ଶିକାର କରାଯାଇଛି। ରାଜ୍ୟସ୍ତରୀୟ ଏ ସମ୍ପର୍କିତ ମିଳିଥିବା ତଥ୍ୟ ଅନୁଯାୟୀ ମଧ୍ୟପ୍ରଦେଶରେ ସର୍ବାଧିକ ୭୧, ମହାରାଷ୍ଟ୍ର ଏବଂ କର୍ନାଟକରେ ୪୬, ଆସାମ ଓ ଛତିଶଗଡ଼ରେ ୪୨ ଓ ଉତ୍ତରାଖଣ୍ଡରେ ୩୫ ବାଘଙ୍କ ଜୀବନ ଯାଇଛି। ୨୦୧୧ ଏବଂ ୨୦୧୫ରେ ଯଥାକ୍ରମେ ୮୦ ଓ ୧୫ ବାଘଙ୍କୁ ଶିକାର କରାଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧୀନ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବୋର୍ଡ (ଡବ୍ଲ୍ୟୁସିସିବି)ରୁ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ହାସଲ କରିଥିବା ନୋଏଡାସ୍ଥିତ ଆଡ଼ଭୋକେଟ ରଞ୍ଜନ ତୋମାର ଏହା ଜଣାଇଛନ୍ତି। ଏଥିସହ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ସତର୍କ କରାଇଛନ୍ତି। ତେବେ ଗତ କିଛି ବର୍ଷ ହେବ 'ବାଘ ହତ୍ୟା' ଘଟଣା ହ୍ରାସ ପାଇଥିବା ସେ କହିଛନ୍ତି। ଏହା ବନ୍ୟପ୍ରାଣୀ ସଂରକ୍ଷକଙ୍କ ପାଇଁ ଶୁଭ ଖବର। ଦେଶର ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଚଣ୍ଡିଗଡ଼, ଦାଦ୍ରା ଆଣ୍ଡ୍ ନଗର ହାଭେଲି, ଲାକ୍ଷାଦ୍ୱୀପ, ମେଘାଳୟ, ମିଜୋରାମ, ପୁଡୁଚେରୀ, ପଞ୍ଜାବ, ସିକିମ୍ ଏବଂ ତ୍ରିପୁରାରେ ୨୦୦୮ରୁ ୧୦ ବର୍ଷ ମଧ୍ୟରେ ବାଘଙ୍କୁ ହତ୍ୟା ବା ଶିକାର କରାଯାଇ ନ ଥିବା ଜଣାପଡ଼ିଛି।



ଆର୍‌ଟିଆଇ ତଥ୍ୟ

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୯ | ୧୦.୫ |
| ଚାନ୍ଦବାଲି | ୨୫.୨ | ୧୪.୦ |
| କଟକ | ୨୬.୨ | ୧୧.୫ |
| ପାରାଦ୍ୱୀପ | ୨୫.୭ | ୧୪.୫ |
| ଭୁବନେଶ୍ୱର | ୨୭.୬ | ୧୩.୦ |
| ଗୋପାଳପୁର | ୨୭.୮ | ୧୬.୮ |
| ପୁରୀ | ୨୬.୧ | ୧୫.୨ |
| ଅନୁଗୋଳ | ୨୬.୧ | ୮.୦ |
| ବାରିପଦା | ୨୪.୪ | ୧୧.୪ |
| ଝାରସୁଗୁଡ଼ା | ୨୭.୦ | ୮.୫ |
| କେନ୍ଦୁଝର | ୨୫.୨ | ୯.୪ |
| ସମ୍ବଲପୁର | ୨୭.୮ | ୯.୫ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୬.୬ | ୧୦.୬ |
| ତାଳଚେର | ୩୧.୧ | ୧୧.୩ |
| ଭବାନୀପାଟଣା | ୨୮.୦ | ୧୦.୦ |
| ବଲାଙ୍ଗୀର | --- | ୧୧.୮ |
| କୋରାପୁଟ | ୨୫.୬ | ୧୦.୪ |
| ଫୁଲବାଣୀ | --- | ୭.୦ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୦.୫ | ୧୪.୫ |
| ସୋନପୁର | ୨୭.୬ | ୮.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### ଇତିହାସର ଆଇନାରେ

## ଜାନୁୟାରୀ ୧୭ର ପ୍ରମୁଖ ଘଟଣା

୧୯୪୬ ଜାନୁୟାରୀ ୧୭ରେ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ସଦସ୍ୟ ଦେଶର ପ୍ରତିନିଧି ଉପସ୍ଥିତ ରହିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶକ୍ତିଶାଳୀ ପ୍ରଭାବିତ ହୋଇଥିବା ସେତେବେଳର ସୋଭିଏତ୍ ୟୁନିୟନ (ବର୍ତ୍ତମାନ ରୁଷିଆ), ବ୍ରିଟେନ, ଫ୍ରାନ୍ସ, ଚାଇନା ଏବଂ ଆମେରିକାର ଭିଟୋ କ୍ଷମତାକୁ ବଜାୟ ରଖାଯାଇଥିଲା। ଏହି ଅଧିବେଶନ ପରେ କୁଏତ୍, ନାମ୍ବିଆ, କାମ୍ବୋଡ଼ିଆ, ବୋସନିଆ, ରୁଆଣ୍ଡା, ସୋମାଲିଆ, ସୁଦାନରେ ଶାନ୍ତିରକ୍ଷା ମିଶନ କାର୍ଯ୍ୟକାରୀ ହୋଇଥିଲା।

୧୯୪୮ ଜାନୁୟାରୀ ୧୭ରେ ନେଦରଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ଜାତିସଂଘ ସୁରକ୍ଷା ପରିଷଦର ତତ୍ତ୍ୱାବଧାନରେ ରେନ୍‌ଭିଲ୍ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୧୯୪୬ ଲିଙ୍ଗରଜାତି ଚୁକ୍ତିରୁ ସୃଷ୍ଟ ହୋଇଥିବା ବିବାଦକୁ ଦୃଷ୍ଟିରେ ରଖି ଏଥିରେ ଆବଶ୍ୟକ ସଂଶୋଧନ ଅଣାଯାଇଥିଲା। ଜାକର୍ତ୍ତା ଉପସାଗରରେ ଆମେରିକା ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ରେନ୍‌ଭିଲ୍‌ରେ ଏହି ବୁଝମଣା ହୋଇଥିବାରୁ ଏହାକୁ ରେନ୍‌ଭିଲ୍ ଚୁକ୍ତି ନାମିତ କରାଯାଇଥିଲା।

# ଧରିତ୍ରୀ DHARITRI

ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ | Balasore, Thursday, January 17/ 2019 | ପୃଷ୍ଠା-୧




## ବିଶ୍ୱ ବ୍ୟାଙ୍କ ମୁଖ୍ୟ ହୋଇପାରନ୍ତି ଇନ୍ଦ୍ରା ନୁୟୀ

ପ୍ରବାସୀ ଭାରତୀୟ ମହିଳା ତଥା ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୁୟୀ ବିଶ୍ୱ ବ୍ୟାଙ୍କ ଅଧକ୍ଷ ଦୌଡ଼ରେ ଆଗରେ ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କନ୍ୟା ଇଭାଙ୍କା ଟ୍ରମ୍ପ ତାଙ୍କ ନାମ ପ୍ରସ୍ତାବ ଦେଇଛନ୍ତି।

୧୧

୧୩

## ଗ୍ରାଣ୍ଡସ୍ଲାମରେ କର୍ବରଙ୍କ ଶତକ ବିଜୟ

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଟେନିସରେ କ୍ୟାରିୟରର ୧୦୦ତମ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତିଛନ୍ତି ଜର୍ମାନୀର ଆଞ୍ଜେଲିକ୍ କର୍ବର ।








## ଅମିତ ଶାହଙ୍କୁ ସ୍ୱାଇନ୍ ଫ୍ଲୁ

■ ୧୮ରେ ଓଡ଼ିଶା ଗସ୍ତ ବାତିଲ



ନୂଆଦିଲ୍ଲୀ,୧୬।୧

ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଛି। ସେ ଏବେ ଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଖୁବ୍‌ଶୀଘ୍ର ଭଲ ହେବା ନେଇ ଆଶା କରୁଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶାହଙ୍କ ଆସନ୍ତା ୧୮ରେ ଥିବା ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏନେଇ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

## ତ୍ରୁଟିପୂର୍ଣ୍ଣ ପରୀକ୍ଷା କେନ୍ଦ୍ରକୁ ନେଇ ଅସନ୍ତୋଷ

ଭଦ୍ରକ ଅଫିସ, ୧୬।୧

ତ୍ରୁଟିପୂର୍ଣ୍ଣ ପରୀକ୍ଷାକେନ୍ଦ୍ରକୁ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭଦ୍ରକ ଜିଲାର ପରୀକ୍ଷାର୍ଥୀଙ୍କୁ ସରକାରୀ ଚାକିରି ନ ଦେବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ଅଭିଭାବକ ଓ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି। ରାଜ୍ୟ ସଚିବାଳୟରେ ସେକ୍ସନ ଅଫିସର ପଦବୀ ପୂରଣ ନିମନ୍ତେ ଓଡ଼ିଶା ପବ୍ଲିକ ସର୍ଭିସ କମିଶନ ପକ୍ଷରୁ ରାଜ୍ୟର ନିଯୁକ୍ତି ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ପ୍ରାଣୀଙ୍କ ଲାଟରାଲିଟି

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତୁରନ୍ତ ନକଲି ଫିଲିପ୍ କୋଟଲର ଆୱାର୍ଡ ଫେରାଇଦେବା ଉଚିତ।

**–ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା**

### କିଛି ତଥ୍ୟ

୨୦୧୮ ଏପ୍ରିଲ-ଡିସେମ୍ବର ସମୟରେ ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ କମ୍ପାନିଗୁଡ଼ିକ ୪୭.୪୬୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିଛନ୍ତି।

– ଇସ୍ପାତ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 16.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 75 | 126 | 136 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


## ୨୦୧୪ରୁ ଅଦ୍ୟାବଧି କେତେ ଲୋକଙ୍କୁ ଚାକିରି ଦିଆଯାଇଛି କେନ୍ଦ୍ରକୁ ଜଣାନାହିଁ

# ନିଯୁକ୍ତି ବାଟବଣା

ନୂଆଦିଲ୍ଲୀ,୧୬।୧

■ କର୍ମ ସଂସ୍ଥାନ ଅଭିବୃଦ୍ଧି ନେଇ ବାସ୍ତବ ତଥ୍ୟର ଅଭାବ

■ ସଂସଦୀୟ କମିଟି ଆଗରେ ଏହା ସ୍ୱୀକାର କରିଛନ୍ତି ସରକାର

■ ଲୋକ ସଭାରେ ଉପସ୍ଥାପିତ ହେବ ଏଷ୍ଟିମେଟ କମିଟି ରିପୋର୍ଟ

■ ମୁରଲୀ ମନୋହର ଜୋଷୀ କମିଟି ଅଧକ୍ଷ

କେନ୍ଦ୍ରର ଏନ୍‌ଡିଏ ସରକାର କେତେବେଳେ କୋଟି କୋଟି ଚାକିରି ଆଶାୟୀଙ୍କୁ କର୍ମସଂସ୍ଥାନ ପ୍ରଦାନ କରାଯାଇଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଆଉ କେତେବେଳେ ଏହାର ନେତାମାନେ ଯୁବତୀଯୁବକଙ୍କୁ ପକୁଡ଼ି ଛାଣି ଆତ୍ମନିଯୁକ୍ତିର ପରାମର୍ଶ ଦେଉଛନ୍ତି। ଏବେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଲା ନିଯୁକ୍ତି ଅଭିବୃଦ୍ଧି ନେଇ ମୋଦି ସରକାରଙ୍କ ପାଖରେ ବାସ୍ତବ ତଥ୍ୟ ନାହିଁ ବୋଲି ଖୋଦ୍ ସରକାର ସ୍ୱୀକାର କରିଛନ୍ତି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ଏ ସମ୍ପର୍କିତ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବାକୁ ଯାଉଛି।

୨୦୧୪ ମେ ୨୬ରେ କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ହୋଇଥିଲେ। ସେବେଠୁ ଅଦ୍ୟାବଧି ଦେଶରେ କେତେସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି, ସେନେଇ ସରକାରଙ୍କ ପାଖରେ ତଥ୍ୟ ନାହିଁ। ଏକ ସଂସଦୀୟ କମିଟି ଆଗରେ ମୋଦି ସରକାର ଏହି ବିଷୟ ସ୍ୱୀକାର କରିଛନ୍ତି। ଜୋଷୀ ଅଧକ୍ଷତା କରୁଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସମ୍ପର୍କିତ ଆକଳନ କମିଟି ସହ କେନ୍ଦ୍ର ସରକାର ବିଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଭାରତରେ ନିଯୁକ୍ତିର ମାନଦଣ୍ଡ ଭାବେ ଗ୍ରହଣ କରିହେବା ଭଳି ଏକ ବିଶ୍ୱସନୀୟ ବ୍ୟବସ୍ଥା ଅଛି କି ନାହିଁ ଭଳି କେତେକ ପ୍ରସଙ୍ଗକୁ ନେଇ ଭାଜପା ଏବଂ ଏହି ସଂସଦୀୟ କମିଟିର କେତେଜଣ ସଦସ୍ୟ ଏକମତ ନୁହନ୍ତି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ଜୋଷୀଙ୍କ ରିପୋର୍ଟ ଲୋକ ସଭାରେ ଉପସ୍ଥାପିତ ହେବାକୁ ଯାଉଛି। ଏହା ସହ କମିଟିର ୩ ଭାଜପା ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିବା ପତ୍ର ପ୍ରଥମଥର ପାଇଁ ଉପସ୍ଥାପନ କରାଯିବ। ପ୍ରକୃତ ନିଯୁକ୍ତି ଅଭିବୃଦ୍ଧି ସହ କମିଟିର ନିଷ୍କର୍ଷ ମେଳ ଖାଉନାହିଁ ବୋଲି ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଭାଜପାର କେତେଜଣ ସଦସ୍ୟ ଯୁକ୍ତି ବାଢ଼ିଥିବା ନିଃସନ୍ଦେହରେ କୁହାଯାଇପାରେ। ଅନ୍ୟପକ୍ଷରେ ମୁଦ୍ରା ଋଣ ପ୍ରଦାନରେ ବୃଦ୍ଧି ଘଟିଛି। ଏହାସହ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ରେ ନୂଆ ପଞ୍ଜୀକରଣଗୁଡ଼ିକରୁ ନିଯୁକ୍ତି ଅଭିବୃଦ୍ଧି ପ୍ରତିଫଳିତ ହେଉଛି ବୋଲି ୨୦୧୮ରେ ବର୍ଷସାରା ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ଅନେକ ବରିଷ୍ଠ ମନ୍ତ୍ରୀ ଯୁକ୍ତି ବାଢ଼ୁଥିଲେ। ତେବେ ସଂସଦୀୟ କମିଟି ନିଯୁକ୍ତି ତଥ୍ୟ ସଂଗ୍ରହର ☞ପୃଷ୍ଠା-୨

# ଓଟିଇଟି ପ୍ରଶ୍ନପତ୍ର ଲିକ୍



ଓଟିଇଟି ବାତିଲ୍ ପରେ କଟକ ବୋର୍ଡ ହାଇସ୍କୁଲ୍ ପରୀକ୍ଷା କେନ୍ଦ୍ର ପରିସରରେ ଅସନ୍ତୁଷ୍ଟ ପରୀକ୍ଷାର୍ଥୀ।

କଟକ ଅଫିସ, ୧୬।୧

■ ଭାଇରାଲ୍ ପରେ ପରୀକ୍ଷା ବାତିଲ

■ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ବୋର୍ଡର ଚିଠି

■ କାନ୍ଦି କାନ୍ଦି ଘରକୁ ଫେରିଲେ ପରୀକ୍ଷାର୍ଥୀ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଛି। ସୋସିଆଲ୍ ମିଡିଆରେ ତାହା ଭାଇରାଲ ହେବା ପରେ ବୋର୍ଡ ପକ୍ଷରୁ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଘଟଣାର ତଦନ୍ତ ନିମନ୍ତେ ବୋର୍ଡ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ଚିଠି କରାଯାଇଛି। ମାର୍ଚ୍ଚ ୮ରେ ମାଟ୍ରିକ ପରୀକ୍ଷା ସରିବା ପରେ ପୁନର୍ବାର ଓଟିଇଟି ପରୀକ୍ଷା ପାଇଁ ଦିନଧାର୍ଯ୍ୟ କରାଯିବ ବୋଲି ବୋର୍ଡ ସଭାପତି ଡ. ଜାହାନାରା ବେଗମ୍ ସୂଚନା ଦେଇଛନ୍ତି।

ବୁଧବାର ଥିଲା ଓଟିଇଟି ପରୀକ୍ଷା। ସକାଳ ୧୦ଟାରୁ ଅପରାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ଥିଲା। ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। ରାଜ୍ୟର ୨୫୦ଟି କେନ୍ଦ୍ରରେ ମୋଟ ୧ ଲକ୍ଷ ୧୨ହଜାର ୭୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ। ହେଲେ ଉଭୟ ପେପର-୧ ଓ ପେପର-୨ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖିବାକୁ ☞ପୃଷ୍ଠା-୨

# କଲରାପତରିଆ ମୃତଦେହ ଉଦ୍ଧାର

■ ରେଙ୍ଗାଲି ଜଳ ଭଣ୍ଡାରରେ ଭାସୁଥିଲା

■ ବନ ବିଭାଗର ତଦନ୍ତ ଆରମ୍ଭ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ମୃତ୍ୟୁର କାରଣ



ଜଳଭଣ୍ଡାର ପରିସରରେ ପଡ଼ିଥିବା ବାଘର ମୃତଦେହ।

ପାଲଲହଡ଼ା, ୧୬।୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ଅଞ୍ଚଳରେ ଥିବା ରେଙ୍ଗାଳି ଜଳଭଣ୍ଡାରରୁ ବୁଧବାର ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବାଘର ବୟସ ୫ରୁ ୬ ବର୍ଷ ହେବ। ତେବେ କେଉଁ କାରଣରୁ ବାଘର ମୃତ୍ୟୁ ଘଟିଛି ତାହା ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

ପ୍ରକାଶ ଯେ, ଜଳଭଣ୍ଡାରର ମାଙ୍କଡତୁଆ ଗାଁ ନିକଟରେ ସକାଳେ ବାଘ ମରି ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପ୍ରଚାରିତ ହେବା ପରେ ସେଠାକୁ ଲୋକଙ୍କ ସୁଅ ଛୁଟିଥିଲା। ☞ପୃଷ୍ଠା-୨

# କଂଗ୍ରେସରୁ ନବ ଦାସଙ୍କ ଇସ୍ତଫା

ଭୁବନେଶ୍ୱର, ୧୬।୧(ବ୍ୟୁରୋ)



■ ଖୁବ୍‌ଶୀଘ୍ର ଛାଡ଼ିପାରନ୍ତି ବିଧାୟକ ପଦ

■ ଇସ୍ତଫା ପରେ ବହିଷ୍କାର

ଦୀର୍ଘଦିନ ଧରି ଲାଗି ରହିଥିବା ଚର୍ଚ୍ଚାର ଶେଷରେ ଅବସାନ ଘଟିଛି। କଂଗ୍ରେସ ଛାଡିବା ତାଲିକାରେ ପୁଣିଥରେ ଜଣେ ଆଗ ଧାଡ଼ି ନେତାଙ୍କ ନାମ ଯୋଡ଼ି ହୋଇଯାଇଛି। ଝାରସୁଗୁଡା ବିଧାୟକ ନବ ଦାସ ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଦୀର୍ଘଦିନ ହେବ ନବଙ୍କ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ନିକଟରେ ଥରେ ଦୁଇଥର ସେ ଚର୍ଚ୍ଚାକୁ ଅସ୍ୱୀକାର କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ସେ କଂଗ୍ରେସରୁ ଲଢିବେ ବୋଲି କହୁଥିଲେ। ଶେଷରେ କିନ୍ତୁ ଚର୍ଚ୍ଚା ସତ ହୋଇଛି, ନବ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାସହ ସେ ତାଙ୍କ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ଦଳ ଛାଡିବା ନେଇ ନବ କାହାରିକୁ ଦୋଷ ଦେଇନାହାନ୍ତି, ଝାରସୁଗୁଡ଼ାବାସୀଙ୍କ ମତାମତକୁ ଆଧାର କରି ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଖୁବ୍‌ଶୀଘ୍ର ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ମଧ୍ୟ ସେ କହିସାରିଛନ୍ତି। ହେଲେ ନବ ଇସ୍ତଫା ଦେବାର କିଛି ସମୟ ପରେ ତାଙ୍କୁ ଦଳରୁ ବହିଷ୍କାର କରିଦିଆଯାଇଛି। ଏହି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଦଳର ଆଉ କେତେଜଣ ବିଧାୟକ ଖୁବ୍‌ଶୀଘ୍ର କଂଗ୍ରେସ ଛାଡି ବିଜେଡିରେ ☞ପୃଷ୍ଠା-୨

## ନାବାଳକଙ୍କୁ ଅପହରଣ ପରେ ହତ୍ୟା ଘଟଣା

# ଅଭିଯୁକ୍ତ ସମ୍ପର୍କୀୟ ମାମୁ ଗିରଫ

ବ୍ରହ୍ମପୁର ଅଫିସ୍,୧୬।୧



ଦେବାଶିଷ ପଣ୍ଡା

■ ମା' ପାଇଁ ଶିଶୁକୁ କରିଥିଲେ ହତ୍ୟା

■ ତାରାତାରିଣୀ ଜଙ୍ଗଲରୁ ମିଳିଲା ଗଳିତ ମୃତଦେହ

ବ୍ରହ୍ମପୁର ସହର ଗୋଷାଣୀନୂଆଗାଁ ଥାନା ଅଧୀନ ସଦାନନ୍ଦ ବିହାର ସପ୍ତମ ଲେନ୍‌ର ଜଣେ ୭ବର୍ଷର ନାବାଳକଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ବୁଧବାର ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ଗୌଡସାହିର ଦେବାଶିଷ ପଣ୍ଡା (୩୦)। ସୋନପୁର ଜିଲା ଡୁଙ୍ଗୁରିପାଲି ଗ୍ରାମରେ ଥିବା ତାଙ୍କ ବନ୍ଧୁଘରୁ ଦେବାଶିଷଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା। ବୁଧବାର ସକାଳେ ଅଂଶୁମାନଙ୍କ ମୃତଦେହ ତାରାତାରିଣୀ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ☞ପୃଷ୍ଠା-୨

# ଧାର୍ଯ୍ୟ ଦିବସ ପୂରଣ କରୁନାହିଁ ଓଡ଼ିଶା ବିଧାନସଭା

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ବିଧାନସଭା ଗଣତନ୍ତ୍ରର ମନ୍ଦିର ସଦୃଶ। ଏଠାରେ ହିଁ ରାଜ୍ୟ ପାଇଁ ଶାସନ ଖସଡା ପ୍ରସ୍ତୁତ ହୋଇଥାଏ। ରାଜ୍ୟ ତଥା ଜାତୀୟ ସ୍ୱାର୍ଥ ସମ୍ପର୍କିତ ସମସ୍ତ ବିଷୟରେ ବିତର୍କ ହୋଇଥାଏ। ବଜେଟ୍ ଉପସ୍ଥାପନଠାରୁ ବିଭିନ୍ନ ପ୍ରଶ୍ନର ଉତ୍ତର ଅଧିବେଶନରେ ମିଳିଥାଏ। ନିଜ ଅଞ୍ଚଳର ସମସ୍ୟାକୁ ଉପସ୍ଥାପିତ କରିବା ପାଇଁ ବିଧାୟକଙ୍କୁ ସୁଯୋଗ ମିଳେ। ହେଲେ ଗଣତନ୍ତ୍ର ଯେତିକି ପୁରୁଣା ହେଉଛି, ବିଧାନସଭା ଅଧିବେଶନ ଦିନଗୁଡିକ ସେତିକି ହ୍ରାସ ପାଇବାରେ ଲାଗିଛି। ଏହା ସୂଚନା ଅଧିକାର ଜରିଆରେ ହସ୍ତଗତ ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଏମିତି କି ବିଭିନ୍ନ ଆଳ ଦେଖାଇ ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ବିଧାନସଭାକୁ ବନ୍ଦ କରି ଦିଆଯାଉଛି, ଯାହାକୁ ନେଇ ପୂର୍ବତନ ବିଧାୟକ, ମନ୍ତ୍ରୀ ଏବଂ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେଜଣ ରାଜନେତା ଶାସକ ଦଳର ଇଚ୍ଛା ଏବଂ ଅଫିସରମାନଙ୍କ ମନମାନିକୁ ଦାୟୀ କରିଛନ୍ତି।

ଗତ ନଭେମ୍ବର ୧୬ରେ ପଞ୍ଚଦଶ ବିଧାନସଭାର ଶୀତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନ ଡିସେମ୍ବର ୧୫ ଯାଏ ଚାଲିବା ନେଇ ସ୍ଥିରୀକୃତ ହୋଇଥିଲା। ମୋଟ କାର୍ଯ୍ୟ ଦିବସ ୨୩ ଦିନ ରଖାଯାଇଥିଲେ ମଧ୍ୟ ଏହା ମାତ୍ର ୫ ଦିନ ଚାଲିଥିଲା। କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ବନ୍ଦକୁ ଶାସକ ଦଳ ପକ୍ଷରୁ ଯଥାର୍ଥ ଦର୍ଶାଯାଇଥିଲା। ☞ପୃଷ୍ଠା-୨

ବିଧାନସଭା ଅଧିବେଶନ

| ମସିହା | ଧାର୍ଯ୍ୟଦିନ | ଗୃହ ଚାଲିବା ଦିନ |
| --- | --- | --- |
| ୨୦୦୯ | ୬୧ | ୫୧ |
| ୨୦୧୦ | ୬୦ | ୬୦ |
| ୨୦୧୧ | ୬୦ | ୫୪ |
| ୨୦୧୨ | ୬୦ | ୬୦ |
| ୨୦୧୩ | ୬୦ | ୫୨ |
| ୨୦୧୪ | ୫୯ | ୪୮ |
| ୨୦୧୫ | ୬୨ | ୫୨ |
| ୨୦୧୬ | ୬୪ | ୪୫ |
| ୨୦୧୭ | ୬୫ | ୪୮ |
| ୨୦୧୮ | ୬୫ | ୪୨ |



## ସଂକ୍ଷେପରେ

### ନୂଆ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି
## ୨୪ରେ ଚୟନ କମିଟି ବୈଠକ

**ନୂଆଦିଲ୍ଲୀ,୧୬।୧(ପି.ଟି.):** ନୂଆ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଲାଗି ଆସନ୍ତା ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ବୈଠକ ବସୁଥିବା ଜଣାପଡିଛି। ଏହି କମିଟିରେ ପ୍ରଧାନ ବିଚାରପତି ଏବଂ ଲୋକ ସଭାରେ କଂଗ୍ରେସ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେ ସଦସ୍ୟ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୧ ତାରିଖରେ ଉକ୍ତ ବୈଠକ ବସିବାକୁ ଥିବାବେଳେ ଏହାକୁ ୨୪ କିମ୍ବା ୨୫ ତାରିଖକୁ ଘୁଞ୍ଚାଇବା ଲାଗି ଖାର୍ଗେ ଚାହିଁଥିଲେ। ଆପୋସ ପରାମର୍ଶକ୍ରମେ ୨୪ରେ ବୈଠକ କରିବା ଲାଗି ସରକାର ଚୂଡାନ୍ତ କରିଛନ୍ତି। ଆଲୋକ ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ତାଙ୍କୁ ଅଗ୍ନିଶମ ବିଭାଗ ଡିଜି ନିଯୁକ୍ତ କରାଯିବା ପରେ ସେ ଇସ୍ତଫା ଦେଇଥିଲେ। ଏବେ ଆଇପିଏସ୍ ଅଫିସର ଏମ. ନାଗେଶ୍ୱର ରାଓ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଅଛନ୍ତି। ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରାଯାଉ ନ ଥିବାରୁ କଂଗ୍ରେସ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ବେଆଇନ ବୋଲି ଦର୍ଶାଇ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରିବା ଲାଗି ତୁରନ୍ତ ଚୟନ କମିଟି ବୈଠକ ଡାକିବାକୁ ଖାର୍ଗେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଥିଲେ।

## ସତ୍ୟଜିତ ନାୟକ ଏନ୍ଆଇଏ ଏସ୍ପି ନିଯୁକ୍ତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ୨୦୦୮ ବ୍ୟାଚ୍ର ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ସତ୍ୟଜିତ ନାୟକ ଏନ୍ଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)ର ଆରକ୍ଷୀ ଅଧୀକ୍ଷକ(ଏସ୍ପି) ଭାବେ ନିଯୁକ୍ତ ହୋଇଛନ୍ତି। ସେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍ଟିଏଫ୍ ଏସ୍ପି ଭାବେ କାର୍ଯ୍ୟ ଭାର ତୁଲାଉଥିଲେ। ସତ୍ୟଜିତ ୪ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯିବା ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ୧୫ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଡେପୁଟେଶନରେ ଯିବା ପରେ ସେ ଏନ୍ଆଇଏ ଏସ୍ପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଗ୍ୟାଙ୍ଗଷ୍ଟର ଟିଟୋ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରିବାରେ ସତ୍ୟଜିତଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥିସହ ସେ ଅନ୍ତର୍ଜାତୀୟ ବଜ୍ରକାପ୍ତା ଚୋରା ଚାଲାଣ ର୍ୟାକେଟ୍ର ପର୍ଦ୍ଦାଫାଶ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ଆଜିଠୁ ୩ ଦିନିଆ ଆଇପିଏସ୍ ସମ୍ମିଳନୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଗୁରୁବାରଠାରୁ ଅରମ୍ଭ ହେବ ୬୧ତମ ଆଇପିଏସ୍(ଭାରତୀୟ ପୋଲିସ ସେବା) ସମ୍ମିଳନୀ। ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହାକୁ ଉଦ୍‌ଘାଟନ କରିବେ। ସମ୍ମିଳନୀରେ ସମସ୍ତ ଜିଲାର ଏସ୍ପି, ଡିଏସ୍ପି, ସମସ୍ତ ପୋଲିସ ବାଟାଲିୟନର କମାଣ୍ଡାଣ୍ଟ, ରେଞ୍ଜ ଆଇଜି, ଡିଆଇଜି, ପୋଲିସ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅଣ୍ଡର ଟ୍ରେନିଂ ଆଇପିଏସ୍ ଅଫିସରମାନେ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ସଡ଼କ ସୁରକ୍ଷା, ମାଓବାଦୀ ଦମନ ଓ ବିଭିନ୍ନ କାର୍ଯ୍ୟକ୍ରମରେ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା ହେବ।

### ମହିଳା ଓ ଶିଶୁ ବିକାଶ ଚିନ୍ତା
## ୧୦୮ ନୂତନ ପଦବୀ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କର ମଙ୍ଗଳ ପାଇଁ ଗୁରୁତ୍ୱ ଦେଇଆସୁଛନ୍ତି। ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) ସଂସ୍ଥାଗୁଡିକ ଏ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସଂସ୍ଥାଗୁଡିକୁ ଆହୁରି ମଜଭୁତ କରିବାକୁ ସବ୍‌ଡିଭିଜନ, ଜିଲା ଓ ରାଜ୍ୟସ୍ତରରେ ଆବଶ୍ୟକ ମାନବ ସମ୍ବଳ ଯୋଗାଇଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଇସିଡିଏସ୍ ଯୋଗାଇ ଦେଉଥିବା ସେବାଗୁଡିକୁ ଆହୁରି କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ସବଡିଭିଜନ ସ୍ତରରେ ୯୩ଟି ପ୍ରୋଗ୍ରାମ ଅଫିସର ପଦବୀ ସୃଷ୍ଟି କରିଛନ୍ତି। ସେହିପରି ଜିଲାସ୍ତରରେ ୧୩ଟି ଜିଲା ସମାଜ ମଙ୍ଗଳ ଅଧିକାରୀ ପଦବୀ ଓ ରାଜ୍ୟସ୍ତରରେ ୨ଟି ଡେପୁଟି ଡାଇରେକ୍ଟ କମ୍ ଡେପୁଟି ସେକ୍ରେଟାରୀ ପଦବୀ ସୃଷ୍ଟି କରାଯାଇଛି। ବୁଧବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି।




# କେନ୍ଦ୍ର ମନ୍ତ୍ରୀ ଗଡ଼କରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ■ ରାଜ୍ୟ ପ୍ରସ୍ତାବକୁ ତୁରନ୍ତ ଅନୁମୋଦନ କର

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ରାଜ୍ୟ ସରକାର କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିକଟକୁ କେନ୍ଦ୍ରୀୟ ରାସ୍ତା ପାଣ୍ଠି(ସିଆରଏଫ) ଯୋଜନାରେ ୨୦୧୮ ଡିସେମ୍ବର ୨୦ ତାରିଖରୁ ୧୨୬୧.୯୮ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରିଛନ୍ତି। ସମୁଦାୟ ୩୦ଟି ପ୍ରସ୍ତାବ ମଧ୍ୟରୁ ରାସ୍ତା ସମ୍ପ୍ରସାରଣ ଓ ମରାମତି ପାଇଁ ୨୯ଟି ପ୍ରସ୍ତାବ ଦିଆଯାଇଥିବା ବେଳେ ଗୋଟିଏ ପ୍ରସ୍ତାବ ଜାତୀୟ ରାଜପଥ -୧୬ ଯାଇଥିବା ସୁବର୍ଣ୍ଣରେଖା ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଦିଆଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ କୌଣସି ସବୁଜ ସଙ୍କେତ ମିଳି ନାହିଁ। ପ୍ରକଳ୍ପ ଅନୁମୋଦନ ନେଇ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସେଥିରୁ କେବଳ ପୁରୀ ଜିଲାରେ ଗୋଟିଏ ରାସ୍ତା ପ୍ରକଳ୍ପ ପର୍ଯ୍ୟଟକମାନଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ ରାଜ୍ୟର ୧୩ଟି ଆଦିବାସୀ ଓ ପଛୁଆ ଜିଲା ମଧ୍ୟଦେଇ ଯାଉଛି। ଓଡିଶା ପାଇଁ ସିଆରଏଫରୁ ଗତବର୍ଷ କିମ୍ବା ଚଳିତ ବର୍ଷ ଗୋଟିଏ ହେଲେ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ କରାଯାଇ ନାହିଁ। ରାଜ୍ୟର ଆଦିବାସୀ ଓ ପଛୁଆ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବଗୁଡିକୁ ଶୀଘ୍ର ଅନୁମୋଦନ କରିବାକୁ ମୁଖ୍ୟମନ୍ତ୍ରୀ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଏବଂ ଭଇଁସାପାଲି ମଧ୍ୟରେ ଏକ ଯାତ୍ରୀବାହି ଟ୍ରେନ ଏବଂ ନୟାଗଡ ସହରରୁ ଏକ୍ସପ୍ରେସ ଟ୍ରେନ କୋଲକତା ଓ ବିଶାଖାପାଟଣାକୁ ଚଳାଇବାକୁ ଚଳିତ ମାସ ୪ ତାରିଖରେ କେନ୍ଦ୍ର ରେଳ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ୨୦୧୮ ଅକ୍ଟୋବରରୁ ବଲାଙ୍ଗୀର ଏବଂ ଭଇଁସାପାଲି ସେକ୍ସନ ପାଇଁ ସୁରକ୍ଷା ସମ୍ପର୍କିତ ଅନୁମତି ମିଳି ସାରିବା ପରେ ମଧ୍ୟ ଟ୍ରେନ ଚଳାଚଳ ଆରମ୍ଭ ହୋଇ ନାହିଁ। ଏହି ସେକ୍ସନ ପାଇଁ ଯାତ୍ରୀବାହି ଟ୍ରେନ ଚଳାଇବାକୁ ମୁଖ୍ୟମନ୍ତ୍ରୀ ଦାବି କରିବା ସହ ନୟାଗଡ ସହରରୁ ଭାୟା ବିଶାଖାପାଟନମ ଦେଇ କୋଲକେତା ମଧ୍ୟରେ ଏକ ଏକ୍ସପ୍ରେସ ଟ୍ରେନ ଚଳାଇବାକୁ ଦାବି କରିଛନ୍ତି।

# ବିଜେଡି ଫୋକସରେ ପଶ୍ଚିମ ଓଡ଼ିଶା

**ଝାରସୁଗୁଡ଼ା ଅଫିସ,୧୬।୧**

ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବୁଧବାର କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ଘୋଷଣା ପରେ ବହୁ ଦିନର କଳ୍ପନାଜଳ୍ପନାର ଅବସାନ ଘଟିଛି। ସେ ବିଜେଡିରେ ମିଶିବେ ବୋଲି ସ୍ପଷ୍ଟ କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ସିଟ୍କୁ ନିଶ୍ଚିତ କରିବା ଓ ସୁରକ୍ଷିତ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ଉଭୟ ଭାଜପା ଓ କଂଗ୍ରେସର ଭୋଟବ୍ୟାଙ୍କ ସୁଦୃଢ ରହିଛି। ଏହାକୁ ପ୍ରତିହତ କରିବାକୁ ବିଜେଡି ଝାରସୁଗୁଡ଼ା ବିଧାୟକ ନବ ଦାସଙ୍କୁ ନିଜ କ୍ୟାମ୍ପକୁ ଆଣିବାକୁ ସୁଚିନ୍ତିତ ଯୋଜନା କରୁଥିବା କୁହାଯାଉଛି । ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝାରସୁଗୁଡା ଆସୁଛନ୍ତି। ସେଦିନ ହିଁ ନବ ଦାସ ବିଜେଡିରେ ନିଜ ସମର୍ଥକଙ୍କ ସହ ମିଶି ନିଜର ଶକ୍ତି ପ୍ରଦର୍ଶନ କରିବେ ବୋଲି ଜଣାପଡିଛି ।

କଂଗ୍ରେସ କାର୍ଯ୍ୟକାରୀ ସଭାପତି ଥିବା ବିଧାୟକ ଦାସଙ୍କ ପଶ୍ଚିମ ଓଡ଼ିଶା ରାଜନୀତିରେ ଦଖଲ ରହିଛି। ଏହାର ନମୁନା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଦେଖାଇ ସାରିଛନ୍ତି। ଝାରସୁଗୁଡ଼ା ଜିଲାର ମୋଟ ୯ଟି ଜିଲା ପରିଷଦ ଜୋନରୁ ୮ଟି ଏବଂ ସମସ୍ତ ୫ଟି ବ୍ଲକ୍ର ଅଧ୍ୟକ୍ଷ ପଦ କଂଗ୍ରେସ ଅକ୍ତିଆର କରିଥିଲା। ଏଥିରେ ଭାଜପା ଓ ବିଜେଡି ସମ୍ପୂର୍ଣ୍ଣ ନିରାଶ ହୋଇଥିଲେ। ସରକାରଙ୍କ ଲଗାତର ୧୯ ବର୍ଷର ଶାସନ ପରେ ପଶ୍ଚିମ ଓଡ଼ିଶାରେ ସରକାର ବିରୋଧୀ ହାୱା ବହୁଛି। ଏହି ସରକାର ବିରୋଧୀ ହାୱାକୁ ପ୍ରତିହତ କରିବା ପାଇଁ ବିଜେଡି ପଶ୍ଚିମ ଓଡ଼ିଶାର ଦକ୍ଷ ସଙ୍ଗଠକ ଭାବେ ପରିଚିତ ବିଧାୟକ ଦାସଙ୍କୁ ନିଜ ଦଳକୁ ନେଇ ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ ମନସ୍ଥ କରିସାରିଛି। ଅନ୍ୟପକ୍ଷେ ନବଙ୍କ ବିଜେଡିରେ ମିଶିବା ଘୋଷଣା ପରେ ପଶ୍ଚିମ ଓଡ଼ିଶାର ବିଜେଡିର ଟାଣୁଆ ନେତାମାନେ ପ୍ରମାଦ ଗଣିବା ଆରମ୍ଭ କଲେଣି। ପଶ୍ଚିମ ଓଡ଼ିଶାରେ ବିଜେଡିର ମଙ୍ଗ ହାତଗଣତି କେତେକ ନେତାଙ୍କ ହାତରେ ରହିଥିବା ବେଳେ ଆଗାମୀ ଦିନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନବଙ୍କୁ ଗୁରୁଦାୟିତ୍ୱ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

> ■ ନବଙ୍କୁ ମିଳିପାରେ ଗୁରୁଦାୟିତ୍ୱ
> ■ ବିଜେଡିରେ ଅସନ୍ତୋଷ କୁହୁଳୁଛି
> ■ ସମାଧାନ କରିବାକୁ ଆସୁଛନ୍ତି ପ୍ରଣବ,ସଞ୍ଜୟ

୨୦୧୪ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲାର ମୋଟ ୧୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଜେଡି ମାତ୍ର ୮ଟି ଆସନ ପାଇଥିଲା । ୧୧ଟି ଆସନରେ ପରାଜିତ ହୋଇଥିଲା । କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଭୋଟହାର ସାଙ୍ଘାତିକ ଭାବେ ହ୍ରାସ ପାଇଥିଲା । ଏହାକୁ ନେଇ ଦଳ ସୁପ୍ରିମୋଙ୍କ ଚିନ୍ତା ବଢିଯାଇଥିଲା । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପୂର୍ବରୁ ହରାଇଥିବା ଆସନରେ ବିଜୟୀ ହେବାକୁ ଚେଷ୍ଟା କରୁଛି। ନବଙ୍କୁ ଏଣ୍ଟ୍ରି କରାଇ ଏବଂ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ବ୍ୟବହାର କରି ବିଜେଡି ଅଧିକ ଆସନରେ ଜିତିବାକୁ ରଣନୀତି ପ୍ରସ୍ତୁତ କରୁଛି। ହେଲେ ପଶ୍ଚିମ ଓଡ଼ିଶାରେ ନିଜର ପତିଆରା ଜାହିର କରିଥିବା ବିଜେଡି ନେତାମାନେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଖୋଲାଖୋଲି ବିରୋଧ ନ କଲେ ମଧ୍ୟ ସେମାନଙ୍କ ଭିତରେ ଅସନ୍ତୋଷ କୁହୁଳୁଛି। ଏହି ଅସନ୍ତୋଷକୁ ପ୍ରଶମିତ କରିବାକୁ ଖୁବ୍‌ଶୀଘ୍ର ଦଳୀୟ ବ୍ୟାପାର ବୁଝୁଥିବା ଯୁବ ନେତା ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମା ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ସେମାନଙ୍କ ଝାରସୁଗୁଡ଼ା ଗସ୍ତର ମୁଖ୍ୟ ପ୍ରସଙ୍ଗ ହେଲା, ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳ କରାଇବା ଏବଂ ବିଜେଡିର ଛାମୁଆ ସଙ୍ଗଠନର ନେତାଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରି ଉଠୁଥିବା ଅସନ୍ତୋଷକୁ ପ୍ରଶମିତ କରିବା। ୨୦୧୯ ପାଇଁ ବିଜେଡି ଆପଣଉଥିବା ରଣନୀତି କେତେ ସଫଳ ସାବ୍ୟସ୍ତ ହେବ ତା'ର ଚିତ୍ର ଆଗାମୀ ନିର୍ବାଚନ ଫଳାଫଳ ପରେ ହିଁ ଜଣାପଡିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷେ କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ କହିଛନ୍ତି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର କିର୍ମିରା, କୋଲାବିରା ଏବଂ ଲଇକେରା ହେଉଛି କଂଗ୍ରେସର ଗଡ଼। ବିଧାୟକଙ୍କ କଂଗ୍ରେସ ତ୍ୟାଗ ଦଳର କିଛି କ୍ଷତି ହେବନି। ନବଙ୍କ ଦଳ ବଦଳ କଂଗ୍ରେସ ଓ ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର। ଏହାର କୌଣସି ପ୍ରଭାବ ଭାଜପା ଉପରେ ପଡିବ ନାହିଁ। ଭାଜପା ନିଜ ଶକ୍ତିରେ ନିର୍ବାଚନ ଲଢିବ। ସେଥିପାଇଁ ଦଳ ପ୍ରସ୍ତୁତ ବୋଲି ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର ମହାନ୍ତି ପୂର୍ବରୁ କହିଥିଲେ ନବ କଂଗ୍ରେସ ଛାଡ଼ି ଆସୁଛନ୍ତି। ସେ ବିଜେଡିର ପତାକା ଧରିବେ। ଏଥିରେ ଆମର କିଛି କହିବାର ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଆମେ ଗ୍ରହଣ କରିବୁ। ତାଙ୍କ ନିର୍ଦ୍ଦେଶ ମାନି ଚଳିବୁ।

# ୨୦୨୨ ସୁଦ୍ଧା ସବୁ ଜିଲାରେ ପହଞ୍ଚିବ ସିଏନ୍‌ଜି



ପିସିଆର୍ଏ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୬।୧**

ବର୍ତ୍ତମାନ ସୁଦ୍ଧା ଦେଶର ୪୦୦ ଜିଲାରେ ସିଏନ୍‌ଜି ଉପଲବ୍ଧ ହେଉଛି। ଆଗାମୀ ୨୦୨୨ ବେଳକୁ ଦେଶର ସବୁ ଜିଲାରେ ଏହାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାଗୁଡ଼ିକରେ ସିଏନ୍‌ଜି ପହଞ୍ଚାଇ ସମସ୍ତଙ୍କୁ ଶକ୍ତି ସଂରକ୍ଷଣର ଦାୟିତ୍ୱ ନେବାକୁ ପଡ଼ିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରର ଜୟଦେବ ଭବନଠାରେ ଅନୁଷ୍ଠିତ ପେଟ୍ରୋଲିୟମ କନଜରଭେସନ ରିସର୍ଚ୍ଚ ଆସୋସିଏଶନ(ପିସିଆର୍ଏ) ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ କହିଛନ୍ତି, ଶକ୍ତି ସଂରକ୍ଷଣ ସଂକ୍ରାନ୍ତ ସଚେତନତାକୁ ବଢାଇବାର ଆବଶ୍ୟକତା ରହିଛି। ସଚେତନତାକୁ କେବଳ ସ୍କୁଲସ୍ତରରେ ସମୀତ ନ ରଖି ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ଉଚିତ।

ସେ କହିଛନ୍ତି ଯେ, ସାମାଜିକ ଗଣମାଧ୍ୟମ ଯୁଗରେ ଏଭଳି ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତଙ୍କ ଯୋଗଦାନ ଜରୁରୀ। ଆଗାମୀ ଦିନରେ ଇନ୍ଧନ ଖର୍ଚ୍ଚରେ ବିଶେଷ ବୃଦ୍ଧି ଘଟିବ। ୨୦୧୪ ସୁଦ୍ଧା ଦେଶରେ ୧୩ କୋଟି ଗ୍ୟାସ ସଂଯୋଗ ରହିଥିବା ବେଳେ ଗତ ୪ ବର୍ଷରେ ଏହା ୨୬ କୋଟିକୁ ବୃଦ୍ଧି ଘଟିଛି। ଗ୍ରାମାଞ୍ଚଳରେ ମୋଟର ସାଇକେଲ କ୍ରୟ ବୃଦ୍ଧି ହେଉଥିବା ଯୋଗୁ ପେଟ୍ରୋଲ ବ୍ୟବହାରରେ ବୃଦ୍ଧି ପରିଲକ୍ଷିତ ହେଉଥିବା ସେ ପ୍ରକାଶ କରିଛନ୍ତି। ଶକ୍ତି ସଂରକ୍ଷଣ ନେଇ ପ୍ରଥମେ ଗାଡ଼ି ଚାଳକଙ୍କ ସଚେତନତା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସେ ଶକ୍ତି ସଂରକ୍ଷଣ ନେଇ ଶପଥ ପାଠ କରାଇଥିଲେ। ଏଥିରେ ଇଣ୍ଡିଆନ ଅଏଲ ସିଜିଏମ ପ୍ରତୀଶ ଭରତ, ବିପିସିଏଲ୍ ରିଟେଲ ଷ୍ଟେଟହେଡ ଦେବାଶିଷ ପାଲିତ, ଏଚ୍‌ପିସିଏଲ୍ ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଏଲଏସ୍ ଡିଜିଏମ୍ ଅଶୋକ କୁମାର, ପିସିଆର୍ଏ ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ପି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାବିତ୍ କମରୁଦ୍ଦିନ ଖାନ୍‌ଙ୍କ ପରଲୋକ

**କଟକ ଅଫିସ, ୧୬।୧**



ରାଜ୍ୟର ଜଣାଶୁଣା ଶିକ୍ଷାବିତ୍ ତଥା ଇଂଲିଶ ଭାଷା ବିଷାରଦ ପ୍ରଫେସର ଡ. ମହମ୍ମଦ କମରୁଦ୍ଦିନ ଖାନ୍‌ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଭୋର ସାଢେ ୪ଟାରେ ଡ. ଖାନ ନମାଜ ପଢିବା ପାଇଁ ଉଠିଥିଲେ। ବାଥ୍ ରୁମ୍‌କୁ ଯାଉଥିବା ସମୟରେ ହଠାତ୍ ପଡ଼ି ଯାଇଥିଲେ। ସେଠାରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ପୂର୍ବରୁ ଡ. ଖାନ୍‌ଙ୍କର ଓପନ ହାର୍ଟ ସର୍ଜରୀ ହୋଇଥିଲା। ଏହି ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସଇଦାନି ବଗିଚାସ୍ଥିତ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ।

୧୯୩୮ ଜାନୁୟାରୀ ୨୪ ତାରିଖରେ ପ୍ରଫେସର ଖାନ କଟକ ସଇଦାନି ବଗିଚା ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ୧୯୫୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ଶେଷ କରିବା ପରେ ରାଜ୍ୟର ପ୍ରଥମ ବ୍ୟକ୍ତି ଭାବେ ୧୯୮୨ରେ ଡିଲିଟ୍ ଡିଗ୍ରୀ ହାସଲ କରିଥିଲେ। ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ମୁଖ୍ୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଥିଲେ। ସେହିପରି ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଓଡ଼ିଶା ଟେକ୍ସଟ୍ ବୁକ୍ ବ୍ୟୁରୋର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ଡ. ଖାନ ହେଉଛନ୍ତି କଟକରେ ପ୍ରତିଷ୍ଠା ହୋଇଥିବା ମୌଲାନା ଆଜାଦ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଉପଦେଷ୍ଟା। ଏହାବ୍ୟତୀତ ସେ କଟକ ସମେତ ରାଜ୍ୟର ବହୁ ଶିକ୍ଷା, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ। କଦମରସୁଲଠାରେ ଡ. ଖାନ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପୋଲିସ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

## ■ ଭାଗନେଲେ ୯୯୯ ପ୍ରତିଯୋଗୀ

**କଟକ ଅଫିସ, ୧୬।୧**

୭୧ତମ ରାଜ୍ୟ ପୋଲିସ ଦୌଡକୁଦ ପ୍ରତିଯୋଗତା ୨୦୧୯ ବୁଧବାର ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ଏହାକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୩୧ ଦଳ, ବାଟାଲିୟନରୁ ୧୮, ବେତାର ଓ ରେଲ୍‌ୱେ ପ୍ରତିଷ୍ଠାନରୁ ୨ ଏବଂ କମିଶନରେଟ ପୋଲିସରୁ ୨ ଦଳକୁ ମିଶାଇ ମୋଟ ୫୩ ଦଳରେ ୯୯୯ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୮୦୦ ପୁରୁଷ ଓ ୧୯୯ଜଣ ମହିଳା ରହିଛନ୍ତି। ପୁରୁଷଙ୍କ ପାଇଁ ୨୩ଟି ବିଭାଗ ଓ ମହିଳାଙ୍କ ପାଇଁ ୧୩ ବିଭାଗ ରହିଛି। ୪ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୨ କିମି ମାରାଥନ ପ୍ରତିଯୋଗିତା ସହ ଦୌଡ, ହାଇ ଜମ୍ପ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ହର୍ଡଲ୍ସ, ଜାଭେଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ପୋଲ୍ ଭଲ୍ଟ, ସଟ୍‌ପୁଟ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗତା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।



ପୋଲିସ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବରେ ଡିସିପି ଅଖିଳେଶ୍ୱର ସିଂ, ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ।



"ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି।
-ଶ୍ରୀଅରବିନ୍ଦ



# ପ୍ରାଣୀଙ୍କ ଲାଟରାଲିଟି



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଏ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କଠାରୁ ମଣିଷ ନିଜକୁ ଅଲଗା ଭାବେ। କିନ୍ତୁ ସମୟକ୍ରମେ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ଯେଉଁସବୁ ବିଶେଷ ଗୁଣ ଓ ବୁଦ୍ଧିମତ୍ତାକୁ ନେଇ ମଣିଷ ନିଜକୁ ଶ୍ରେଷ୍ଠ ଭାବୁଛି, ସେସବୁ ଗୁଣ ପ୍ରାଣୀମାନଙ୍କଠାରେ ମଧ୍ୟ ଅଛି। ଉଦାହରଣସ୍ୱରୂପ କୀଟପତଙ୍ଗ, ମାଛ, କୁଆ ଓ ବଣମଣିଷ ମଧ୍ୟ ବିଭିନ୍ନ ଉପକରଣର ଉପଯୋଗ କରନ୍ତି। ଏଥିମଧ୍ୟରୁ ଗୋଟିଏ ହେଉଛି ମସ୍ତିଷ୍କର ବାମ ବା ଡାହାଣ ପଟକୁ ପ୍ରାଥମିକ ଭାବେ ଅଧିକ ବ୍ୟବହାର କରିବାର ଗୁଣ, ଯାହାକୁ ଇଂଲିଶରେ କୁହାଯାଏ ଲାଟରାଲିଟି। ପ୍ରାଣୀମାନଙ୍କର ମସ୍ତିଷ୍କର ଦୁଇପଟ ମଧ୍ୟ ପୂରା ସମାନ ନୁହେଁ ଏବଂ ଉଭୟର କାର୍ଯ୍ୟରେ ପାର୍ଥକ୍ୟ ଅଛି। ମସ୍ତିଷ୍କର ବାମପଟ ଶରୀରର ଦକ୍ଷିଣ ଅଙ୍ଗକୁ ନିୟନ୍ତ୍ରଣ କଲାବେଳେ ଡାହାଣପଟ ବାମ ଅଙ୍ଗକୁ ନିୟନ୍ତ୍ରଣ କରିଥାଏ।

ଅଧିକାଂଶ ଲୋକ ଡାଉଁଆ, କାରଣ ସେମାନଙ୍କ ବାମ ମସ୍ତିଷ୍କ ଡାହାଣ ଅଙ୍ଗକୁ ଅଧିକ ଶକ୍ତିଶାଳୀ କରିଥାଏ। ୯୦-୯୨ ପ୍ରତିଶତ ମଣିଷଙ୍କ ବାମ ମସ୍ତିଷ୍କ ସେମାନଙ୍କ ଭାଷାକୁ ନିୟନ୍ତ୍ରଣ କରିଥାଏ। ପ୍ରାଣୀମାନେ କ'ଣ ଏଥିରୁ ଅଲଗା? ଯଦିଓ ପ୍ରାଣୀମାନଙ୍କ ମସ୍ତିଷ୍କ ସଂରଚନାରେ ଅନେକ ପାର୍ଥକ୍ୟ ଅଛି, ତଥାପି ସେମାନଙ୍କଠାରେ ସମାନ ପ୍ରକାର ଲାଟରାଲିଟି ଦେଖିବାକୁ ମିଳିଥାଏ। ଅନେକ ପ୍ରାଣୀ କୌଣସି ଜିନିଷ ବିପଦପୂର୍ଣ୍ଣ କି ନୁହେଁ, ଜାଣିବା ପାଇଁ ତାକୁ ବାମ ଆଖିରେ ନିରେଖି ଦେଖିଥାନ୍ତି ଓ ତା'ଠାରୁ ଆସୁଥିବା ଶବ୍ଦକୁ ବାମ କାନରେ ହିଁ ବେଶି ଶୁଣିଥାନ୍ତି। ଏଥିରୁ ଜଣାପଡୁଛି ସେମାନଙ୍କ ମସ୍ତିଷ୍କର ଡାହାଣ ଭାଗ ହିଁ ଅଧିକ ସକ୍ରିୟ।

ବାମହାତୀ ମଣିଷମାନେ ସହଜରେ ମାନସିକ ଚାପଗ୍ରସ୍ତ ହୋଇପଡ଼ନ୍ତି। ଠିକ୍ ସେହିପରି ଚାପଗ୍ରସ୍ତ ହୁଅନ୍ତି ବାମଗୋଡ଼ିଆ କୁକୁର ଓ ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀ। ଡାହାଣହାତୀ ପ୍ରାଣୀମାନଙ୍କ ରୋଗନିରୋଧକ କ୍ଷମତା ଅଧିକ। ପ୍ରମୁଖ ପ୍ରାଣୀ ଆଚରଣ ବୈଜ୍ଞାନିକ କ୍ୟାକ୍‌ନିଲେଜ୍, ଷ୍ଟୁଦର୍ଟ-କେନେଡ଼ି ଓ ଲିଣ୍ଡବ୍ଲମ୍ ଦର୍ଶାଇଛନ୍ତି ଯେ, ମାକାକ୍ ମାଙ୍କଡ଼ (ଛୋଟ ଲାଞ୍ଜବାଲା ମାଙ୍କଡ଼ ବିଶେଷ) ବାମହାତକୁ ଅଧିକ ସ୍ୱଚ୍ଛନ୍ଦରେ ବ୍ୟବହାର କରିଥାନ୍ତି। ପ୍ରୋସିମିଆନ୍‌ମାନେ (ବୁଶ୍-ବେବି, ଲେମୁର ପ୍ରଭୃତି) ଅଧିକାଂଶ କାମ ପାଇଁ ଡାହାଣ ହାତ ବ୍ୟବହାର କରନ୍ତି, ଯେପରି ଗୋଟିଏ ଡାଳରୁ ଆଉ ଗୋଟିଏ ଡାଳକୁ ଡେଇଁବା ବେଳେ ସେହି ଡାଳକୁ ଡାହାଣ ହାତରେ ଧରନ୍ତି। କିନ୍ତୁ କୀଟପତଙ୍ଗଙ୍କୁ ଧରିବା ଭଳି ତ୍ୱରିତ କ୍ଷୁଦ୍ର ହସ୍ତସଂଚାଳନ କ୍ଷେତ୍ରରେ ବାମହାତ ବ୍ୟବହାର କରନ୍ତି। ଘୋଡ଼ାମାନେ ଡାହାଣ ନାକପୁଡ଼ାରେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ପସନ୍ଦ କରନ୍ତି। ଭାବପ୍ରବଣ ହୋଇପଡ଼ିବାବେଳେ ସେମାନେ ବାମଆଖିରେ ଦେଖିବାକୁ ପସନ୍ଦ କରନ୍ତି। ନିକଟରେ ପ୍ରାୟୋଗିକ ପ୍ରାଣୀ ଆଚରଣ ବିଜ୍ଞାନରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ୫୩ ପ୍ରତିଶତ ଘୋଡ଼ା ପ୍ରଥମେ ଡାହାଣ ଗୋଡ଼ରେ ଆଗେଇବାକୁ ପସନ୍ଦ କଲାବେଳେ ୪୦ ପ୍ରତିଶତ ବାମଗୋଡ଼ରେ ପ୍ରଥମେ ଆଗେଇବାକୁ ପସନ୍ଦ କରନ୍ତି ଏବଂ ୭ ପ୍ରତିଶତଙ୍କର ସେପରି କୌଣସି ପସନ୍ଦ ନ ଥାଏ। ରେସ୍‌ହର୍ସମାନେ ବି ସେପରି କରନ୍ତି, ମାତ୍ର ଯେତେବେଳେ ସେମାନେ ବାଙ୍କ ବୁଲନ୍ତି, ଆହତ ହୁଅନ୍ତି ବା କ୍ଳାନ୍ତ ହୋଇପଡ଼ିଥାନ୍ତି, ସେତେବେଳେ ସେମାନଙ୍କ ପସନ୍ଦ ବଦଳିଥାଏ।

କୁକୁରମାନେ ଦୁଇ ଆଗଗୋଡ଼ ମଧ୍ୟରୁ ଗୋଟିଏ ଆପଣଙ୍କ ହାତରେ ରଖିବାବେଳେ ସେମାନଙ୍କର ନିର୍ଦ୍ଦିଷ୍ଟ ପସନ୍ଦ ଥାଏ, ଯାହା କୋଳାହଳ ଆଦି ହେତୁ ଭୟଭୀତ ଥିବାବେଳେ ବଦଳିଯାଏ। ତାଲିମଦାତାମାନେ କୁକୁରଙ୍କ ଲାଟରାଲିଟି ଉପରେ ପରୀକ୍ଷା କରିଥାନ୍ତି- ସେମାନେ ତାଙ୍କ ଅନ୍ଧ ମାଲିକଙ୍କ ବାମପଟରେ ନା ଡାହାଣପଟରେ ଚାଲିବାକୁ ବେଶି ପସନ୍ଦ କରୁଛନ୍ତି। ଗୋରୁମାନେ କୌଣସି ନୂଆ ଜିନିଷ ଦେଖିଲାବେଳେ ବାମ ଆଖିରେ (ଯେପରି ମ୍ୟାଗ୍‌ପାଇ, କୁକୁଡ଼ା, ବେଙ୍ଗ ଓ ମାଛ କରନ୍ତି) ଏବଂ କୌଣସି ପରିଚିତ ଜିନିଷ ଦେଖିଲାବେଳେ ଡାହାଣ ଆଖିରେ ଦେଖିବାକୁ ପସନ୍ଦ କରନ୍ତି। ବାଦୁଡ଼ିମାନେ ଗଛରେ ଚଢ଼ିବା ଓ ଡାଳକୁ ଜାବୁଡ଼ି ଧରିବାବେଳେ ବାମହାତକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅଧିକାଂଶ ଶୁଆ ସାଧାରଣତଃ ବାମଗୋଡ଼ରେ କୌଣସି ଜିନିଷ ଧରିବାକୁ ପସନ୍ଦ କରନ୍ତି।

ରେନ୍‌ବୋ ମାଛଙ୍କୁ ଥରେ ଦର୍ପଣ ଆଗରେ ପରୀକ୍ଷା କରାଗଲା। ଯେଉଁମାନେ ଡାହାଣ ଆଖିରେ ଚାହିଁଥିଲେ, ସେମାନେ ବାମ ଆଡ଼କୁ ପହଁରିବାକୁ ଲାଗିଲେ ଏବଂ ଯେଉଁମାନେ ବାମ ଆଖିରେ ଚାହିଁଥିଲେ ସେମାନେ ଡାହାଣ ଆଡ଼କୁ ପହଁରିବାକୁ ଲାଗିଲେ। ଜେବ୍ରା ଫିଞ୍ଚ୍ (ଗାୟକ ପକ୍ଷୀ ବିଶେଷ) ତା' ପ୍ରେମିକାକୁ ଆମନ୍ତ୍ରଣ କଲାବେଳେ ତା' ଆଡ଼କୁ ଡାହାଣ ଆଖିରେ ଚାହେଁ। ଇମେଇ ମ୍ୟୁଜିକ୍ ଫ୍ରଗ୍ (ବେଙ୍ଗ ବିଶେଷ) କୌଣସି ସକାରାତ୍ମକ ସଂକେତ (ଯେପରି ମିଳନ ଆହ୍ୱାନ) ଡାହାଣକାନରେ ଶୁଣିଲାବେଳେ କୌଣସି ନକାରାତ୍ମକ ସଂକେତ (ଯେପରି ଶତ୍ରୁ ଆକ୍ରମଣ) ବାମକାନରେ ଶୁଣିଥାଏ। ଖାଦ୍ୟ ଅନୁସନ୍ଧାନ କଲାବେଳେ କୁକୁଡ଼ା ତା' ଡାହାଣ ଗୋଡ଼ରେ ମାଟି ଆଞ୍ଚୁଡ଼ିବାକୁ ବେଶି ପସନ୍ଦ କରେ। ଏଥିରୁ ଜଣାଯାଏ ସେତେବେଳେ ତା'ର ଡାହାଣ ଆଖି ହିଁ ଅଧିକ ସକ୍ରିୟ ଥାଏ।

୧୯୮୦ ଦଶକରେ ବୈଜ୍ଞାନିକ ଆଣ୍ଡ୍ରୁ, ମେଞ୍ଚ୍, ରେନୀ, ଜାପିଆ ଓ ରୋଜର୍ସଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନ ଅନୁସାରେ, କେଉଁଟା ଖାଦ୍ୟଶସ୍ୟ ଓ କେଉଁଟା ଗୋଡ଼ି କୁକୁଡ଼ାଙ୍କୁ ତାହା ଶୀଘ୍ର ଜାଣିବାରେ ଡାହାଣ ଆଖି ବାମ ଆଖି ଅପେକ୍ଷା ବେଶି ସାହାଯ୍ୟ କରିଥାଏ। ଅପରପକ୍ଷେ ଶତ୍ରୁ ଆକ୍ରମଣ ଓ ମିଳନ ଆହ୍ୱାନ ସମ୍ପର୍କିତ ପ୍ରତିକ୍ରିୟା ପାଇଁ ସେ ବାମ ଆଖିକୁ ବେଶି ବ୍ୟବହାର କରିଥାଏ। ପାରାମାନେ ବି ସେମିତି ପ୍ରାୟ ଡାହାଣଆଖିଆ। କିନ୍ତୁ ଖାଦ୍ୟ ପାଇଁ ସେମାନେ ଗୋଡ଼କୁ ମାଟି ଆଞ୍ଚୁଡ଼ିବା କାମରେ ଲଗାଇ ନ ଥାନ୍ତି, ତେଣୁ ସେମାନଙ୍କର ଡାହାଣଗୋଡ଼ିଆପଣର ବିକାଶ ଘଟି ନ ଥାଏ।

ଏପରି କି ଗେଣ୍ଡା ପରି ଅମେରୁଦଣ୍ଡୀ ପ୍ରାଣୀଠାରେ ବି ଲାଟରାଲିଟି ଅଛି। ସେମାନଙ୍କ ଦେହର ଖୋଳ ବାମାବର୍ତ୍ତୀ ବା ଦକ୍ଷିଣାବର୍ତ୍ତୀ ହୋଇ ମୋଡ଼ିହୋଇଥାଏ। ଏହି ଅପ୍ରତିସମତାକୁ କୁହାଯାଏ କାଇରାଲିଟି, ଅର୍ଥାତ୍ ଗେଣ୍ଡାମାନେ ସଙ୍ଗତି ଥିବା ଗେଣ୍ଡାଙ୍କ ସହ ହିଁ ମିଳିତ (ମେଟିଂ) ହୋଇପାରିବେ। ପକ୍ଷୀମାନଙ୍କ ମସ୍ତିଷ୍କର ଲାଟରାଲିଟି ଖୁବ୍ କୌତୂହଳଜନକ। କାରଣ ମଣିଷମାନେ ବିଶ୍ୱାସ କରୁଥିଲେ ଯେ, ମସ୍ତିଷ୍କରେ କର୍ପସ କଲୋସମ୍ (ମସ୍ତିଷ୍କର ଦୁଇ ଗୋଲାର୍ଦ୍ଧକୁ ସଂଯୋଗ କରୁଥିବା ତୀର୍ଯ୍ୟକ୍ ସ୍ନାୟୁ ବିଶେଷ) ଥିଲେ ହିଁ ଏହା ସମ୍ଭବ। ଉଡ଼ନ୍ତା ମସ୍ତିଷ୍କରେ ଏହି ସ୍ନାୟୁ ନ ଥିଲେ ମଧ୍ୟ ତାହା ଲାଟରାଲିଟି ପ୍ରଦର୍ଶନ କରିଥାଏ। ଅର୍ଥାତ୍ ଲାଟରାଲିଟି ଦୃଷ୍ଟିରୁ ମଣିଷ ଓ ପକ୍ଷୀଙ୍କ ମସ୍ତିଷ୍କରେ ସାଦୃଶ୍ୟ ରହିଛି। ଗାୟକ ପକ୍ଷୀଙ୍କ ଗୀତ ବାମ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ପକ୍ଷୀଙ୍କ ଗୀତ ଓ ମଣିଷଙ୍କ ଭାଷାର ସିନ୍‌ଟାକ୍ସ (ପଦବିନ୍ୟାସ)ରେ ସାଦୃଶ୍ୟ ରହିଛି।

ମଣିଷ ଦୁଇହାତରେ କବାଟ ଖୋଲିପାରେ। କିନ୍ତୁ କିଛି ଲେଖିବାବେଳେ ସେ ଯେଉଁ ହାତକୁ କମ୍ ବ୍ୟବହାର କରେ (ସାଧାରଣତଃ ବାମହାତ), ସେ ହାତରେ ସହଜରେ ଲେଖିପାରେ ନାହିଁ। ବହୁତ କଷ୍ଟରେ ଲେଖିବା ବେଳେ ଅକ୍ଷର ଖରାପ ହୁଏ ଓ ଅଧିକ ସମୟ ଲାଗେ। ବାମହାତୀ ବାମହାତରେ ଓ ଡାହାଣହାତୀ ଡାହାଣହାତରେ ସହଜରେ ଲେଖିପାରନ୍ତି। ପଶୁ ଓ ପକ୍ଷୀମାନଙ୍କଠାରେ ବି ଏହି ଗୁଣ ରହିଛି ବୋଲି ପ୍ରମାଣିତ ହୋଇସାରିଲାଣି। ତେଣୁ ପ୍ରାଣୀମାନେ ମଣିଷଠାରୁ କୌଣସି ଗୁଣରେ ଯେ ନ୍ୟୂନ ନୁହନ୍ତି, ଏଥିରୁ ତାହା ପ୍ରମାଣିତ ହେଉଛି।

Email: gandhim@nic.in

# ଆଧୁନିକ ଶିକ୍ଷା ଓ ସମାଜ



ଲଲାଟ କେଶରୀ ନାୟକ

ସ୍ୱାମୀ ବିବେକାନନ୍ଦ ତାଙ୍କର ଶିକାଗୋ ଅଭିଭାଷଣରେ କହିଥିଲେ, କୋଟି କୋଟି ଅଦୃଶ୍ୟ ଶିଶିରବିନ୍ଦୁ ଯେମିତି ରାଶି ରାଶି ଗୋଲାପ କଢ଼ିକୁ ପ୍ରସ୍ଫୁଟିତ କରେ, ଠିକ୍ ସେହିଭଳି ଜଣେ ବ୍ୟକ୍ତିର ମାନସିକତା ଏକ ସୁସ୍ଥ ଏବଂ ବିକାଶଶୀଳ ରାଷ୍ଟ୍ର ଗଠନର ମୂଳମନ୍ତ୍ର ହୋଇଥାଏ। ଆଇନଶୃଙ୍ଖଳାରେ ଯେତେ ବି ପରିବର୍ତ୍ତନ ହେଉ ନା କାହିଁକି ବା ଶାସନ ଖସଡ଼ା ଯେତେ କଠୋର ହେଉ ନା କାହିଁକି, ଯଦି ବ୍ୟକ୍ତିର ମାନସିକତାରେ ପରିବର୍ତ୍ତନ ନ ହୋଇଛି ତେବେ ବିକାଶଶୀଳ ରାଷ୍ଟ୍ର ଗଠନ ଅସମ୍ଭବ।

ଆଜିର ଆଧୁନିକ ଶିକ୍ଷାପଦ୍ଧତି କେବଳ ଅର୍ଥକୈନ୍ଦ୍ରିକ ହୋଇଯାଇଛି। ବିଦ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଅର୍ଥଲିପ୍‌ସୁ ସ୍ୱାର୍ଥପର ମଣିଷ ବିଦ୍ୟା ଶିକ୍ଷା ଦ୍ୱାରା ଉଚ୍ଚ ପଦପଦବୀକୁ ଆପଣେଇ ନେଲା ପରେ ଦୁର୍ନୀତି, ଭ୍ରଷ୍ଟାଚାର ମାଧ୍ୟମରେ ନିଜର ବ୍ୟାଙ୍କ ବାଲାନ୍ସ କିଭଳି ବୃଦ୍ଧି ପାଇବ ତା' ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହାକି ଏକ ମାର୍ଜିତ ଏବଂ ଶୃଙ୍ଖଳିତ ସମାଜ ଗଠନ ପାଇଁ ବାଧା ଉପୁଜାଉଛି।

କୋମଳମତି ଶିଶୁମାନଙ୍କ ମଧ୍ୟରେ କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ବା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ନେଇ ଭଲ ଚାକିରି କରିବାର ଆଶା ଅଧିକମାତ୍ରାରେ ବଢ଼ିଯାଉଛି। ମାତାପିତା ବ୍ୟସ୍ତବହୁଳ ଜୀବନର ଦ୍ୱାହିଦେଇ, ମୋଟା ଅଙ୍କର ଅର୍ଥ ବିନିମୟରେ ଟ୍ୟୁଶନ ହେଉ ବା ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଶିକ୍ଷାକୁ କିଣିନେବାକୁ ପଛଘୁଞ୍ଚା ଦେଉନାହାନ୍ତି। ମୋ ପିଲା କିଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଟପ୍ପର ହୋଇ ଭବିଷ୍ୟତରେ ଉଚ୍ଚ ପଦବୀରେ ଆସୀନ ହେବ ଓ ମୋଟାଅଙ୍କର ଅର୍ଥ ଉପାର୍ଜନ କରିବ, ଏହା ପ୍ରତ୍ୟେକଙ୍କର ଲକ୍ଷ୍ୟ। ଫଳରେ ଏହି ଶିଶୁ ଯିଏକି ଭବିଷ୍ୟତରେ ବିକଶିତ ରାଷ୍ଟ୍ରର ମୂଳମନ୍ତ୍ର, ସ୍ୱାର୍ଥକୈନ୍ଦ୍ରିକ ହୋଇ ସତ୍ ଓ ଅସତ୍ ଉପାୟରେ କେବଳ ଅର୍ଥ ଉପାର୍ଜନ କରିବା ପାଇଁ ଉଦ୍ୟମ ଜାରି ରଖେ।

ଜଣେ ପୂର୍ଣ୍ଣାଙ୍ଗ ମଣିଷ ହେବା ପାଇଁ କେବଳ ଆନୁଷ୍ଠାନିକ ବିଦ୍ୟା ଶିକ୍ଷା ଯେ ଯଥେଷ୍ଟ ତାହା ଭାବିବା ଅନୁଚିତ। କାରଣ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଚାରି ପ୍ରକାର ଶିକ୍ଷାର ଆବଶ୍ୟକତା ରହିଛି, ଯଥା: ପାରିବାରିକ ଶିକ୍ଷା, ସାମାଜିକ ଶିକ୍ଷା, ନୈତିକ ଶିକ୍ଷା ଏବଂ ଆନୁଷ୍ଠାନିକ ବିଦ୍ୟା ଶିକ୍ଷା। ପାରିବାରିକ ଶିକ୍ଷା ପରିବାର ମଧ୍ୟରେ ବାପା, ମା, ଜେଜେ, ଜେଜେ ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ ବା ଆତ୍ମୀୟସ୍ୱଜନଙ୍କଠୁ ପ୍ରାପ୍ତ ହୁଏ। ଗୁରୁଜନମାନଙ୍କୁ ଭକ୍ତି କରିବା, ସମ୍ମାନ ଦେବା, ପ୍ରାତଃ ଏବଂ ସନ୍ଧ୍ୟା ସମୟରେ ପ୍ରାର୍ଥନା କରିବା ଇତ୍ୟାଦି। ପିଲାର ବାପା ମା' କିଭଳି ଭାବରେ ସେମାନଙ୍କ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି, ତାହା ମଧ୍ୟ ପିଲାର ମାନସିକତା ଉପରେ ପ୍ରଭାବ ପକାଏ। କିନ୍ତୁ ବିଡମ୍ବନାର ବିଷୟ ବର୍ତ୍ତମାନ ପରିସ୍ଥିତିରେ ଯୌଥ ପରିବାର ମଧ୍ୟରେ କେହି ବି ବାପା ଏବଂ ମା' ରହିବାକୁ ପସନ୍ଦ କରୁନାହାନ୍ତି। ଫଳରେ ଶିଶୁ ପାରିବାରିକ ଶିକ୍ଷାରୁ ବଞ୍ଚିତ ହେଉଛି, ଯାହାଦ୍ୱାରା କି ସେ ପରିବାରର ମୂଲ୍ୟ ବୁଝୁନାହିଁ।

ସାମାଜିକ ଶିକ୍ଷା ସମାଜରୁ ମିଳିଥାଏ- ଯେପରିକି ରାସ୍ତାର ବାମପଟେ ଚାଲିବା ଉଚିତ, ଚୋରି, ଡକାୟତି ବା ଅସାମାଜିକ କାମ କରିବା ଅନୁଚିତ। ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଆନ୍ତରିକତା, ଭଲ ପାଇବା, ସାହାଯ୍ୟ ସହାନୁଭୂତି ରହିବା ଉଚିତ। କିନ୍ତୁ ଆଜିର ମଣିଷ ସହରାଭିମୁଖୀ, ଯେଉଁଠି କି ପଡୋଶୀ କିଏ ବା ସେ କ'ଣ କରୁଛନ୍ତି ଜଣାପଡୁନାହିଁ। ସମାଜ ତ ଦୂରର କଥା। ସାମାଜିକ ଶିକ୍ଷାରୁ ଆଜିର ଶିଶୁ ବା ଯୁବସମାଜ ବଞ୍ଚିତ। ସାମାଜିକ ଚଳଣି, ରୀତିନୀତି ବୁଡ଼ିବୁଡ଼ି ଆସିଲାଣି।

ତାହା ନୈତିକ ଶିକ୍ଷା, ଯାହା ମଣିଷକୁ ନୀତି ବା ବିବେକ ଶିକ୍ଷା ଦିଏ। ପାରିବାରିକ ଶିକ୍ଷା ଏବଂ ସାମାଜିକ ଶିକ୍ଷାର ଅଭାବ ହେଲେ ବ୍ୟକ୍ତି ବିବେକଶୂନ୍ୟ ହୁଏ ବା ନୈତିକ ଶିକ୍ଷାର ଅଭାବ ପରିଲକ୍ଷିତ ହୁଏ। ଯେପରିକି ନିଜର ସ୍ୱାର୍ଥ ପାଇଁ ପରର ଅନିଷ୍ଟ କରିବା, ଏପରିକି ନିଜର ସ୍ୱାର୍ଥ ପାଇଁ ମାତାପିତାଙ୍କୁ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ଅଣଦେଖା କରିବା, ଆତ୍ମୀୟ ଲୋକଙ୍କ ଉପରେ କଠୋର ମନୋଭାବ ପ୍ରଦର୍ଶନ କରିବା ଇତ୍ୟାଦି।

ଆନୁଷ୍ଠାନିକ ବିଦ୍ୟା ଶିକ୍ଷା ମଣିଷକୁ କ୍ଷମତା, ଉଚ୍ଚ ପଦପଦବୀ ଏବଂ ଅର୍ଥ ରୋଜଗାର କରିବା ପାଇଁ ସହାୟକ ହୋଇଥାଏ। ସାମାଜିକ ଶିକ୍ଷା, ପାରିବାରିକ ଶିକ୍ଷା ଓ ନୈତିକ ଶିକ୍ଷାର ଅଭାବ ରହିଲେ, ବ୍ୟକ୍ତି ଯେତେ ଡିଗ୍ରୀ ହାସଲ କରୁ ନା କାହିଁକି, ଯେଉଁ ଉଚ୍ଚ ପଦବୀରେ ଅବସ୍ଥାପିତ ହେଉ ନା କାହିଁକି, ସେ ଅସତ୍ ଉପାୟକୁ ଅବଲମ୍ବନ କରେ ଓ ସାମାଜିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରେ।

ମୋଟା ଅଙ୍କର ଅର୍ଥ ବିନିଯୋଗ କରି ଶିକ୍ଷା କିଣି ନିଜ ପିଲାର ମାନସିକତାରେ ଯଦି ଲୋଭ ଭର୍ତ୍ତି କରାଯାଏ, ତା' ପାଇଁ ଆତ୍ମାନୁଶୀଳନର ଉପଯୁକ୍ତ ପରିବେଶଟିଏ ସୃଷ୍ଟି କରା ନ ଯାଏ ତେବେ ସେ ଉପଯୁକ୍ତ ବିଦ୍ୟା ଶିକ୍ଷା ହୁଏ ତ ପାଇପାରେ, କିନ୍ତୁ ପୂର୍ଣ୍ଣାଙ୍ଗ ମଣିଷ ହେବାର ଉପାଦାନସବୁକୁ ହରାଇ ବସେ। ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିତାନ୍ତ ଆବଶ୍ୟକ। ନିଜେ ବଞ୍ଚି ଅନ୍ୟ ପାଇଁ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା ମଣିଷପଣିଆ। ଏହାଦ୍ୱାରା ବ୍ୟକ୍ତି ସଂସ୍କାରୀ ହେବା ସହିତ ବିକଶିତ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୋଇପାରିବ। ଅନ୍ୟଥା ଆଧୁନିକ ଶିକ୍ଷାର ଦ୍ୱାହିଦେଇ ଆଜିର ଏ ଅତ୍ୟାଧୁନିକ ମଣିଷ ସମାଜକୁ ଧ୍ୱଂସାଭିମୁଖୀ କରିଦେବ।

ଜଗନ୍ନାଥ ନଗର, ରସୁଲଗଡ,
ଭୁବନେଶ୍ୱର, ମୋ-୯୪୩୮୧୮୧୧୬୨

## ଏଇ ଭାରତରେ

ଭାଇ ଭଉଣୀ ମଧ୍ୟରେ ସାଧାରଣତଃ ସ୍ନେହ ମମତା ଅତୁଟ ଥାଏ। ଗୋଟିଏ ମା'ର ସନ୍ତାନ ହୋଇଥିବାରୁ ଦୁହିଁଙ୍କ ମନୋଭାବ ମଧ୍ୟ ପ୍ରାୟତଃ ଏକାପ୍ରକାର ହୋଇଥାଏ। କିନ୍ତୁ ଏକ ଘଟକ୍ରମରେ ଭାଇ ଭଉଣୀ ଗୋଟିଏ ଘରେ ଏକତ୍ର ମୃତ୍ୟୁବରଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ଚକିତ କରିଛି। ଏପରି ଏକ ଘଟଣା ଘଟିଛି ନାଗପୁରର ତାନ୍ତ୍ୟା ଟୋପେ ନଗର ଅଞ୍ଚଳରେ। ମୋହନ ଓଟୱାନି ଏବଂ ତାଙ୍କ ଭଉଣୀ ଶାନ୍ତା ଓଟୱାନିଙ୍କ ବୟସ ଯଥାକ୍ରମେ ୭୦ ଏବଂ ୭୫ ବର୍ଷ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇବା ପରେ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଘରର ଭିତରପଟୁ ଖିଡ଼ିକି ଦିଆଯାଇଥିଲା। ସେଇ ଘରେ ଆଉ କେହି ରହୁ ନ ଥିଲେ। ସ୍ଥାନୀୟ ଲୋକମୁଖରୁ ଶୁଣାଯାଏ ଯେ, ଉଭୟ ଭାଇ ଭଉଣୀଙ୍କୁ ସେମାନଙ୍କ ଝିଅପୁଅ ପଚାରୁ ନ ଥିବାରୁ ପରିଣତ ବୟସରେ ସେମାନେ ଏକାଠି ରହିଆସୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମରିଗଲେ ଅନ୍ୟ ଜଣେ ଦୁଃଖ ସହିପାରିବ ନାହିଁ। ଏକତ୍ର ମରିଗଲେ କେହି କାହାପାଇଁ ଦୁଃଖ ପ୍ରକାଶ କରିବାର ଅବକାଶ ରହିବ ନାହିଁ ବୋଲି ସେମାନେ ଏକଦା କଥାବାର୍ତ୍ତା ହେଉଥିବାର ସ୍ଥାନୀୟ ଲୋକେ ଶୁଣିଥିବା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ସେମାନେ କୌଣସି ରୋଗ କିମ୍ବା ଆତ୍ମହତ୍ୟା ଯୋଗୁ ମରି ନ ଥିବା ଏବଂ ଏହା ସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡିଛି। ପରିଣତ ବୟସରେ ଭଉଣୀ-ଭାଇଙ୍କ ଅତୁଟ ସ୍ନେହମମତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।
ପରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ!
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | D | | 1 | | 2 | B | | | |
| | 4 | D | | | | E | | | 1 | | | | | 6 |
| 9 | | | | | D | 6 | 5 | | | A | | | 3 | E |
| 2 | 7 | | 4 | | | 0 | | | | | | | | |
| E | | | | C | 6 | | | | | 4 | | A | | |
| | D | B | 5 | | | | | 7 | 3 | | | | 4 | 0 |
| | | | | | | | 9 | 4 | A | | | | | B |
| | | | | | | | | | | | | | E | 1 |
| | | | 8 | | 2 | | A | | 5 | | 7 | | | |
| 5 | | | 9 | 7 | 0 | 2 | | | B | D | 1 | | | |
| | | | E | A | | | | 3 | | | | 5 | | D |
| | B | 5 | | | | | | | 2 | | | | | |
| | | | 6 | 5 | | | | D | C | 1 | | | | 3 |
| | | C | 1 | | | A | | 9 | E | | | 8 | | |
| 7 | 9 | A | D | 0 | | 1 | | | | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 7 | 3 | C | 6 | 5 | D | A | 0 | 8 | 9 | 4 | 2 | B |
| 2 | 8 | 5 | 9 | D | 0 | B | E | 4 | 3 | C | 6 | A | 7 | 1 |
| A | C | 3 | B | E | 1 | 9 | 2 | 6 | 4 | 7 | 5 | 0 | 8 | D |
| B | 4 | D | 5 | 7 | 2 | 8 | C | 0 | 1 | A | E | 9 | 6 | 3 |
| 0 | 9 | 6 | 4 | A | 8 | 3 | 1 | 7 | 2 | D | B | E | C | 5 |
| 4 | 6 | B | 8 | 2 | C | E | 7 | 3 | A | 9 | 1 | 5 | D | 0 |
| C | 3 | 2 | A | 0 | E | 6 | 5 | D | 7 | B | 8 | 1 | 9 | 4 |
| 8 | 5 | E | D | 9 | 4 | 1 | 0 | B | 6 | 3 | C | 2 | A | 7 |
| 9 | 7 | A | 1 | 6 | 5 | 4 | 8 | 2 | D | E | 0 | B | 3 | C |
| 1 | D | 0 | 7 | 3 | B | C | A | 9 | 5 | 4 | 2 | 8 | E | 6 |
| 7 | E | 8 | 6 | B | D | A | 9 | 5 | C | 1 | 4 | 3 | 0 | 2 |
| 3 | 2 | 1 | 0 | 4 | A | 7 | 6 | 8 | E | 5 | D | C | B | 9 |
| 5 | 0 | 4 | E | 8 | 9 | 2 | 3 | C | B | 6 | 7 | D | 1 | A |
| 6 | B | C | 2 | 1 | 3 | D | 4 | E | 9 | 0 | A | 7 | 5 | 8 |
| D | A | 9 | C | 5 | 7 | 0 | B | 1 | 8 | 2 | 3 | 6 | 4 | E |

ଗତକାଲିର ଉତ୍ତର

# ଉଚ୍ଚଶିକ୍ଷାରେ ପ୍ରତାରଣା



ଡ. ସୁବାସ ଚନ୍ଦ୍ର ପାତ୍ର

ଜାତୀୟ ପରିପ୍ରେକ୍ଷୀରେ ଯାହାହେଉ ଆପାତତଃ ଓଡ଼ିଶାରେ ଉଚ୍ଚଶିକ୍ଷାର ସ୍ଥିତି ଦେଖିଲେ ଜଣାଯାଏ, ଏଠାରେ ଶୈକ୍ଷିକ ବ୍ୟବସ୍ଥାର ପରିବର୍ତ୍ତନ ଚିନ୍ତା କେବଳ ଉଚ୍ଚାକାଂକ୍ଷାକୈନ୍ଦ୍ରିକ। ଉଚ୍ଚଶିକ୍ଷାକୁ କିପରି ଜାତୀୟ ଅବା ଅନ୍ତର୍ଜାତୀୟ ସ୍ତରକୁ ନିଆଯାଇଛି ଏବଂ ସେହି କ୍ରମରେ ପ୍ରାରମ୍ଭିକ ପଦକ୍ଷେପ ହିସାବରେ ପାଠ୍ୟକ୍ରମର କିପରି ବୈପ୍ଳବିକ ପରିବର୍ତ୍ତନ କରାଯାଇଛି, ଜନସାଧାରଣଙ୍କ ମନରେ ବିଶ୍ୱାସ ଜନ୍ମେଇବା ପାଇଁ ସେ କଥାର ବହୁଳ ପ୍ରଚାର କରାଯାଏ। କିନ୍ତୁ ତା' ପଛରେ ଲୁକ୍କାୟିତ ବିଫଳତାର କରୁଣ କାହାଣୀ ଲୋକଲୋଚନକୁ ଆସିପାରେ ନାହିଁ। ୪/୫ ବର୍ଷ ତଳେ ଜାତୀୟ ପାଠ୍ୟକ୍ରମକୁ ଅନୁକରଣ କରିବାକୁ ଯାଇ +୩ ମହାବିଦ୍ୟାଳୟ ସ୍ତରରେ ସିବିସିଏସ୍ (ଚଏସ ବେସ୍‌ଡ କ୍ରେଡିଟ୍ ସିଷ୍ଟମ୍) ଲାଗୁ କରାଗଲା। କିନ୍ତୁ ତା' ମୂଳରେ ଯେଉଁ ଆନ୍ତଃବିଷୟକ ବିକଳ୍ପ ପ୍ରଦାନର ବ୍ୟବସ୍ଥା ଥିଲା ତାହା କାର୍ଯ୍ୟକାରୀ କରାଗଲା ନାହିଁ ବରଂ ଖାଲି ସ୍ନାତକସ୍ତରରେ ପତ୍ରସଂଖ୍ୟା ୮ରୁ ୧୪କୁ ବଢ଼େଇ ତା' ଦେହରେ ନୂତନ ପାଠ୍ୟକ୍ରମ ସବୁ ଭର୍ତ୍ତି କରାଗଲା, ଅନ୍ୟାନ୍ୟ ଜାତୀୟସ୍ତରର ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ଦେଖି। ସ୍ନାତକସ୍ତରରେ ପାଠ୍ୟକ୍ରମକୁ ଏପ୍ରକାର ଉନ୍ନୀତ କଲାବେଳେ କେହି ଥରେ ବାସ୍ତବସ୍ଥିତିକୁ ଦେଖିଲେ ନାହିଁ। ଓଡ଼ିଶାର ସବୁ କଲେଜକୁ ବିଜେବି କଲେଜ (ଯେଉଁଠି ଛାତ୍ରୀଛାତ୍ର ମେଧାବୀ, ଶିକ୍ଷକ ପଦବୀ ଭର୍ତ୍ତି) ଭାବି ଏ ପ୍ରକାର ଏକ ସିଲାବସ ଲଦି ଦିଆଗଲା, ଯାହା ଜିଲା ଓ ବ୍ଲକ୍‌ସ୍ତରରେ ଥିବା କଲେଜଗୁଡ଼ିକର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତାରଣାର ଏକ କ୍ଷେତ୍ର ପାଲଟିଲା। ଅର୍ଥାତ୍ ୮ଟି ସ୍ନାତକ ପତ୍ର ପଢ଼ାଉଥିବା ଶିକ୍ଷକମାନେ ନୂତନ ଭାବେ ପ୍ରଚଳିତ ଆଉ ୬ଟି ପତ୍ର ପଢ଼ାଇବାକୁ ସକ୍ଷମ କି ନୁହେଁ, ଛାତ୍ରୀଛାତ୍ର ତାକୁ ବୁଝିବାକୁ ସକ୍ଷମ କି ନୁହେଁ ତାହା କେହି ପରଖିଲେ ନାହିଁ। ସକ୍ଷମ ତ ଦୂରର କଥା ହଠାତ୍ ୮ଟି ପତ୍ରରୁ ୧୪ ପତ୍ରକୁ ପରିବର୍ତ୍ତନଜନିତ ସୃଷ୍ଟ ବର୍ଦ୍ଧିତ କାର୍ଯ୍ୟଭାର ପାଇଁ ଆବଶ୍ୟକ ଶିକ୍ଷକ ଅଛନ୍ତି କି ନାହାନ୍ତି ତାହା ମଧ୍ୟ ବିଚାର୍ଯ୍ୟ ହେଲାନାହିଁ। ଅର୍ଥାତ୍ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କ ଚାହିଦା ପୂରଣ କରିପାରିଲେ ନାହିଁ। କୌତୁକର କଥା ଭାଷା ଓ ସାହିତ୍ୟ ଜାତୀୟ ବିଷୟ ଯେପରି ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ ଇତ୍ୟାଦି ଯାହାର ପାଠପଢ଼ା ନିର୍ଦ୍ଦିଷ୍ଟ ପୁସ୍ତକକୈନ୍ଦ୍ରିକ ବା ଏକ ପୁସ୍ତକରେ ସନ୍ନିବେଶିତ କେତୋଟି ପ୍ରବନ୍ଧକୈନ୍ଦ୍ରିକ, ସେ ସବୁ ପୁସ୍ତକ ବଜାରରେ ସହଜରେ ଉପଲବ୍ଧ କି ନୁହେଁ ତାକୁ ମଧ୍ୟ ସିଲାବସ ପ୍ରଣେତାମାନେ ଦେଖିଲେ ନାହିଁ।

ଦୁଃଖର ସହ କହିବାକୁ ପଡୁଛି, ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଚଳିତ ସିଲାବସ ଖାଲି ଉତରାଉତରିରେ ସୀମିତ। ଅର୍ଥାତ୍ କୌଣସି ଜାତୀୟ ବିଶ୍ୱବିଦ୍ୟାଳୟ ବା ୟୁଜିସିପ୍ରଣୀତ ସିଲାବସ୍‌କୁ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଣିଲେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତାକୁ ସାମାନ୍ୟ କାଟଛାଣ୍ଟ କରି ଉତାରି ପକାଇଲେ। କେହି ବଜାରକୁ ଅନେଇଲେ ନାହିଁ। କେହି ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ, କାର୍ଯ୍ୟରତ ଶିକ୍ଷକମାନଙ୍କର ଜ୍ଞାନ, ଦକ୍ଷତା ଆଦି ନଜରକୁ ନେଲେ ନାହିଁ। ପରିଣତିସ୍ୱରୂପ 'ଇଣ୍ଟର୍‌ନେଟ୍ ଭରସା' ନାମରେ ପାଠପଢ଼ା ଚାଲିଲା ଓ ଚାଲିଛି। କିନ୍ତୁ ଇଣ୍ଟର୍‌ନେଟ୍‌ରେ ଯେ ସବୁକଥା ନାହିଁ, ଛାତ୍ର ବା ଶିକ୍ଷକର ପୂରା ବହିଟିଏ ବା ପ୍ରବନ୍ଧଟିଏ ଦରକାର, ତା'ର ସାରାଂଶ ନୁହେଁ ଏକଥା ସମସ୍ତେ ଜାଣି ବି ନ ଜାଣିଲା ଭଳି ଅଭିନୟ କରୁଛନ୍ତି। ପରିଣାମ ଏକ ପ୍ରକାର ବିଡ଼ମ୍ବନା। ଆଗରୁ ଶିକ୍ଷକମାନେ ଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ, ପାଠ୍ୟ ସାମଗ୍ରୀ ଯୋଗାଇ ଦେଉଥିଲେ ଅବା ତା'ର ଉତ୍ସ କହିଦେଉଥିଲେ। ଆଜି ଇଣ୍ଟର୍‌ନେଟ୍ ଅନଭିଜ୍ଞ ଶିକ୍ଷକଙ୍କୁ ଛାତ୍ରମାନେ 'ଦିଗ୍‌ଦର୍ଶନ' ଦେଉଛନ୍ତି, ପାଠ୍ୟ ସାମଗ୍ରୀ ଏଣୁତେଣୁ ସଂଗ୍ରହ କରି ଦେଉଛନ୍ତି। ଅର୍ଥାତ୍ 'ଇଣ୍ଟର୍‌ନେଟ୍' ସାଜିଛି 'କମନ୍ ମହାଗୁରୁ'। ଛାତ୍ର ଯେଉଁଠି, ଶିକ୍ଷକ ସେଇଠି। ଗୋଟିଏ ଉଦାହରଣରୁ ଜାଣିହେବ। କୌଣସି ଏକ ବିଶ୍ୱବିଦ୍ୟାଳୟର ସ୍ନାତକ ଇଂଲିଶ (ସଂସ୍କୃତ ନୁହେଁ)ର ଏକ ପତ୍ରରେ ରହିଛି ଋଗ୍‌ବେଦରୁ କିଛି ଅଂଶ, ପୁରୁଷସୂକ୍ତରୁ କିଛି ଖଣ୍ଡ, ଅଯୋଧ୍ୟାକାଣ୍ଡରୁ କିଛି ଭାଗ, ଅଭିଜ୍ଞାନ ଶାକୁନ୍ତଳମ୍‌ରୁ ଏକ ଅଙ୍କ, ମୃଚ୍ଛକଟିକମ୍‌ରୁ ଏକ ଅଙ୍କ, ନାଟ୍ୟଶାସ୍ତ୍ରରୁ ଏକ ପରିଚ୍ଛେଦ, ସାହିତ୍ୟ ଦର୍ପଣ ଓ ଭର୍ତ୍ତୃହରିଙ୍କ ନୀତିଶତକମ୍‌ରୁ କିଛି ଶ୍ଳୋକ। ଇଂଲିଶ ଭାଷାର ଉଭୟ ଛାତ୍ର ଓ ଶିକ୍ଷକ ଏହିସବୁ ପାଠ ବିଷୟରେ ସଂପୂର୍ଣ୍ଣ ଅଜ୍ଞ, ସହାୟକ ପୁସ୍ତକର ସୂଚୀରେ ଉଲ୍ଲିଖିତ ପୁସ୍ତକ ବଜାରରେ ଉପଲବ୍ଧ ନୁହେଁ। ତେଣୁ ଆରମ୍ଭ ହେଲା ଛାତ୍ର ଓ ଶିକ୍ଷକଙ୍କର 'ମହାକାଶ' ଯାତ୍ରା। 'ଉପଗ୍ରହ' ମାଧ୍ୟମରେ 'ମହାକାଶ'ରୁ ଜ୍ଞାନ ସଂଗ୍ରହ, ଯେଉଁଠି ପ୍ରମୁଖ ଭୂମିକା ନେଲେ ଛାତ୍ରୀଛାତ୍ର, ଶିକ୍ଷକମାନେ ହେଲେ ତା'ର ଉପଭୋକ୍ତା!

ଏ କି ପ୍ରକାର ପାଠପଢ଼ା? କ୍ଲାସରୁମ୍‌ଗୁଡ଼ିକ କ'ଣ ଶିକ୍ଷକମାନଙ୍କ ଅଜ୍ଞତା ପ୍ରଦର୍ଶନର ପ୍ଲାଟଫର୍ମ? ଯେବେଠୁ ୮ ବଦଳରେ ୧୪ଟି ସ୍ନାତକ ପତ୍ର ସନ୍ନିବେଶିତ ହୋଇଛି, ସେ ସବୁ ନୂତନ ପାଠ୍ୟକୁ ନେଇ ସେବେଠୁ ଏକ ବିଚିତ୍ର ସ୍ୱର ଶୁଣିବାକୁ ମିଳୁଛି ଶିକ୍ଷକମାନଙ୍କଠୁ- ''କ'ଣ କରିବା? ଏ ସବୁ ତ ଆମ ସମୟରେ ନ ଥିଲା। ତା' ଛଡ଼ା ଦୀର୍ଘ ବର୍ଷ +୨ରେ ପଢ଼େଇ ପଢ଼େଇ ଆମେ ସ୍ନାତକ ତଥା ସ୍ନାତକୋତ୍ତର ପାଠ୍ୟକ୍ରମଠୁ ଦୂରେଇ ଯାଇଛୁ। ଏବେ ଏ ବୟସରେ ଆମେ କ'ଣ ଶିଖିବା ଅବସ୍ଥାରେ ଅଛୁ?'' କହିବା ବାହୁଲ୍ୟ ଏବେ ଅଧିକାଂଶ ସରକାରୀ, ବେସରକାରୀ କଲେଜରେ ୭୦ ପ୍ରତିଶତ ପଦବୀ ଖାଲି। ଯେଉଁ କିଛି ବରିଷ୍ଠ ଅଧ୍ୟାପକ ଅଛନ୍ତି ସେମାନେ ପୁରୁଣା ପାଠ୍ୟକ୍ରମକୁ ନେଇ ଦକ୍ଷ, ନୂତନ ସହ ବେଶି ପରିଚିତି ନାହିଁ। +୨ରୁ ଯେଉଁମାନେ ଆସିଲେ ସେମାନେ ବର୍ଷ ବର୍ଷ ଧରି ଛିନ୍ନମୂଳ। ଯୁବ ଅତିଥି ଶିକ୍ଷକ ଯେଉଁମାନେ ସାମୟିକ ନିଯୁକ୍ତି ପାଆନ୍ତି ସେମାନେ ସେହି ପୁରୁଣା ପାଠ୍ୟକ୍ରମ ପଢ଼ି ଆସିଛନ୍ତି। କାଁ ଭାଁ, ୧୦ ବା ୧୫ ପ୍ରତିଶତ ନୂଆ। ତେଣୁ ପାଠପଢ଼ା କ'ଣ ହେଉଛି? କେମିତି ଚାଲିଛି?

କୌତୁକର କଥା ପରଦା ପଛରେ ଏତେକଥା ଚାଲିଲାବେଳେ ଖବରକାଗଜରେ ପରୀକ୍ଷା ଫଳ ବାହାରେ ୯୦ରୁ ୯୫ ପ୍ରତିଶତ ସଫଳତାର କାହାଣୀ ବର୍ଣ୍ଣନା କରି ଏବଂ ସେଥିରୁ ଅଧିକାଂଶ ପ୍ରଥମ ଶ୍ରେଣୀ, ତା'ଠୁ କମ୍ ଦ୍ୱିତୀୟ, ତା'ଠୁ କମ୍ ତୃତୀୟ ଶ୍ରେଣୀ, ଫେଲ୍ ପ୍ରାୟ ନାହିଁ! ଏହା ଯାଦୁ ନୁହେଁ, ଏହା 'ପାରସ୍ପରିକ ଭାବବିନିମୟ'ର କଥା। ଅର୍ଥାତ୍ ଯେହେତୁ ପାଠ ଭଲକରି ପଢ଼ା ହୋଇନାହିଁ, ପିଲାମାନଙ୍କୁ ଭଲ ମାର୍କ ଦିଆଯାଏ- ଛାତ୍ର, ଅଭିଭାବକ, ଗଣମାଧ୍ୟମ ଓ ସରକାରଙ୍କୁ ସନ୍ତୁଷ୍ଟ କରିବାକୁ। କିନ୍ତୁ ଏହି ପ୍ରତାରଣାର ଶିକାର ହୁଏ ଛାତ୍ରଟିଏ ବା ତା'ର ନିରୀହ ଅଭିଭାବକ ଯେ ଏହି ମିଛ ଫଳକୁ ସତ ଭାବି ସ୍ୱପ୍ନ ଦେଖେ।

ଏବେ ପୁଣି ସିଲାବସ ବଦଳିବ ୨୦୧୯-୨୦୨୦ରୁ। ଉପରିଲିଖିତ ଯନ୍ତ୍ରଣାର ପୁନରାବୃତ୍ତି ହେବ। ତେଣୁ ଶିକ୍ଷା ବ୍ୟବସ୍ଥାକୁ ବଞ୍ଚାଇବାକୁ, ସମସ୍ତ ପ୍ରଭାବିତ ପକ୍ଷକୁ ନ୍ୟାୟ ଦେବା ପାଇଁ, ନୂତନ ସିଲାବସ ପ୍ରଚଳନ ପୂର୍ବରୁ ପୂର୍ଣ୍ଣାଙ୍ଗ ସିଲାବସକୁ ଏକ ବର୍ଷ ପାଇଁ ଅଧ୍ୟାପକ, ଶିକ୍ଷିତ ଅଭିଭାବକ, ଉପରଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ଅନୁଶୀଳନ ପାଇଁ କଲେଜସ୍ତରରେ ବା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ଛାଡ଼ି ଦିଆଯାଉ, ଯଦ୍ଦ୍ୱାରା ଅପାତତଃ ବର୍ଷେ ଭିତରେ ଶିକ୍ଷକମାନେ ଟିକିଏ ପ୍ରସ୍ତୁତ ହେବେ। ଅଧ୍ୟାପକମାନେ, ଉପରଶ୍ରେଣୀର ଛାତ୍ରମାନେ ଏହାର ଅନୁଧ୍ୟାନ କରି ଅସୁବିଧା କଥା ଉଲ୍ଲେଖ କରିବାକୁ ସମୟ ପାଇବେ ଏବଂ ବର୍ଷେ ପରେ ସମସ୍ତଙ୍କ ମତାମତକୁ ବିଚାରକୁ ନେଇ ଅନ୍ତିମ ସିଲାବସ ପ୍ରଚଳିତ ହେଉ। ପାଠର ଅନ୍ୟନାମ ପ୍ରତାରଣା ନ ହେଉ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ- ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କ ଶୀତକଷ୍ଟ

ମହାଶୟ,

ବର୍ତ୍ତମାନ ଶୀତକାଳ ଉପସ୍ଥିତ। ଉତ୍ତରଦିଗରୁ ଶୀତଳହରି ମାଡିଆସୁଛି। ଦେହ ଥରିଉଠୁଛି। ଶୀତଦିନ କାହା ପାଇଁ ହିତ କାହା ପାଇଁ ଅହିତ। ପ୍ରବଳ ଶୀତକାଳ ଧନୀମାନଙ୍କ ପାଇଁ ଆନନ୍ଦଦାୟକ। କାରଣ ଶୀତକଷ୍ଟରୁ ରକ୍ଷା ପାଇବା ପାଇଁ ସେମାନେ ଶୀତବସ୍ତ୍ର ପରିଧାନ କରିଥାନ୍ତି। କିନ୍ତୁ ଗରିବ ଲୋକମାନେ ଶୀତବସ୍ତ୍ର ବିନା ପ୍ରବଳ ଶୀତରେ କଷ୍ଟ ସହିଥାନ୍ତି। କବିଙ୍କ ଭାଷାରେ- ଧନବନ୍ତ ଜନ ଅଙ୍ଗରେ ଶୀତବସ୍ତ୍ର ବହିଲେ, ଦରିଦ୍ରେ ଭାଗ୍ୟକୁ ଆଦରି ଶୀତକଷ୍ଟ ସହିଲେ। ଈଶ୍ୱରଙ୍କ ସଂସାରରେ ଏପରି ବିଷମତା କାହିଁକି, ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ।

ରଞ୍ଜନ ମିଶ୍ର, ସାକ୍ଷୀଗୋପାଳ, ପୁରୀ

### ସୁରକ୍ଷା ଭତ୍ତା ହିଁ ରକ୍ଷାକବଚ

କୃଷକ ଧାରକରଜ କରି ଓ ଦେହରୁ ଝାଳ ନିଗାଡ଼ି ଯାହା ଅମଳ କରୁଛି ଅଭାବୀ ବିକ୍ରି ଯୋଗୁ ତା'ର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ଫଳରେ ନିରାଶ ହୋଇ ଆତ୍ମହତ୍ୟା କରୁଛି। ଏବେ କୃଷିଋଣ ଛାଡ ସହ ବିଭିନ୍ନ ପ୍ୟାକେଜ ଘୋଷଣା କରାଯାଉଛି ସତ, କିନ୍ତୁ ଆମେ ପ୍ରାଇସ୍-ପ୍ରେଷ୍ଟିଜ୍-ପେନ୍‌ସନ୍ ଦାବି କରୁଛୁ। ସୁରକ୍ଷା ଭତ୍ତା ହେଉଛି ରକ୍ଷାକବଚ। ବର୍ଷ ତମାମ ଲାଗି ରହିଥିବା ପ୍ରାକୃତିକ ବିପର୍ଯ୍ୟୟ ଏବଂ ରୋଗ-ପୋକ, ଅଭାବୀ ବିକ୍ରିର ମାଡ ସହି ସେହି ସ୍ୱଳ୍ପ ସୁରକ୍ଷା ଭତ୍ତାକୁ ପାଥେୟ କରି ସେ ଆତ୍ମହତ୍ୟାର ବାଟ ଛାଡି ବଞ୍ଚିବାର ରାହା ପାଇଯିବ। ସେ ଚାଷ ଛାଡି ଆଉ ଦାଦନ ଖଟିବାକୁ ଯିବ ନାହିଁ।

ରାମଚନ୍ଦ୍ର ପାଲଟାସିଂହ, ନବନିର୍ମାଣ କୃଷକ ସଂଗଠନ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜାନୁୟାରୀ ୧୯୯୪

- ତୁର୍କମେନିସ୍ତାନରେ ହୋଇଥିବା ଗଣଭୋଟରେ ରାଷ୍ଟ୍ରପତି ସପରମୁରତ ନିୟାଜୋଭ ଶତକଡା ୯୯.୯୯ ଭାଗ ଭୋଟ ପାଇ ନିର୍ବାଚିତ ହେବା ସହ ଆସନ୍ତା ୫ ବର୍ଷ ପାଇଁ ଦେଶର ରାଷ୍ଟ୍ରପତି ରୂପେ ପୁନର୍ନିଯୁକ୍ତ ହୋଇଛନ୍ତି।
- ଆଫଗାନିସ୍ତାନରେ ଦୀର୍ଘ ୧୬ ଦିନ ଧରି ଚାଲିଥିବା ସଂଘର୍ଷରେ ୫୫୦ ବ୍ୟକ୍ତି ପ୍ରାଣ ହରାଇଛନ୍ତି ବୋଲି ଅନ୍ତର୍ଜାତୀୟ ରେଡ୍‌କ୍ରସ କମିଟି ପକ୍ଷରୁ କୁହାଯାଇଛି।
- ଖମାରିଆ ଜିଲାରେ ଏକ ନୌକା ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି।
- ଚଳିତବର୍ଷ ଦେଶରେ ରେକର୍ଡ ୧୬.୭୭ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦୋଷୀଙ୍କୁ ୧ବର୍ଷ ଜେଲ

**ବାଲେଶ୍ୱର ଅଫିସ,୧୬।୧:** ବାଲେଶ୍ୱର ଆସିଷ୍ଟାଣ୍ଟ ସେସନ୍ ଜଜ୍ କମ୍ ସ୍ପେଶାଲ ଟ୍ରାକ୍ କୋର୍ଟର ବିଚାରପତି ଶିବ ପ୍ରସାଦ ମିଶ୍ର ଏକ ମରଣାନ୍ତକ ଆକ୍ରମଣ ମାମଲାକୁ ବିଚାର କରି ଅଭିଯୁକ୍ତକୁ ୧ବର୍ଷ ଜେଲ ଦଣ୍ଡ ସହ ୧ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ସୂଚନା ଯେ, ଖନ୍ତାପଡ଼ା ଥାନା ଅଧୀନ ରବୀନ୍ଦ୍ର ପାଳ ନିଜ ସ୍ତ୍ରୀ ଏବଂ ଶ୍ୱଶୁରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଖନ୍ତାପଡ଼ା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ବାଲେଶ୍ୱର ଆସିଷ୍ଟାଣ୍ଟ ସେସନ୍ ଜଜ୍ କମ୍ ସ୍ପେଶାଲ ଟ୍ରାକ୍ କୋର୍ଟ ସିଟି ମାମଲା (ନଂ ୨୨/୯୧)ରେ ବିଚାର କରାଯାଇ ବିଚାରପତି ଶିବ ପ୍ରସାଦ ମିଶ୍ର ଅଭିଯୁକ୍ତ ରବୀନ୍ଦ୍ରକୁ ୧ବର୍ଷ ଜେଲ ଦଣ୍ଡ ସହ ୧ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଉତ୍ପଳ ମହାନ୍ତି ଉକ୍ତ ମାମଲା ପରିଚାଳନା କରୁଥିଲେ।

### ଶିଶୁ ମନ୍ଦିରରେ 'ଶିଶୁ ଶିବିର'

**ସିମୁଳିଆ,୧୬।୧(ଡି.ଏନ.ଏ.):** ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନଙ୍କ ଦ୍ୱାରା 'ଶିଶୁ ଶିବିର' ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ ପରି ଉତ୍ସବର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ପାଠ ସହିତ ଯୋଗ ଶିକ୍ଷାର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ଶିବିର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁଭାରତୀ ପ୍ରମୁଖ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ ଉଦ୍ଦେଶ୍ୟ କଥା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା 'ଯୌଥ ପରିବାର ବନାମ ଏକକ ପରିବାର' ଶିର୍ଷକରେ ତର୍କସଭା ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଶିକ୍ଷକ ହୃଷିକେଶ ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରିଥିଲେ।

# ବଜ୍ରପାତ ପୂର୍ବାନୁମାନ ପାଇଁ ସ୍ୱତନ୍ତ୍ର ଆପ୍

## ଏପ୍ରିଲ ସୁଦ୍ଧା ସାଧାରଣ ଲୋକଙ୍କଠାରେ ଉପଲବ୍ଧ ହେବ

**ବାଲେଶ୍ୱର ଅଫିସ,୧୬।୧**

ବଜ୍ରପାତର ପୂର୍ବାନୁମାନ ପାଇଁ କେନ୍ଦ୍ର ସରକାରଙ୍କ ଅଧୀନ ଆଇଆଇଟିଏମ (ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ଟ୍ରପିକାଲ ମେଟ୍ରୋଲୋଜି) ଓ ଆଇଏମଡି ପକ୍ଷରୁ ସ୍ୱତନ୍ତ୍ର ଆପ୍ ନିର୍ମାଣ କରିଛି। ଯେଉଁଥିରେ ବଜ୍ରପାତର ପୂର୍ବାନୁମାନ ସମ୍ପର୍କରେ ଲୋକେ ସଚେତନ ହୋଇପାରିବେ। ଚଳିତବର୍ଷ ଏପ୍ରିଲ ମାସ ସୁଦ୍ଧା ଏହି ଆପ୍ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଉପଲବ୍ଧ ହେବ ବୋଲି ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି। ବଜ୍ରପାତର ସୂଚନା ନ ପାଇ ଜିଲାରେ ୪ ବର୍ଷ ମଧ୍ୟରେ ୧୦୯ଜଣ ପ୍ରାଣ ହରାଇଥିବାରୁ ରବୀନ୍ଦ୍ର କୁମାର ଜେନା ଦୀର୍ଘଦିନ ଧରି ଲୋକସଭାରେ ବଜ୍ରପାତ ପୂର୍ବନୁମାନ ପାଇଁ ସ୍ୱତନ୍ତ୍ର ଆପ୍ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ଏହାକୁ କେନ୍ଦ୍ରସରକାର ଗୁରୁତ୍ୱ ଭାବେ ବିଚାର କରି ସିଦ୍ଧାନ୍ତ ନେଇଛନ୍ତି। ବାଲେଶ୍ୱର ସମେତ ରାଜ୍ୟରେ ବଜ୍ରପାତରେ ବାର୍ଷିକ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବଜ୍ରପାତର ପୂର୍ବାନୁମାନ ପାଇଁ ଦେଶରେ କୌଣସି ବ୍ୟବସ୍ଥା ନ ଥିଲା। ଏହି ସମସ୍ୟା ନେଇ ଏମ୍‌ପି ଜେନା ୨୦୧୬ ଅଗଷ୍ଟ ୩, ୨୮ ମାର୍ଚ୍ଚ ୨୦୧୭ ଓ ୫ ଏପ୍ରିଲ ୨୦୧୭ରେ ଏହି ପ୍ରସଙ୍ଗ ଉପରେ ସଂସଦରେ ଉପସ୍ଥାପନ କରିଥିଲେ। ସଂସଦ ମଧ୍ୟ ସମ୍ପୃକ୍ତ ବିଭାଗକୁ ଅନେକଥର ଏନେଇ କୌଣସି ପଦକ୍ଷେପ ନେବାକୁ ଲିଖିତ ଭାବେ ଜଣାଇଥିଲା। ଏବେ ଆଇଆଇଟିଏମ ଓ ଆଇଏମଡି ପକ୍ଷରୁ ବଜ୍ରପାତ ପୂର୍ବାନୁମାନ କରିପାରୁଥିବା ମୋବାଇଲ ଆପ ପ୍ରସ୍ତୁତ କରିଛି ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ଆର୍ଥସାଇନ୍ସ ଆଣ୍ଡ ଏନଭାର୍ଣ୍ଣମେଣ୍ଟ ଆଣ୍ଡ ଫରେଷ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ ବିଭାଗ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଇଆଇଟିଏମ ପକ୍ଷରୁ ଭାରତ ସାରା ୪୮ଟି ସେନସର ଲଗାଯାଇଥିବା ବେଳେ ଏହି ମୋବାଇଲ ଆପର ନାଁ 'ଦାମିନୀ' ରଖାଯାଇଛି, ଯାହା ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ।

ଏନେଇ ଏମ୍‌ପି ଜେନା କହନ୍ତି, ପ୍ରତିବର୍ଷ ଓଡ଼ିଶାରେ ପ୍ରାୟ ୩୦୦ ଲୋକ ବଜ୍ରପାତରେ ମୃତ୍ୟୁବରଣ କରିଥାନ୍ତି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ଗୁଡ଼ିକ ବଜ୍ରପାତପ୍ରବଣ ଅଞ୍ଚଳ ହୋଇଥିବାରୁ ମୃତ୍ୟୁ ସଂଖ୍ୟା ଅଧିକ ହୋଇଥାଏ। ଏଭଳି ଆପର ପ୍ରଚଳନ ପାଇଁ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବାରୁ ଏହା ଧନ୍ୟବାଦର ପାତ୍ର। ଏହା ନିଶ୍ଚିତ ଭାବେ ଭାରତ ତଥା ଓଡ଼ିଶାର ଲୋକମାନଙ୍କ ଜୀବନ ରକ୍ଷାରେ ସହାୟକ ହୋଇପାରିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଣା ହିଡ଼ ଯେଉଁଠି,**
**ଜଳ ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଫି ବୃଦ୍ଧି ନେଇ କଲେଜ ଫାଟକରେ ତାଲା



ଗୋପାଳପୁର କଲେଜ ଗେଟ୍‌ରେ ତାଲା ପକାଇଛନ୍ତି ଛାତ୍ରୀଛାତ୍ର।

**ବାହାନଗା,୧୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟ ବାଣିଜ୍ୟ ଛାତ୍ରମାନେ ବୁଧବାର ବର୍ଦ୍ଧିତ ଫି ଓ ଫର୍ମ ଫିଲଅପ୍ ଫି ବୃଦ୍ଧିକୁ ବିରୋଧ କରି ୧ ଘଣ୍ଟା କାଳ ଫାଟକରେ ତାଲା ପକାଇଥିଲେ। ପରେ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ମହାବିଦ୍ୟାଳୟର ଅଧ୍ୟାପକ ମାନେ ଛାତ୍ର ମାନଙ୍କୁ ବୁଝାଶୁଝା କରିବା ପରେ ଦିନ ସାଢେ ୧୨ ଟାରେ ଫାଟକରେ ତାଲା ଖୋଲିଥିଲେ । ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷର ବାଣିଜ୍ୟ, ବିଜ୍ଞାନ, କଳା ବିଭାଗର ସେମିଷ୍ଟାର ପରୀକ୍ଷା ନିମନ୍ତେ ଫର୍ମ ଫିଲଅପ୍ କରାଯିବା ପାଇଁ ନୋଟିସ ବାହାରିଛି। ସେଥିରେ ମହାବିଦ୍ୟାଳୟର ଫି ବୃଦ୍ଧି ହେବା ସହିତ ଫର୍ମ ଫିଲଫ୍ ପାଇଁ ମଧ୍ୟ ଫି ବୃଦ୍ଧି କରାଯାଇଛି। ଏଥି ନିମନ୍ତେ ଯୁକ୍ତ ୩ ଶେଷ ବର୍ଷର ଛାତ୍ର ମାନେ ଏଭଳି ମନଇଚ୍ଛା ବାରମ୍ବାର ଫି ବୃଦ୍ଧି କରିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଛାତ୍ରମାନେ ଉତ୍ତ୍ୟକ୍ତ ହୋଇ ଦିନ ସାଢେ ୧୧ ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ପରେ କଲେଜରେ ଅଧ୍ୟକ୍ଷ ନଥିବାରୁ ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ରଥ ଓ ଅନ୍ୟ ଅଧ୍ୟାପକ ମାନେ ପହଞ୍ଚି ଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଫାଟକରେ ତାଲା ଖୋଲାଯାଇଥିଲା।

## ଜିଲାପାଳଙ୍କ ହସ୍ତକ୍ଷେପ ପରେ ଗଣଧାରଣା ପ୍ରତ୍ୟାହୃତ

**ଜଳେଶ୍ୱର,୧୬।୧ (ଡି.ଏନ୍.ଏ.) :** ଜଳେଶ୍ୱର ବ୍ଲକ ସମ୍ପତିଆ ପଞ୍ଚାୟତ ଗଠନ ହେବାର ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପଞ୍ଚାୟତ ଗୃହ ନିର୍ମାଣ ହୋଇପାରିନାହିଁ। ସମ୍ପୃକ୍ତ ପଞ୍ଚାୟତ ଗୃହ ନିର୍ମାଣ ସକାଶେ ୩୫ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସି ପଡ଼ିରହିଛି। ଏହାର ପ୍ରତିବାଦ କରି ମଙ୍ଗଳବାର ପୂର୍ବାହ୍ନରୁ ଶତାଧିକ ପଞ୍ଚାୟତବାସୀ ଜଳେଶ୍ୱର ତହସିଲ ପରିସରରେ ଅହୋରାତ୍ର ଗଣଧାରଣାରେ ବସିଥିଲେ। ଜିଲାପାଳ ରମେଶଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ ବୁଧବାର ସନ୍ଧ୍ୟାରେ ଧାରଣାକାରୀଙ୍କ ସହିତ ଉକ୍ତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଚଳିତ ମାସ ୨୨ ତାରିଖରେ ଜିଲାପାଳଙ୍କ ଗସ୍ତ ସମୟରେ ଉକ୍ତ ସମସ୍ୟାକୁ ନେଇ ବିସ୍ତୃତ ଆଲୋଚନା କରାଯାଇ ସମାଧାନର ବାଟ ନିଶ୍ଚିତ ବାହାର କରାଯିବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ପାଇଲାପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଅଲୋଚନାରେ ଦୀପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ଶେଖର ନନ୍ଦୀ, ଦିଲୀପ ଗିରି, ଦିଲୀପ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଫକୀରମୋହନ ଓଡ଼ିଆ ପ୍ରାଣର ସ୍ପନ୍ଦନ



ମୁଖ୍ୟଅତିଥି ଉପଜିଲାପାଳ ନିଲୁ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

**ରୂପ୍‌ସା,୧୬।୧(ଡି.ଏନ.ଏ.):** ବ୍ୟାସକବି ଫକୀରମୋହନ ଥିଲେ ଓଡ଼ିଆ ପ୍ରାଣ ସ୍ପନ୍ଦନ। ଓଡ଼ିଆ ଜାତି, ଭାଷା, ସାହିତ୍ୟକୁ ରୁଦ୍ଧିମନ୍ତ କରିବାରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଓଡ଼ିଶାବାସୀଙ୍କ ଗର୍ବ ଥିଲେ ବୋଲି ମୁଖ୍ୟଅତିଥି ଉପଜିଲାପାଳ ନିଲୁ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ସମାରୋହ ମକର ପର୍ବ ଅବସରରେ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମହେନ୍ଦ୍ର ସାହୁ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. କୁମାର ମିଶ୍ର, ଡ. ମନୀନ୍ଦ୍ର ମହାନ୍ତି, ଡ. ବ୍ରଜଗୋପାଳ ମହାନ୍ତି, ସାହିତ୍ୟିକ କୁଳମଣି ବାରିକ, କବି ଗୌତମ ମହାରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଚନ୍ଦନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଉପସଭାପତି ଅନୀଲ ସାହୁ, ତପନ ସାହୁ, ଅମିତାଭ ସାହୁ, ଚୈତନ୍ୟ ସାହୁ, ମଧୁସୂଦନ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଉନ୍ନତୀକରଣ ଲାଗି ଏଡିଆର୍‌ଏମ୍‌ଙ୍କ ଜଳେଶ୍ୱର ଗସ୍ତ



ଖଡ଼ଗପୁର ରେଳ ଡିଭିଜନ୍ ଏଡିଆର୍‌ଏମ୍ ଜଳେଶ୍ୱର ଷ୍ଟେଶନ ପରିଦର୍ଶନ କରୁଛନ୍ତି।

**ଜଳେଶ୍ୱର,୧୬।୧ (ଡି.ଏନ୍.ଏ.)**

ବୁଧବାର ପୂର୍ବାହ୍ନରୁ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୨ ଘଣ୍ଟାଧରି ଖଡ଼ଗପୁରସ୍ଥିତ ଦକ୍ଷିଣ-ପୂର୍ବ ରେଳ ଡିଭିଜନର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଏଡିଆର୍‌ଏମ୍) ମନୋରଞ୍ଜନ ପ୍ରଧାନ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଟିମ୍‌କୁ ନେଇ ଜଳେଶ୍ୱର ରେଳଷ୍ଟେଶନ ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଷ୍ଟେଶନ ସମ୍ମୁଖରେ ରେଳଯାତ୍ରୀ ମାନଙ୍କ ଯାତାୟତ ନିମନ୍ତେ ରାସ୍ତା ପ୍ରଶସ୍ତିକରଣ, ରେଳ କଲୋନୀର ନବୀକରଣ, ଟ୍ରେନ୍ ଚଳାଚଳ ଡିସପ୍ଲେ ବୋର୍ଡ, ଅତ୍ୟାଧୁନିକ ଇନ୍‌କ୍ୱାରୀ ସିଷ୍ଟମ, ଜଳେଶ୍ୱର-ପଶ୍ଚିମବାର୍ଡ଼-କପାସିଆ ରୋଡ ଲେବଲ କ୍ରସିଂ ଠାରେ ଗଳାପୋଲ (ଅଣ୍ଡରପାସ)ନିର୍ମାଣ, ଚାଳନ୍ତି ଓ ବାଟଗ୍ରାମ ରେଳ ଲେବଲ କ୍ରସିଂ ଠାରେ ଉଡ଼ନ୍ତା ସ୍ଥାୟୀ ପକ୍କା ପୋଲ ନିର୍ମାଣ ଏବଂ ରେଳଷ୍ଟେଶନର ବିଭିନ୍ନ ଉନ୍ନତିକରଣ ବିଷୟ ଉପରେ ଏଡିଆର୍‌ଏମ୍ ଗୁରୁତ୍ୱ ଦେଇଥିଲେ। ଉକ୍ତ ଟିମ୍‌ରେ ଡିଭିଜନାଲ ଇଞ୍ଜିନିୟର ଇଂ ମହମ୍ମଦ ୱାସିମ୍, ସିନିୟର ଡିଭିଜନାଲ କର୍ମସିଆଲ ମ୍ୟାନେଜର କୁଲଦୀପ୍ ତିୱାରୀ, କର୍ମସିଆଲ ଅନୀଲ ଜରାଇ, ଆଇଓଡବ୍ଲ୍ୟୁ(ୱାର୍କ୍ସ) ଅଜିତ କୁମାର ମିଶ୍ର ପ୍ରମୁଖ ସାମିଲଥିଲେ। ପରିଦର୍ଶନକାରୀ ଟିମ୍ ସହିତ ଜଳେଶ୍ୱର ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଳେଶ୍ୱର ରେଳଷ୍ଟେଶନ ର ବିଭିନ୍ନ ସମସ୍ୟା ଓ ଦୂରଗାମୀ ଟ୍ରେନ୍ ଗୁଡ଼ିକର ରହଣୀ ସମ୍ବନ୍ଧରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯାହାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କ ସହିତ ଜଳେଶ୍ୱର ରେଳଷ୍ଟେଶନ ସମ୍ବନ୍ଧରେ ଆଲୋଚନା କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**FINANCE** — MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

**FINANCE**
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

**GET INSTANT CASH AGAINST GOLD — GOLD CASH**
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143, 7050017585

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**1985ରୁ ସହସ୍ରାଧିକଙ୍କୁ ଲାଭ — ପ୍ରଫେସର୍ ବିପି ଖନ୍ନା**
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଅଟୋ ଓଲଟି ୨ ଗୁରୁତର

**ଉଦଳା,୧୬।୧ (ଡି.ଏନ.ଏ.):** ଉଦଳା-ବାରିପଦା ରାସ୍ତାର ବୃନ୍ଦାଗଡି ଛକରେ ବୁଧବାର ଏକ ଅଟୋ ଓଲଟି ୨ ଜଣ ଗୁରୁତର ହୋଇଛନ୍ତି। ବଡସାହି ଥାନା ବେଲପାଳ ଅଞ୍ଚଳରୁ ଗୋଟିଏ ପରିବାରର ୧୨ ଜଣ ଏକ ଅଟୋରେ ଦେବକୁଣ୍ଡ ବୁଲିବାକୁ ଯାଉଥିଲେ। ଏହି ସମୟରେ ବୃନ୍ଦାଗଡି ଛକ ନିକଟରେ ଅଟୋଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଗୁରୁତର ଦୁଇ ଜଣଙ୍କୁ ଉଦଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

### ନିମ୍ନମାନର ରାସ୍ତା କାମକୁ ବିରୋଧ



**କୋଷ୍ଠା,୧୬।୧:** ଶୁଳିଆପଦା ପଞ୍ଚାୟତ ସମିତିର କୋଷ୍ଠା ଗ୍ରାମପଞ୍ଚାୟତର କୋଷ୍ଠା ଗ୍ରାମରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଧୂଳିଆ ସାବୁଆ ଘରଠାରୁ ବନ ସାବୁଆ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ପାଇଁ ୨.୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ଫଳକରୁ ଜଣାଯାଏ। ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ଏହା ବ୍ଲକର କାମ ହୋଇଥିବାରୁ ସେ କିଛି କହି ପାରିବେ ନାହିଁ ବୋଲି କହିଛନ୍ତି। ସ୍ଥାନୀୟ ବାସିନ୍ଦା ଏହି ନିମ୍ନମାନର କାମର ତଦାରଖ ସହିତ ବିଲ୍ ନ ଦେବା ପାଇଁ ବିଡିଓଙ୍କୁ ଜଣାଇଛନ୍ତି। ଏହାର ତଦନ୍ତ ପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଜଣାଇଛନ୍ତି।

### ମା' ବାସୁଳୀଙ୍କ ପୀଠରେ ମକରପର୍ବ



**ଖୁଣ୍ଟା, ୧୬।୧(ଡି.ଏନ.ଏ.):** ଖୁଣ୍ଟା ବ୍ଲକ ଅଧୀନ ମଲ୍ଲାରପଦା ଗ୍ରାମରେ ମା' ବାସୁଳି ପୀଠରେ ମକର ପର୍ବ ଉଦ୍ୟାପିତ ହୋଇଯାଇଛି। ମା' ବାସୁଳିଙ୍କ ପୂଜକ ରତିକାନ୍ତ ଖଣ୍ଡେଇ ଓ ରତ୍ନାକର ସେନାପତି ଭୋରୁ ପ୍ରଥମେ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ଗ୍ରାମରେ ସମସ୍ତଙ୍କ ଘରେ ରୋଷେଇ ଆରମ୍ଭ ହୋଇଥିଲା। ସେହିପରି ବାଥୁଡି ସମ୍ପ୍ରଦାୟ ପକ୍ଷରୁ ବାସୁଳିଙ୍କ ପୀଠରେ ମକର ସଂକ୍ରାନ୍ତିରୁ ପାରମ୍ପରିକ ଚାଙ୍ଗୁ ବାଦ୍ୟ, ନୃତ୍ୟ ଆରମ୍ଭ ହୋଇଥିଲା। ବୁଧବାର ସକାଳେ ଦେବୀଙ୍କର ପୂଜା ଶେଷ ପରେ ଚାଙ୍ଗୁ ନୃତ୍ୟ ଉଦ୍ୟାପିତ ହୋଇଥିଲା।

### ବିଭିନ୍ନ ସ୍ଥାନରେ ଟୁସୁ ମେଳା



**ବାଙ୍ଗିରିପୋଷି,(ଡି.ଏନ.ଏ.):** ବାଙ୍ଗିରିପୋଷି ପଞ୍ଚାୟତ ଅନ୍ତର୍ଗତ କାଳିଆମି ଗ୍ରାମର ମାହାଲି ସାହି ଯୁବକ ସଂଘ ଆନୁକୂଲ୍ୟରେ ଟୁସୁମେଳା ଅନୁଷ୍ଠିତ ହୋଇଯାଇଛି। ୬ଟି ଟୁସୁ ପ୍ରତିମା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଗଦା ମୁର୍ମୁ ଓ ସମାଜସେବୀ ଗଣେଶ ଚନ୍ଦ୍ର ମହାନ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଅସନବଣୀ ଟୁସୁ କମିଟି ପ୍ରଥମ, ମାଳଭଞ୍ଜ ଟୁସୁ କମିଟି ଦ୍ୱିତୀୟ ଏବଂ ଚାଉଳଘୋରୀ ଟୁସୁ କମିଟି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।
**ବେତନଟୀ,୧୬।୧ (ଡ଼ି.ଏନ.ଏ):** ବେତନଟୀ ବ୍ଲକ ଅଧୀନ ଭାଲିଆ ଗ୍ରାମରେ ଟୁସୁ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ ଓ ବସ୍ତିରୁ ଝିଅବୋହୂମାନେ ଟୁସୁ ମୂର୍ତ୍ତିକୁ ଏକ ସୁସଜ୍ଜିତ ମେଢ଼ରେ ସଜେଇ ବାବା ସପ୍ତେଶ୍ୱରଙ୍କ ନିକଟ ପତୁଳି ପଡ଼ିଆ ନିକଟକୁ ଆଣିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଚାଷୀ ଉପେକ୍ଷିତ, ଫାଇଦାରେ ବ୍ୟବସାୟୀ

**ବାରିପଦା ଅଫିସ,୧୬।୧**



ଧାନ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀମାନେ।

- ଧାନ ବସ୍ତା ସହ ଜିଲାପାଳଙ୍କୁ ଫେରାଦ ହେଲେ
- ଲ୍ୟାମ୍ପ୍ସରେ ଧାନ ବିକିବାରେ ଅସୁବିଧା
- ଦଲାଲଙ୍କୁ ଦିଆଯାଉଛି ଗୁରୁତ୍ୱ
- ବିକ୍ରି ବ୍ୟବସ୍ଥା କରିବାକୁ ଦାବି ଜଣାଇଲେ

ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ଏହି ଯୋଜନାର ବିନିଯୋଗ ଅପେକ୍ଷା ବିଜ୍ଞାପନ ଅଧିକ ହେଉଥିବା ଆଲୋଚନା କରୁଛନ୍ତି। ଫଳରେ ଚାଷୀ ସବୁବେଳେ ଉପେକ୍ଷିତ ହେଉଥିବା ବେଳେ ବ୍ୟବସାୟୀମାନେ ଏହାର ଫାଇଦା ପାଉଛନ୍ତି। ବୁଧବାର ଏଭଳି ଅଭିଯୋଗ କରିଛନ୍ତି କୁଳିଅଣା ବ୍ଲକର କେତେକ ଚାଷୀ। ସେମାନେ ଧାନ ବିକ୍ରୟ କରିବା ପାଇଁ ସ୍ଥାନୀୟ ଲ୍ୟାମ୍ପ୍ସରେ ହଇରାଣ ହେଉଥିବା ଜିଲାପାଳ ବିନିତ ଭରଦ୍ୱାଜଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ଅଭିନବ ଢଙ୍ଗରେ ଲ୍ୟାମ୍ପ୍ସରେ ବିକ୍ରୟ କରିବା ପାଇଁ ରଖିଥିବା ଧାନ ବସ୍ତାକୁ ମଧ୍ୟ ସାଙ୍ଗରେ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। କାର୍ଯ୍ୟାଳୟ ପରିସରରେ ଥିବା ବର ଗଛ ପିଣ୍ଡିରେ ଧାନ ବସ୍ତା ରଖି ଏ ସମ୍ପର୍କରେ ଜିଲାପାଳ ଭରଦ୍ୱାଜଙ୍କୁ ଜଣାଇଥିଲେ। ଲ୍ୟାମ୍ପ୍ସରେ ଧାନ ବିକ୍ରି ହୋଇ ପାରୁ ନ ଥିବାରୁ ଏଠାରେ ସେମାନଙ୍କ ଧାନ ବିକ୍ରୟ ବ୍ୟବସ୍ଥା କରିବା ପାଇଁ ସେମାନେ ଦାବି କରିଥିଲେ। ପରେ ଏହି ମାମଲାର ସମାଧାନ କରିବା ପାଇଁ ଜିଲାପାଳ ଭରଦ୍ୱାଜ ଜିଲା ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରି ଅଭିଯୋଗକାରୀ ଚାଷୀମାନଙ୍କୁ ଯୋଗାଣ ଅଧିକାରୀଙ୍କ ନିକଟକୁ ପଠାଇଥିଲେ।

ସୂଚନା ମୁତାବକ ଗତ ଡିସେମ୍ବର ୧୭ ତାରିଖରୁ ମୟୂରଭଞ୍ଜ ଜିଲାରେ ଧାନ କିଣା ଆରମ୍ଭ ହୋଇଥିଲା। ଜିଲାରେ ଥିବା ୫୨ ଲ୍ୟାମ୍ପ୍ସ ଓ ୯୭ ପେଡି ପ୍ରୋକ୍ୟୁରମେଣ୍ଟ ସେଣ୍ଟରରେ ଧାନ କିଣା କାର୍ଯ୍ୟ ଚାଲିଛି। ଜିଲା ଯୋଗାଣ ବିଭାଗ ପକ୍ଷରୁ ମୋଟ ୭ ଲକ୍ଷ ୫ ହଜାର ୮୮୨.୩୫ କିଗ୍ରା ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ୧୨ ମିଲର ନିୟୋଜିତ ଅଛନ୍ତି। ଏଥିରେ ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ହେଲେ ଚାଷୀ ବଦଳରେ ଦଲାଲ ତଥା ବ୍ୟବସାୟୀଙ୍କୁ ଲ୍ୟାମ୍ପ୍ସଗୁଡିକରେ ଅଗ୍ରାଧିକାର ଭିତ୍ତିରେ ଧାନ ବିକ୍ରୟ କରିବା ପାଇଁ ସୁଯୋଗ ଦିଆଯାଉଛି। ପ୍ରକୃତ ଚାଷୀଙ୍କୁ ଉପେକ୍ଷିତ କରାଯାଉଛି। ବିଶେଷ କରି କୁଳିଅଣା ଓ ଚାନ୍ଦୁଆ ଲ୍ୟାମ୍ପ୍ସରେ ଏଭଳି ଘଟଣା ଘଟୁଛି। କୁଳିଅଣା ବ୍ଲକର ପଳାଶବଣୀ, ମୁନିଧଡା, ରଘୁନାଥପୁର, ମାରାଙ୍ଗତାଣ୍ଡି, ଭୂୟାଁଗଡା, ହାତୀମଡା ଅଞ୍ଚଳର ଚାଷୀମାନଙ୍କୁ ଉପରୋକ୍ତ ଦୁଇଟି ଲ୍ୟାମ୍ପ୍ସରେ ଅବହେଳା କରାଯାଉଛି। ଏଣୁ ବାଧ୍ୟ ହୋଇ ଏଥିରେ ହସ୍ତକ୍ଷେପ କରିବା ପାଇଁ ଚାଷୀ କୁନୁ ସୋରେନ, ଲଗେନ ହାଁସଦା, ବିକାଶ ମହାନ୍ତ, ମୁରଲୀଧର କଳିଆ, ମୋହନ ହେମ୍ବ୍ରମ, ସୁମନ୍ତ ବେହେରା ଓ ରାକେଶ ମହାନ୍ତଙ୍କ ସମେତ ଅନ୍ୟ ଚାଷୀମାନେ ନିଜ ନିଜ ଧାନକୁ ନେଇ ବାରିପଦା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଭାବେ ଜଣାଇଥିଲେ।

## ବାରିପଦାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

# ୩ ଦିନ କୋର୍ଟ ବନ୍ଦ

**ବାରିପଦା ଅଫିସ,୧୬।୧**

**ଜେଏମଏମ, କଂଗ୍ରେସ ଜଣାଇଲେ ସମର୍ଥନ**

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଉତ୍ତର ଓଡିଶା ପାଇଁ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ଖୋଲିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ହେଲେ ଏନେଇ ନା ରାଜ୍ୟ ନା କେନ୍ଦ୍ର ସରକାର କେହି ବି ଗୁରୁତ୍ୱ ଦେଉ ନାହାନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ନିକଟରେ ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟର ବେଞ୍ଚ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କୁ ନିକଟକୁ ଚିଠି ଲେଖିଥିଲେ। ଏଥିରେ ଉତ୍ତର ଓଡିଶା କଥା ଉଲ୍ଲେଖ କରି ନ ଥିବାରୁ ମୟୂରଭଞ୍ଜ ଜିଲା ବାର ଆସୋସିଏସନ ଏହାକୁ ବିରୋଧ କରିଛି। ପ୍ରତିବାଦରେ ଗୁରୁବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୩ ଦିନ ଧରି କୋର୍ଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ବୁଧବାର ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଗୁରୁବାର ପୂର୍ବାହ୍ନ ୧୧ ଟା ବେଳେ ଓକିଲମାନେ ସହର ପରିକ୍ରମା କରି ସର୍ବସାଧାରଣଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ଆଲୋଚନା ହୋଇଛି। ଜିଲା ଓକିଲ ସଂଘର ଏହି ନିଷ୍ପତ୍ତିକୁ ଜେଏମଏମ ଓ କଂଗ୍ରେସ ମଧ୍ୟ ନିସର୍ତ୍ତ ସମର୍ଥନ ଜଣାଇଛନ୍ତି। ଜିଲା ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜରୁରୀ ସାଧାରଣ ପରିଷଦ ବୈଠକରେ ସମ୍ପାଦକ ବିପ୍ଳବ ବାରିକ, ଉପସଭାପତି ସତ୍ୟବ୍ରତ ମହାନ୍ତି, ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ହିମାଂଶୁ ପରିଡା, ବିଜନ ଦାସ, ପ୍ରଦୀପ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ଏହି ନିଷ୍ପତ୍ତିକୁ ନିସର୍ତ୍ତ ସମର୍ଥନ କରୁଥିବା ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ଫାଗୁ ହାଁସଦା ଓ ଜିଲା କଂଗ୍ରେସ ପକ୍ଷରୁ ଯୁବ ସଭାପତି ରାକେଶ ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ସହିତ ଓକିଲମାନଙ୍କର ଏହି ଆନ୍ଦୋଳନକୁ ସହରର ସମସ୍ତ ଜନ ସାଧାରଣ, ସାମାଜିକ କର୍ମୀ, ରାଜନୈତିକ ଦଳ, ଅଣରାଜନୈତିକ ସଙ୍ଗଠନ, ବ୍ୟବସାୟୀ ସଙ୍ଗଠନ ଏବଂ ଜିଲାବାସୀଙ୍କୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓକିଲମାନେ ଧାରଣାରେ ବସିବା ନେଇ ମଧ୍ୟ କାର୍ଯ୍ୟକ୍ରମ ଥିବା ସଂଘ ସାଧାରଣ ସମ୍ପାଦକ ବିପ୍ଳବ ବାରିକ କହିଛନ୍ତି।

## ଉପାଧ୍ୟକ୍ଷଙ୍କୁ ମିଳିଲା ଅଧ୍ୟକ୍ଷ ଦାୟିତ୍ୱ

**କୁଆମରା,୧୬।୧(ଡି.ଏନ.ଏ.)**

ଗୋପବନ୍ଧୁନଗର ବ୍ଲକ ଅଧ୍ୟକ୍ଷ ଅଞ୍ଜୁ ଖଣ୍ଡେଇଙ୍କର ଗତ ୧୨ ତାରିଖରେ ପରଲୋକ ହେବା ପରେ ଉକ୍ତ ସ୍ଥାନଟି ଶୂନ୍ୟ ପଡ଼ି ଥିଲା। ଏଣୁ ଓଡ଼ିଶା ସରକାରଙ୍କ ପଞ୍ଚାୟତ ସମିତି ୧୯୯୯ ମସିହା ନିୟମ ଅନୁଯାୟୀ ଉପାଧ୍ୟକ୍ଷ ପଦରେ ଥିବା ମାନସ ରଞ୍ଜନ ମହାରଣାଙ୍କୁ ଅଧ୍ୟକ୍ଷ ପଦର ଦାୟିତ୍ୱ ବୁଧବାର ପ୍ରଦାନ କରାଯାଇଛି। ଏନେଇ ବିଡିଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ୨୦୧୭ ମାର୍ଚ୍ଚରେ ଶ୍ରୀମତୀ ଖଣ୍ଡେଇ କାର୍ଯ୍ୟ ଭାର ଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ବ୍ଲକ ପରିସରରେ ବିଡିଓ ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

# ୫୦ ବର୍ଷରେ ବାଘଡା ରୋଡ ସୂର୍ଯ୍ୟ ପୂଜା

**ବାରିପଦା ଅଫିସ,୧୬।୧**



ସୂର୍ଯ୍ୟ ଦେବଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି।

ପ୍ରତିବର୍ଷ ଭଳି ଚଳିତ ବର୍ଷ ବାରିପଦା ସହରସ୍ଥିତ ବାଘଡା ରୋଡ ପୂଜା କମିଟି ଆନୁକୂଲ୍ୟରେ ବୁଧବାର ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଯାଇଛି। ଶାମ୍ବ ଦଶମୀ ତିଥିରେ ଭଗବାନ ସୂର୍ଯ୍ୟ ଦେବଙ୍କ ରଥାରୂଢ଼ ପ୍ରତିମୂର୍ତ୍ତିକୁ ଏଠାରେ ପୂଜା କରାଯାଇଥାଏ। ବାରିପଦାରେ ଏହି ପୂଜା ଦୀର୍ଘ ୫୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ବୁଧବାର ସକାଳେ ବୁଢ଼ାବଳଙ୍ଗ ଏବଂ ଚିପଟ ନଦୀର ସଙ୍ଗମ ସ୍ଥଳରୁ ଘଟ ଉତ୍ତୋଳନ କରାଯାଇ ଏକ ଶୋଭାଯାତ୍ରାରେ ପୂଜାସ୍ଥଳକୁ ଅଣାଯାଇଥିଲା। ପୂଜକ ଅରୁଣ କୁମାର ମିଶ୍ରଙ୍କ ନେତୃତ୍ୱରେ ପୂଜକ ଦଳ ମଣ୍ଡପରେ ପୂଜା ଆରମ୍ଭ କରିଥିଲେ। ହୋମ ଯଜ୍ଞ ହେବା ସହ ବହୁ ଭକ୍ତ ଏଠାରେ ମାନସିକ ପୂଜା କରିଥିଲେ।

ପୁରାଣ ବର୍ଣ୍ଣନା ଅନୁସାରେ, ଶ୍ରୀକୃଷ୍ଣ ନିଜ ପୁତ୍ର ଶାମ୍ବଙ୍କୁ କୁଷ୍ଠ ରୋଗରୁ ମୁକ୍ତ କରିବା ଲାଗି ସୂର୍ଯ୍ୟଙ୍କୁ ଆରାଧନା କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିଯୋଗୁ ଶାମ୍ବ ଚନ୍ଦ୍ରଭାଗାଠାରେ ସୂର୍ଯ୍ୟଙ୍କୁ ଆରାଧନା କରି ରୋଗମୁକ୍ତ ହୋଇଥିଲେ। ସେହିଦିନଠାରୁ ସୂର୍ଯ୍ୟଙ୍କୁ କୋଣାର୍କରେ ପୂଜା କରାଯାଏ। ପରମ୍ପରା ଅନୁସାରେ ବହୁ ଭକ୍ତ ନିଜ ପୁତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ଏଠାରେ ମାନସିକ ପୂଜା କରିଥାନ୍ତି। ଏହା ସହ ଏଠାକାର ନୀତି ଅନୁଯାୟୀ ଠାକୁରଙ୍କ ପାଖରେ ଖିରି ଓ ପୁରି ଭୋଗ ଲଗାଇ ଉପସ୍ଥିତ ଲୋକମାନଙ୍କୁ ବଣ୍ଟା ଯାଇଥିଲା। ଶାମ୍ବ ଦଶମୀ ତିଥିରେ ପ୍ରାତଃ ସ୍ନାନ କରି ମିତ୍ରାଦିତ୍ୟଙ୍କ ରଥକୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହ ପୁନର୍ଜନ୍ମ ହୋଇ ନ ଥାଏ ବୋଲି କପିଳ ସଂହିତାରେ ଉଲ୍ଲେଖ ରହିଛି। ଏହି ପୂଜା ମଣ୍ଡପରେ ୭ଟି ଘୋଡା ଓ ସାରଥିଙ୍କ ରଥରେ ସୂର୍ଯ୍ୟ ଦେବ ରଥାରୂଢ଼ ହୋଇ ଦର୍ଶନ ଦେଉଛନ୍ତି। ଏହି ପୂଜା ବୁଧବାର ଠାରୁ ୭ଦିନ ପର୍ଯ୍ୟନ୍ତ ଚାଲିବ। ବୁଧବାର ସନ୍ଧ୍ୟାରେ ଭକ୍ତମାନଙ୍କୁ ଖେଚୁଡି ଭୋଗ ପ୍ରଦାନ କରାଯାଇଛି।

## ଗଛରେ ପିଟିହୋଇ ଯୁବକ ମୃତ

**ଖୁଣ୍ଟା,୧୬।୧ ( ଡି.ଏନ.ଏ.)**

ଖୁଣ୍ଟା ଥାନା ଅଧୀନ ଟୁଙ୍ଗାଦୁଆ ଜଙ୍ଗଲ ରାସ୍ତାରେ ଜଣେ ବାଇକ୍ ଚାଳକ ଏକ ଗଛରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ଏନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ ୪/୧୯) ରୁଜୁ ହୋଇଛି। ଉଦଳା ଥାନା ଅଧୀନ ସିମିଳାବନ୍ଧ ଡାହିସାହି ଗ୍ରାମର ବୁଢ଼ଣ ହେମ୍ବ୍ରମଙ୍କ ପୁଅ ଚରଣ (୩୦) ମଙ୍ଗଳବାର ଟୁଙ୍ଗାଦୁଆ ଗ୍ରାମ ଜଙ୍ଗଲ ରାସ୍ତାରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୁଣ୍ଟା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବେତନଟୀ,୧୬।୧ (ଡ଼ି.ଏନ.ଏ)**

ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ୧୦ ବର୍ଷୀୟା ନାବାଳିକା ବଳାତ୍କାରର ଶିକାର ହୋଇଥିବା ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମାମଲା (ନଂ ୧୧/୧୯) ରୁଜୁ କରି ଉକ୍ତ ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରିଛନ୍ତି। ପୀଡ଼ିତା ବୁଧବାର ବେତନଟୀ ଡ଼ାକ୍ତରଖାନା ଚିକିତ୍ସା ପାଇଁ ଆସିଥିବା ବେଳେ ବୈଶିଙ୍ଗା ପୋଲିସ ତଦନ୍ତ କରି ଏହି ମାମଲା ରୁଜୁ କରିଛି।

## ବ୍ୟାସକବି ଜୟନ୍ତୀରେ କବିତା ପାଠୋତ୍ସବ




ସଭାରେ ଉପସ୍ଥିତ ଅତିଥିବୃନ୍ଦ।

**ବେତନଟୀ,୧୬।୧(ଡ଼ି.ଏନ.ଏ)**

ବେତନଟୀରେ ଥିବା ମୟୂର ସାହିତ୍ୟ ସଂସଦ ଆନୁକୂଲ୍ୟରେ ପବିତ୍ର ମକରସଂକ୍ରାନ୍ତି ଅବସରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏନେଇ ଏକ ସ୍ୱତନ୍ତ୍ର ବୈଠକରେ ମଞ୍ଚାସୀନ ଅତିଥିମାନେ ଫକୀର ମୋହନଙ୍କ ସାହିତ୍ୟ ସାଧନା ଓ ତାଙ୍କ ସାହିତ୍ୟର ସାମାଜିକ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ସାହିତ୍ୟ ଏକାଡ଼େମୀ ସଦସ୍ୟ ଡ଼. ରମାକାନ୍ତ ସିଂହ, ମୁଖ୍ୟବକ୍ତା ଭାବେ ପତ୍ରିକା ସମ୍ପାଦକ ଡ଼. କୁମାର ବାବୁଲି, ସମ୍ମାନିତ ଅତିଥି ଡ଼. କୃପାସିନ୍ଧୁ ବିନ୍ଧାଣୀ ଓ ସର୍ବେଶ୍ୱର ଜେନା ଯୋଗ ଦେଇଥିଲେ। ଏହି ସଭାରେ ସାହିତ୍ୟ ସଂସଦ ସଭାପତି ଜଗନ୍ନାଥ ତତ୍ତ୍ୱବିତ, ଜୟନ୍ତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ବନ ମୟୂର ସମ୍ପାଦକ ନୀରଦ ସୁନ୍ଦର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଅଧ୍ୟାପିକା ମନ୍ଦାକିନୀ ସାହୁଙ୍କ ସଂଯୋଜନାରେ ଏକ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ କବି ନରହରି ମହାନ୍ତ, ବାସୁଦେବ ନାପିତ, ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଶତଦଳ ସାହିତ୍ୟ ପ୍ରତିଷ୍ଠାନର ସଭାପତି ଭାସ୍କର ଦିବେଦ୍ୱୀ, ଗଣେଶ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ଭୂୟାଁ, ଡ଼. ରମାକାନ୍ତ ମହାନ୍ତ, ଡ଼. ବିପ୍ଳବ ରଞ୍ଜନ ପ୍ରଦାନ, ପର୍ଶୁରାମ ସାହୁ, ଶିକ୍ଷକ ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଯତୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ୧୮ରୁ ମୟୂରଭଞ୍ଜ ଉତ୍ସବ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଜାନୁୟାରୀ ୧୮ରୁ ୨୦ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ମୟୂରଭଞ୍ଜ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟ ଏବଂ ରାଜଧାନୀବାସୀଙ୍କ ମଧ୍ୟରେ ମୟୂରଭଞ୍ଜ ସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରାଜଧାନୀ ମଞ୍ଚରେ ସୁଦୂର ମୟୂରଭଞ୍ଜର କଳାକାରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେବ। ଏହାବ୍ୟତୀତ ମୟୂରଭଞ୍ଜର ଉତ୍କୃଷ୍ଟ ପର୍ଯ୍ୟଟନ ପ୍ରତି ଲୋକଙ୍କୁ ଆକୃଷ୍ଟ କରିବା ଏହାର ଆଉ ଏକ ଉଦ୍ଦେଶ୍ୟ ହେବ। କାର୍ଯ୍ୟକ୍ରମର ତିନୋଟି ମୁଖ୍ୟ ଆକର୍ଷଣ ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରାଫ୍ଟମେଳା ଓ ସ୍ୱାଦିଷ୍ଟ ବ୍ୟଞ୍ଜନକୁ ନେଇ ଚଳିତବର୍ଷ ମହୋତ୍ସବର ଆୟୋଜନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠିତ ଓ ଉଦୀୟମାନ କଳାକାରମାନେ ଆଧୁନିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ଏଥିପାଇଁ କଳାକାରଙ୍କୁ ବଛାଯାଇଛି। ଜିଲାର ପ୍ରସିଦ୍ଧ ଛଉନାଚ, ଝୁମର ନୃତ୍ୟ ଓ ସଙ୍ଗୀତ, ପ୍ରାଚୀନ ଆଦିବାସୀ ନୃତ୍ୟ ସହିତ ମୟୂରଭଞ୍ଜର ସିନେମା ଓ ଟେଲିଭିଜନ କଳାକାରମାନଙ୍କୁ ନେଇ ସ୍ୱତନ୍ତ୍ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି କ୍ରାଫ୍ଟମେଳାରେ ଖିଚିଂର ପଥର ବାସନ ଏବଂ ମୟୂରଭଞ୍ଜର ଟସରକୁ ନେଇ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯିବ। ଏହାବ୍ୟତୀତ ଦର୍ଶକ ମୟୂରଭଞ୍ଜ ପ୍ରସିଦ୍ଧ ମୁଢ଼ିମାଂସ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ। ଏ ନେଇ ବୁଧବାର ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।




ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ମୟୂରଭଞ୍ଜ ମହୋତ୍ସବ ନିମନ୍ତେ ଆୟୋଜିତ ଖବରଦାତା ସମ୍ମିଳନୀ।

## ବୃଦ୍ଧାଙ୍କ ବେକରୁ ସୁନାହାର ଲୁଟ୍

**ବେତନଟୀ,୧୬।୧ (ଡ଼ି.ଏନ.ଏ)**–ବେତନଟୀ ଥାନା ଅଧୀନ ଲକ୍ଷ୍ମୀନାରାୟଣ ମନ୍ଦିରରୁ ଆନନ୍ଦବଜାର ରାସ୍ତା ମଧ୍ୟରେ କିରଣବାଳା ସାହୁ ନାମ୍ନୀ ବୃଦ୍ଧାଙ୍କ ବେକରୁ ବୁଧବାର ସୁନାହାର ଲୁଟ ହୋଇଛି। ଏନେଇ ତାଙ୍କ ପୁଅ ଗୋଲକ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କିରଣବାଳା ରାସ୍ତାରେ ଯାଉଥିବାବେଳେ ଦୁଇ ଯୁବକ ଏକ ବାଇକ୍‌ରେ ପଛଆଡୁ ଆସି ତାଙ୍କ ବେକରୁ ସୁନାହାର ନେଇ ଫେରାର ହୋଇଯାଇଥିଲେ।

## ■ ଦାମୋଦର ମେଳା ଆରମ୍ଭ

# ସାମୂହିକ ଭାବେ ହେଲା ଅସ୍ଥି ବିସର୍ଜନ

**ବାରିପଦା ଅଫିସ,୧୬।୧**



ବଡସାହି ବ୍ଲକ ତ୍ରିବେଣୀ ଘାଟରେ ଦାମୋଦର ମେଳା ନିମନ୍ତେ ଭିଡ।

ମୟୂରଭଞ୍ଜ ଜିଲାର ଗଣପର୍ବ ଭାବେ ପରିଚିତ ମକର ଅବସରରେ ବାରୁଣୀ ଘାଟରେ ଆରମ୍ଭ ହୋଇଛି ଦାମୋଦର ମେଳା। ବାରିପଦା ସହରସ୍ଥିତ ବୁଢ଼ାବଳଙ୍ଗ, ଜରାଳୀ ଓ ସରାଳୀର ସଙ୍ଗମ ସ୍ଥଳ ହେଉଛି ବାରୁଣୀ ଘାଟ। ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ସାନ୍ତାଳ ସମ୍ପ୍ରଦାୟର ମୃତକଙ୍କ ସମୂହ ଅସ୍ଥି ବିସର୍ଜନକୁ ଦାମୋଦର ମେଳା ତଥା ଦାମୋଦର ଯାତ୍ରା କୁହାଯାଏ। ଏହା ମୃତ୍ୟୁ ସଂସ୍କାରର ଶେଷ ପର୍ବ। ପ୍ରତ୍ୟେକ ସାନ୍ତାଳ ପରିବାର ସେମାନଙ୍କର ଆତ୍ମୀୟ କିମ୍ବା ପରିଜନଙ୍କ ମୃତ୍ୟୁ ପରେ ଅସ୍ଥିକୁ ଗଙ୍ଗାନଦୀରେ ବିସର୍ଜନ ପାଇଁ ମାଟିରେ ପୋତି ରଖନ୍ତି। ମାତ୍ର ସେଠାକୁ ଯାଇ ନ ପାରିଲେ ବାରୁଣୀ ଘାଟରେ ମକର ସଂକ୍ରାନ୍ତି ଅବସରରେ ବିସର୍ଜନ କରନ୍ତି। ଏହି ମେଳାରେ ଅସ୍ଥି ବିସର୍ଜନ କରିବା ପାଇଁ କେବଳ ମୟୂରଭଞ୍ଜ ଜିଲା ନୁହେଁ ପଡୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡରୁ ମଧ୍ୟ ଏହି ସମ୍ପ୍ରଦାୟ ଲୋକେ ଆସିଥାନ୍ତି। କାହିଁ କେଉଁ ଆଦିମ କାଳରୁ ଚାଲିଆସୁଛି ଏହି ପରମ୍ପରା। ଲୋକେ ନିଜର ଆତ୍ମୀୟଙ୍କ ଅସ୍ଥିକୁ ଧରି ନାଚଗୀତ କରି ନଦୀର ଘାଟରେ ପହଞ୍ଚିଥିଲେ। ସେଠାରେ ସେମାନେ ଲଣ୍ଡା ହେବା ସହ ଅସ୍ଥିକୁ ପାଣିରେ ଭସାଇଥିଲେ। ଲୋକ ଗହଳିକୁ ଆଖି ଆଗରେ ରଖି ମେଳାରେ ଆଦିବାସୀଙ୍କ ପାରମ୍ପରିକ ଲୁଗାପଟା ଦୋକାନ ପଡ଼ିଛି। ମେଳାରେ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଅଛନ୍ତି। ପ୍ରଥମ ଦିନରେ ବହୁ ଲୋକଙ୍କ ସମାଗମ ହୋଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଦିବସରେ ମଧ୍ୟ ଭିଡ ପରିଲକ୍ଷିତ ବୋଲି ଆୟୋଜକମାନେ ଆକଳନ କରିଛନ୍ତି।

**ବଡସାହି,(ସ୍ୱ.ପ୍ର.)**–ବଡସାହି ବ୍ଲକ ବେଲପାଳ ବୁଢାବଳଙ୍ଗ ନଦୀର ତ୍ରିବେଣୀ ଘାଟରେ ବୁଧବାର ଦାମୋଦର ମେଳା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମ୍ମୁଦୁଣୀ ସଲମା ଆୟଙ୍କ ନାମରେ ଏହି ଘାଟର ନାମକରଣ କରାଯାଇଛି। ବଡସାହି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଦାମୋଦର ମେଳାକୁ ଯାଇ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇଛନ୍ତି। ପାରମ୍ପରିକ ବେଶ, ପୋଷାକ, ନୃତ୍ୟ, ଗୀତରେ ଦାମୋଦର ଘାଟ କୋଳାହଳମୟ ହୋଇଥିଲା। ଦାନ ପାଇଁ ବିଭିନ୍ନ ଜିନିଷକୁ ଲୋକେ ଭାର ସାହାଯ୍ୟରେ ବୋହି ଦାମୋଦର ଘାଟରେ ପହଞ୍ଚିଥିଲେ। ସେହିପରି ଚନ୍ଦନପୁର ପଞ୍ଚାୟତର ଶଙ୍କୁଚା–ଡିଙ୍ଗିରା ବୁଢାବଳଙ୍ଗ ନଦୀ ଘାଟରେ ୪ବର୍ଷ ଧରି ଏହି ମେଳା ଅନୁଷ୍ଠିତ ହେଉଛି। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ପିଇବା ପାଣି, ବିଶ୍ରାମ ପାଇଁ ଟେଣ୍ଟ ଓ ଆଲୋକ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ୪୦ ବସ୍ତା କୋଇଲା ସହ ବୋଲେରୋ ଜବତ: ୨ ଗିରଫ

ତିହିଡ଼ି, ୧୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଲସାହି-ଗୁଆମାଳ ରାସ୍ତାରୁ ବୁଧବାର ପୋଲିସ ୪୦ ବସ୍ତା କୋଇଲା ଜବତ କରିଛି। ଏଥିସହ ପୋଲିସ ୨ କୋଇଲା ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁଆମାଳ ଗ୍ରାମର ସଞ୍ଜୟ ଜେନା ଓ ଶ୍ରୀକାନ୍ତ ଜେନା। ଦୋଲସାହି ବଜାରରୁ କେତେକ ବ୍ୟକ୍ତି ଏକ ନମ୍ବର ବିହୀନ ବୋଲେରୋରେ କୋଇଲା ବୋଝେଇ କରି ନେଇ ଯାଉଥିଲେ। ଖବର ପାଇ ତିହିଡ଼ି ଥାନା ପୋଲିସ ଚଢ଼ାଉ କରି କୋଇଲା ସହ ଗାଡ଼ି ଜବତ କରିଥିଲା। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

### ୩ ବଖରା ଜଳିଗଲା

ଧାମନଗର, ୧୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ଭଣ୍ଡାରୀପଡା ଜେନାସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୩ ବଖରା ବାସଗୃହ ସମେତ ରୋଷେଇ ଘର ଜଳିଯାଇଛି। ନଟବର ଜେନା, ସଞ୍ଜୀବ ଜେନା ଓ ରାଜେନ୍ଦ୍ର ଜେନାଙ୍କର ବଖରାଏ ଲେଖାଏ ବାସଗୃହ ପୋଡ଼ିଯାଇଛି। ଏଥିସହ ଏକ ବାଇକ୍ ମଧ ଜଳିଯାଇଛି। ଧାମନଗରରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

### ଅପାରଗ ସରକାରଙ୍କୁ ଚୁଡ଼ି ଭେଟି ଦେବ ମହିଳାମୋର୍ଚ୍ଚା

ଭଦ୍ରକ ଅଫିସ, ୧୬।୧: ରାଜ୍ୟର ବିଜେଡି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ। ବେବିନା ଘଟଣାକୁ ୮ ବର୍ଷ ପୁରି ଯାଇଥିବା ବେଳେ ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇ ରଖିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ମୁକୁଳାଇ ପୁଣି ଅଧିକରୁ ଅଧିକ ଜଘନ୍ୟ କାଣ୍ଡ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ବେବିନାଙ୍କୁ ନ୍ୟାୟ ଦେବାକୁ ଅସମର୍ଥ ହୋଇଥିବା, ନିଜକୁ ଦୁର୍ବଳ ଓ ଅପାରଗ ପ୍ରମାଣିତ କରିଥିବା ବିଜେଡି ସରକାର ଚୁଡି ପିନ୍ଧିବା ଉଚିତ ବୋଲି ଭାଜପା ମହିଳା ମୋର୍ଚ୍ଚାର ଜିଲା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆ ଦଳ ପକ୍ଷରୁ ହେଉଥିବା ଚୁଡ଼ି ସଂଗ୍ରହ ଅଭିଯାନ ସମୟରେ କହିଛନ୍ତି। ମଙ୍ଗଳବାର ଜିଲା ସଭାନେତ୍ରୀ ଖୁଣ୍ଟିଆଙ୍କ ନେତୃତ୍ୱରେ ଭାଜପା ମହିଳାମୋର୍ଚ୍ଚା ପକ୍ଷରୁ ଭଦ୍ରକ ନିର୍ବାଚନ ମଣ୍ଡଳୀର ବେନ୍ତାଳ ପଞ୍ଚାୟତରେ ଲାଲ ଚୁଡ଼ି ସଂଗ୍ରହ କରାଯାଇଥିଲା। ରାଜ୍ୟ ମହିଳା ମୋର୍ଚ୍ଚାର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ସ୍ଥାନରୁ ଚୁଡ଼ି ସଂଗ୍ରହ କରାଯାଇ ବିଧାୟକ ଓ ମନ୍ତ୍ରୀମାନଙ୍କୁ ଭେଟି ଦିଆଯିବ। ଏହାପରେ ସଚିବାଳୟ ଘେରାଉ କରାଯିବ ବୋଲି ସଭାନେତ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ପ୍ରଧାନ, ମନୋରମା ଧଳ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଦାସ, ବିଜୟଲକ୍ଷ୍ମୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ତିହିଡ଼ି, ୧୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଅଚକ ଅଞ୍ଚଳର ଜଣେ ନାବାଳିକାଙ୍କୁ ସୋମବାର ରାତିରେ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉତ୍ତରବାହା ଗ୍ରାମର ସନ୍ତୋଷ ସାହୁ ନାମକ ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ: ତର୍କ ପ୍ରତିଯୋଗିତା

ଭଣ୍ଡାରିପୋଖରୀ, ୧୬।୧ (ଡି.ଏନ.ଏ.): ରାଜ୍ୟ ସରକାରଙ୍କ ଜଳ ସମ୍ବଳ ବିଭାଗ ଆନୁକୂଲ୍ୟରେ ଭଣ୍ଡାରିପୋଖରୀ ହାଇସ୍କୁଲ ପରିସରରେ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢୀଙ୍କ ନିର୍ଦ୍ଦେଶକ୍ରମେ 'ଜଳର ସୁଗୁଣ ସଦ୍‌ବ୍ୟବହାର ଓ ସୁରକ୍ଷା' ଶୀର୍ଷକରେ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷକ ରମାକାନ୍ତ ଲେଙ୍କା, ଶିକ୍ଷାବିତ୍ ନରହରି ମହାନ୍ତି ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୫ଟି ହାଇସ୍କୁଲର ୧୨ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଭଣ୍ଡାରିପୋଖରୀ, କୁଲଣା ଓ ସରସଦା ହାଇସ୍କୁଲର ଛାତ୍ରୀଛାତ୍ର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଅନ୍ୟ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ବର୍ଷା ପ୍ରିୟଦର୍ଶିନୀ ମଲିକ, ବସନ୍ତ ରାଉତ, ସରୋଜ ସାମଲ ଓ ନରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସାଙ୍ଗକୁ ଉତ୍ତର ଭାଇରାଲ

ଭଦ୍ରକ ଅଫିସ, ୧୬।୧

ଭଦ୍ରକ ଜିଲାରେ ମୋଟ ୮ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ବୁଧବାର ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ପ୍ରଶ୍ନପତ୍ର ସାଙ୍ଗକୁ ୧୫୦ ଉତ୍ତର ଲେଖାଥିବା ଏକ କାଗଜ ଭାଇରାଲ ହେବା ଘଟଣା ସାମ୍ନାକୁ ଆସିଥିଲା। ଏପରିକି ଏହା ମଙ୍ଗଳବାର ସନ୍ଧ୍ୟାରୁ ମୋବାଇଲରୁ ମୋବାଇଲ ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଏହି ଉତ୍ତରପତ୍ରର ସତ୍ୟତାକୁ ନେଇ ସନ୍ଦେହ କରାଯାଉଥିଲା। ବୁଧବାର ପରୀକ୍ଷା ଦେଇ କେନ୍ଦ୍ରରୁ ପରୀକ୍ଷାର୍ଥୀମାନେ ମଧ୍ୟାହ୍ନ ସାଢ଼େ ୧୨ଟାରେ ଫେରିବା ପରେ ଏହି ଉତ୍ତର କାଗଜ ଓ ଭାଇରାଲ ହୋଇଥିବା ପ୍ରଶ୍ନପତ୍ରର ସତ୍ୟତା ଥିବା ପ୍ରମାଣିତ ହୋଇଥିଲା। ବୋର୍ଡ ତରଫରୁ ପ୍ରଶ୍ନପତ୍ର-୨(ବିଏଡ୍) ଛାତ୍ରୀଛାତ୍ରଙ୍କ ପାଇଁ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷା ବାତିଲ କରାଯାଇଥିଲା। ଫଳରେ ଜିଲାର ୮ଟି କେନ୍ଦ୍ରରେ ପେପର-୧(ସିଟି)ରେ ପରୀକ୍ଷା ଦେଇଥିବା ୨୯୦୮ ଓ ପେପର-୨ ପାଇଁ ଅପେକ୍ଷାରତ ୨୨୭୯ ପରୀକ୍ଷାର୍ଥୀ ନିରାଶ ହୋଇଛନ୍ତି।

**ନିରାଶ ହେଲେ ଓଟିଇଟି ପରୀକ୍ଷାର୍ଥୀ**



ଭାଇରାଲ ହୋଇଥିବା ଉତ୍ତର କାଗଜ।

ଏହି ଘଟଣାକୁ ନେଇ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ଭଦ୍ରକ ଜିଲାରେ ଓଟିଇଟି ପରୀକ୍ଷା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୮ଟି କେନ୍ଦ୍ର ଯଥା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜିଲା ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାଗୁରାଇ ହାଇସ୍କୁଲ, ପୁରୁଣାବଜାର ଏନ୍‌ସି ହାଇସ୍କୁଲ, ଚରମ୍ପା ଆର୍‌ସିବିଏଲ୍ ହାଇସ୍କୁଲ, ଚରମ୍ପା ହାଇସ୍କୁଲ, ପୁରୁଣାବଜାର ଡିଏନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରାଯାଇଥିଲା। ପ୍ରତି କେନ୍ଦ୍ରରେ ପ୍ରଶ୍ନପତ୍ର ରଖାଯିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରତି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପ୍ରଶ୍ନପତ୍ର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହାବ୍ୟତୀତ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମାଧ୍ୟମରେ ୨୪ ଘଣ୍ଟିଆ ସୁରକ୍ଷା ଲାଗି ପୋଲିସ ମୁତୟନ କରାଯାଇଥିଲା। ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ୮ ଜଣ ଅବଜରଭରଙ୍କୁ ପ୍ରଶ୍ନପତ୍ର ଥିବା ରୁମ୍‌ର ସୁରକ୍ଷା ନିରୀକ୍ଷଣ ଦାୟିତ୍ୱ ଦିଆଯାଇଥିଲା। ତଥାପି ପ୍ରଶ୍ନପତ୍ର ଲିକ୍ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭଦ୍ରକ ଜିଲାରେ ପ୍ରଶ୍ନପତ୍ର ଲିକ୍ ହୋଇ ନ ଥିବା ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ତାଙ୍କ ପ୍ରତିକ୍ରିୟା ରଖିଥିଲେ ମଧ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ଶିକ୍ଷା ବିଭାଗର ପରୀକ୍ଷା ପରିଚାଳନା ଅପାରଗତାକୁ ବହୁ ପରୀକ୍ଷାର୍ଥୀ ଦାୟୀ କରୁଥିବା ବେଳେ କେହି କେହି ମୁଦ୍ରଣ ସମୟରେ ଭାଇରାଲ ହୋଇଥିବା ପ୍ରତିକ୍ରିୟା ରଖିଛନ୍ତି। କ୍ରାଇମବ୍ରାଞ୍ଚର ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଇଛି।



ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ନିରାଶ ପରୀକ୍ଷାର୍ଥୀ।

## କବିତା ଆସରରେ ୫ କବି ସମ୍ବର୍ଦ୍ଧିତ

ଧାମନଗର, ୧୬।୧

ଧାମନଗର ବ୍ଲକ ଧୂଷୁରୀ ଜଗନ୍ନାଥ ମନ୍ଦିର ପରିସରରେ ନବଜୀବନ ଫାଉଣ୍ଡେଶନ ତରଫରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଜିଲାରୁ ୫ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗଠନର ରାଜ୍ୟ ମୁଖ୍ୟ ମାନସ ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଶିକ୍ଷାବିତ୍ ଆର୍ଯ୍ୟବ୍ରତ ଦାସ ଯୋଗ ଦେଇଥିଲେ। ସଂଯୋଜକ କବି ମାନସ ରଞ୍ଜନ ପଣ୍ଡା ଏବଂ ସଂଯୋଜିକା ଡ. ପୂଜା ଘୋଷଙ୍କ ଆୟୋଜିତ କବିତା ପାଠୋତ୍ସବରେ ଜିଲାରୁ ପ୍ରାୟ ୩୦ ଜଣ କବି ଯୋଗଦେଇ 'ଶୀତରେ ଶୀତରେ ପ୍ରେମ' ଶୀର୍ଷକରେ ନିଜସ୍ୱ ରଚିତ କବିତା ଆବୃତ୍ତି କରିଥିଲେ। ମୟୂରଭଞ୍ଜ ଜିଲାର କବି ଡ. କୁମାର ବାବୁଲି, ସମୟର ଚକ୍ରର ସଂଯୋଜକ ସର୍ବେଶ୍ୱର ଜେନା, ଯାଜପୁର ଜିଲାର ଗାଳ୍ପିକ ସତ୍ୟବ୍ରତ ସାହୁ, ତିହିଡିରୁ କବି ମନୋରଞ୍ଜନ ମୁଦୁଲି ଏବଂ ଧାମନଗରର କବି ହେମେନ୍ଦ୍ର ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କବି ଦାମୋଦର ସାହୁ, ମାୟାଧର ସାମଲ ଓ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନେତାଙ୍କ ଘରେ ଚାଲିଛି ଧାନକିଣା

ଭଦ୍ରକ ଅଫିସ, ୧୬।୧

**ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଯଶିପୁର ଓ ନୂଆଗାଁ ପଞ୍ଚାୟତର ଗରିବ ଚାଷୀମାନେ ବୁଧବାର ସମବାୟ ସମିତି ସହନିବନ୍ଧକ (ଏଆର୍‌ସିଏସ୍)ଙ୍କୁ ଭେଟି ଯଶିପୁର ସେବା ସମବାୟ ସମିତିରେ ଧାନକିଣାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ଦରରେ ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ କରିବାକୁ ନିୟମ ରହିଥିବା ବେଳେ ଉକ୍ତ ସମିତିରେ ବ୍ୟତିକ୍ରମ ଦେଖାଦେଇଛି। ସମବାୟ ସମିତିକୁ ରାସ୍ତା ନ ଥିବା ଓ ବିଭିନ୍ନ ଆଳ ଦେଖାଇ ନିର୍ଦ୍ଦିଷ୍ଟ ମନଇଚ୍ଛା ଏକ ଦଳର ଜଣେ ରାଜନେତାଙ୍କ ଘରେ ଧାନକ୍ରୟ କରାଯାଉଛି। ସମବାୟ ସମିତି ନିକଟକୁ ନୂତନ ରାସ୍ତା ତିଆରି ସରିଥିବା ବେଳେ କେଉଁ ସ୍ୱାର୍ଥରେ ଜଣେ ଦଳୀୟ ବ୍ୟକ୍ତିଙ୍କ ଘରେ ଧାନକ୍ରୟ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି। ସମସ୍ୟାର ସମାଧାନ କରା ନ ଗଲେ ଆସନ୍ତା ୨୦ରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବା ସହ ସମିତି କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚାଷୀ ବୈଲୋଚନ ପଣ୍ଡା, ଅମୂଲ୍ୟ କୁମାର ବଳ, ରାକେଶ କୁମାର ମହାନ୍ତି, ବସନ୍ତ ନାୟକ, ଚିନ୍ତାମଣି ନାୟକ ଓ ସନ୍ତୋଷ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୧୬।୧(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଶାରଦା ବିଦ୍ୟାମନ୍ଦିର ପରିସରରେ ୬ଷ୍ଠ ଶ୍ରେଣୀ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି କୃତୀ ଛାତ୍ରୀଛାତ୍ର ଓ ଓଷ୍ଟା ଟ୍ୟାଲେଣ୍ଟ ସର୍ଚ୍ଚରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପଠାଣି ସାମନ୍ତ ମେଧାବୃତ୍ତିରେ ଗୌତମ ସାହୁ, ଆଦ୍ୟାଶା ଦେବସ୍ମିତା ସେନାପତି, ଶୁଭଦର୍ଶନୀ ନାୟକ ମେଧାବୃତ୍ତି ପାଇ ସ୍କୁଲର ଗୌରବ ଆଣିଛନ୍ତି। ସେହିପରି ଓଷ୍ଟା ଟ୍ୟାଲେଣ୍ଟ ସର୍ଚ୍ଚରେ କୃତିତ୍ୱ ହାସଲ କରିଥିବା ସାରୋସ୍ଥିତ ଶ୍ୟାମସୁନ୍ଦର ବିଦ୍ୟାନିକେତନର ୧୫ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗଡ଼ିଲା ପାଣି ପଞ୍ଚାୟତ ପକ୍ଷ ସଚେତନତା ରଥ

ଭଦ୍ରକ ଅଫିସ, ୧୬।୧

ସମଗ୍ର ଭଦ୍ରକ ଜିଲା ପରିକ୍ରମା କରିବ ପାଣି ପଞ୍ଚାୟତ ପକ୍ଷ ସଚେତନତା ରଥ। କୃଷି ଓ କୃଷକଙ୍କ ବିକାଶ ଲାଗି ସଚେତନତା ଉଦ୍ଦେଶ୍ୟରେ ସାଳନ୍ଦୀ ଜଳସେଚନ ଡିଭିଜନ ପକ୍ଷରୁ ଏହି ରଥର ଶୁଭାରମ୍ଭ କରାଯାଇଛି। ଭଦ୍ରକ ବାଇପାସ୍ଥିତ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ବୁଧବାର ବାଇପାସ୍ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ପାଣି ପଞ୍ଚାୟତ ପକ୍ଷର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଡ. ଆର୍ତ୍ତତ୍ରାଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥି ମିଶ୍ର ଚାଷୀଙ୍କ କ୍ଷେତକୁ ଜଳ ଯୋଗାଣରେ ଯେଭଳି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଅରବିନ୍ଦ ଦାସ, ପାଣି ପଞ୍ଚାୟତ ସଭାପତି ଅନ୍ତର୍ଯ୍ୟାମୀ ଉପାଧ୍ୟାୟ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତର ସମ୍ପାଦକ ଭରତ ତ୍ରିପାଠୀ ସୂଚନା ଦେଇ ମୋଟ ୧୦୮ ପାଣି ପଞ୍ଚାୟତ ଜରିଆରେ ୪୫ ହଜାର ୪୮୨ ହେକ୍ଟର ଜମିକୁ ଜଳ ଯୋଗା ଯାଉଥିବା କହିଥିଲେ। କେତେକ ପରିଚାଳନାଗତ ତ୍ରୁଟି ଯୋଗୁ ଚାଷୀଙ୍କ ମଧ୍ୟରେ ପାଣିକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଥିବା କେତେକ ସଭ୍ୟ କହିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ସୁମିତ କୁମାର ଜେନା, ଇଂ. ପ୍ରିତମ ଚେତନ ପୋଥାଳ, ଇଂ. ନରହରି ପ୍ରଧାନ, ଇଂ. ଦୁର୍ଗାପ୍ରସନ୍ନ ତ୍ରିପାଠୀଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

## 'ପ୍ରତିଭାକୁ ଲୋକଲୋଚନକୁ ଆଣେ ପ୍ରତିଯୋଗିତା'

ବନ୍ତ, ୧୬।୧ (ସ୍ୱ.ପ୍ର.)

ଛାତ୍ରୀଛାତ୍ରଙ୍କ ଭିତରେ ଲୁଚି ରହିଥିବା ପ୍ରତିଭା ପ୍ରତିଯୋଗିତା ମାଧ୍ୟମରେ ପ୍ରକାଶ ପାଇଥାଏ। ଶିକ୍ଷା ସହିତ କ୍ରୀଡ଼ା ପିଲାଙ୍କ ବୌଦ୍ଧିକ ବିକାଶ କରୁଥିବାରୁ ବିଦ୍ୟାଳୟରେ ଏପରି ପ୍ରତିଯୋଗିତା ଆୟୋଜନର ଆବଶ୍ୟକତା ରହିଛି ବୋଲି ବନ୍ତ ବ୍ଲକ ପାନପଦୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ରମାକାନ୍ତ ଜେନାଙ୍କ ସଞ୍ଚାଳନରେ ବୁଧବାର ବିଦ୍ୟାଳୟ ପରିସରରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଆର୍‌ସିସି ରବିନାରାୟଣ ପରିଡା ମୁଖ୍ୟଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ ମୁଖ୍ୟବକ୍ତା, ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ସଭାପତି ରାମଚନ୍ଦ୍ର ଜେନା, ପ୍ରାକ୍ତନ ସଂଯୋଜକ ନକୁଳ ଚନ୍ଦ୍ର ବାରିକ, ବିଆର୍‌ଟି ଟୁନାବାଳା ଦାଶ, ସିଆର୍‌ସିସି ଜଗତ୍ ଜୀବନ ଜେନା, ରଘୁନାଥ ରାଉତ, ଶିକ୍ଷାବିତ୍ ଗଙ୍ଗାଧର ଶଙ୍ଖୁଆ, ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ନିରାକାର ସେଠୀ, ପରିଚାଳନା କମିଟି ସଭାପତି ଶେଷଦେବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାବା ମଧୁସୂଦନ ସ୍ମାରକୀ କମିଟି ପକ୍ଷରୁ ୩ୟ ଶ୍ରେଣୀ ଛାତ୍ରୀ ସଞ୍ଜନା ଶଙ୍ଖୁଆଙ୍କୁ ଉତ୍ତମ ଛାତ୍ରୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୃତ୍ୟଗୁରୁ ଗୟାଧର ଜେନା ଓ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ପଦ୍ମନାଭ ସେଠୀ ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷୟିତ୍ରୀ କୌଶଲ୍ୟା ସେଠୀ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅଶୋକ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ଭଣ୍ଡାରିପୋଖରୀ, ୧୬।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଗୁହାଳିଆ ରାଉତସାହିରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ୧୧ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ବୁଧବାର ଧାମନଗର କୋଠାରସ୍ଥିତ ରାମକ୍ରିଷ୍ଣ ମିଶନ ଆଶ୍ରମ ପକ୍ଷରୁ ସମ୍ପାଦକ ସ୍ୱାମୀ ଦେବେସାନନ୍ଦ ମହାରାଜ, ମାନସ କୁମାର ସାହୁ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ୩ ଦିନର ଖାଦ୍ୟ ପାଇଁ ଗ୍ରୋସରୀ ଯୋଗାଇ ଦେଇଛନ୍ତି। ଭଦ୍ରକ ସୋସିଆଲ ସର୍ଭିସ ପକ୍ଷରୁ କମ୍ବଳ, ବ୍ରେଡ, କଦଳୀ, ଚୂଡ଼ା, ବିସ୍କୁଟ ଆଦି ଚେୟାରମ୍ୟାନ ସଞ୍ଜିତ ନାୟକ, ପ୍ରକାଶ ସ୍ୱାଇଁ, ନିର୍ମଳ ବେହୁରିଆ, ସୁବ୍ରତ ସାହୁ ପ୍ରମୁଖ ପ୍ରଦାନ କରିଛନ୍ତି। ଜଳମଣ୍ଡୁଆ ସମବାୟ ସମିତି ପକ୍ଷରୁ କମ୍ବଳ, ଧାମନଗର ସେବା ସଂଘ ପକ୍ଷରୁ ବାସନ, ଭଦ୍ରକ ଷ୍ଟେଟବ୍ୟାଙ୍କ ପକ୍ଷରୁ କମ୍ବଳ ମଧ ଯୋଗାଇ ଦିଆଯାଇଥିଲା।

■ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ

## ସୋର ୱାଦାଆଡିଆ କ୍ଲବ ଚାମ୍ପିୟନ

ବାସୁଦେବପୁର, ୧୬।୧ (ଡି.ଏନ.ଏ.)

ବାସୁଦେବପୁର ବ୍ଲକର ବରଣ୍ଡୁଆ ତୋଟାପଡିଆରେ ଚାଲିଥିବା ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ସୋର ୱାଦାଆଡିଆ କ୍ଲବ ଚାମ୍ପିୟନ ହୋଇଛି। ସୋର ୱାଦାଆଡିଆ ପ୍ରଥମେ ବ୍ୟାଟିଂ କରି ୨୦ ଓଭର ଖେଳି ୨୦୪ ରନ୍ କରିଥିଲା। ଦଳ ପକ୍ଷରୁ ତାଜ ଖାଁ ସର୍ବାଧିକ ୧୦୮ ରନ୍ ସଂଗ୍ରହ କରିଥିଲେ। ୮ଟି ଛକା ଓ ୧୧ଟି ଚୌକା ବଳରେ ସେ ୧୦୮ ରନ୍ କରିଥିଲେ। ଦ୍ୱିତୀୟ ପାଳିରେ ବାଲେଶ୍ୱର ରୂପଖଣ୍ଡ ୨୦ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୨୨ ରନ୍ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ଓ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ମାଧବାନନ୍ଦ ମହାନ୍ତି, ଲକ୍ଷ୍ମୀକାନ୍ତ ଲେଙ୍କା ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାୟକ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ କପ୍ ପ୍ରଦାନ କରିଥିଲେ। 'ରଙ୍ଗରାଗ' ସମ୍ପାଦକ ପ୍ରଦୀପ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ଶରତ ଜେନା ଓ ହେମନ୍ତ ମଲିକ ମ୍ୟାଚ୍ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ସୁଦର୍ଶନ ଜେନା, ମନୋଜ ସାହୁ, ରଞ୍ଜନ ପଣ୍ଡା ଓ ସନାତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ସମ୍ପର୍କକୁ ମଜଭୁତ କରେ ମହୋତ୍ସବ'

ବାସୁଦେବପୁର, ୧୬।୧ (ଡି.ଏନ.ଏ.)

ବାସୁଦେବପୁର ବ୍ଲକର ଆଡ୍ଡୁଁ ପଞ୍ଚାୟତ ବାରାପୁର ପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ୟ ବାର୍ଷିକ ମକର ମହୋତ୍ସବର ୨ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଏପରି ମହୋତ୍ସବ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜଭୁତ କରିଥାଏ ବୋଲି ମୁଖ୍ୟଅତିଥି ସେଠୀ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବାରାପୁର ଡିଗ୍ରୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିଶୀର କୁମାର କର ଯୋଗଦେଇ ମହୋତ୍ସବ ଗୋଟିଏ ଅଞ୍ଚଳର ଗୁରୁତ୍ୱ ବଢ଼ାଇବା ସହ ଲୋକଙ୍କୁ ଖୁସି ପ୍ରଦାନ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ଅଶୋକ କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, କୁମାରପୁର ସରପଞ୍ଚ ମଞ୍ଜୁଲତା ପଣ୍ଡା, ଅଧ୍ୟାପକ ବିପିନ ବିହାରୀ ଭୋଇ, ସାମାଜିକ କର୍ମୀ ଭକ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁକ୍ତିକାନ୍ତ ଅଗସ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷକ ଅମିୟ କୁମାର ପାଣିଗ୍ରାହୀ ମଞ୍ଚ ସଂଯୋଜନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାରାପୁର ସତ୍ୟସାଇ ସେବା ଦଳକୁ ସମ୍ବର୍ଦ୍ଧିତ ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ବାରାପୁର ମକର ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

■ ଏସ୍‌ପିଏଲ୍ କ୍ରିକେଟ ଉଦ୍‌ଯାପିତ

## ମଙ୍ଗଳପୁର ଏନ୍‌ଜିସିଟି ଚାମ୍ପିୟନ

ଧାମନଗର, ୧୬।୧ (ଡି.ଏନ.ଏ.)

ଧାମନଗର ବ୍ଲକ ସରପୁର ଖେଳପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଏସ୍‌ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବୟାଙ୍ଗଡିହି ଏମ୍‌ବିଜେ କ୍ଲବକୁ ହରାଇ ମଙ୍ଗଳପୁରର ଏନ୍‌ଜିସିଟି ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୨୦ ଓଭର ଖେଳରେ ଟସ୍ ଜିଣି ମଙ୍ଗଳପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ୯ ଉଇକେଟ ହରାଇ ୧୯୪ ରନ୍ କରିଥିଲା। ବୟାଙ୍ଗଡିହି ଟିମ୍ ୧୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ୍ କରିଥିଲା। ଅମ୍ପାୟାର ଭାବେ ରଞ୍ଜିତ ସାହୁ, ସ୍କୋରର ଭାବେ ରଞ୍ଜିତ ପତି, ସତ୍ୟବ୍ରତ ସାହୁ, ଚନ୍ଦନ ସାହୁ ଏବଂ ବିଶ୍ୱଜିତ ସାହୁ ଦାୟିତ୍ୱ ତୁଲାଇଥିଲେ। ଉତ୍କଳମଣି ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ରାଜେଶ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍, ସେକ୍ ସୋଲେମାନଙ୍କୁ ମ୍ୟାନ ଅଫ୍ ଦି ସିରିଜ୍, ଗଙ୍ଗାଧର ମଲ୍ଲିକଙ୍କୁ ଶ୍ରେଷ୍ଠ ବୋଲର ଏବଂ ଶୃଙ୍ଖଳିତ ଟିମ୍ ଭାବେ ଏମ୍‌ବିଜେ କ୍ଲବକୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ଧୂଷୁରୀ ଥାନାଧିକାରୀ ପି.କେ ସିଂହ, ଏଏସ୍‌ଆଇ ପ୍ରଦୀପ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୈକୁଣ୍ଠ ନାଥ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅପେରା ରଙ୍ଗ ମହଲର ଅଭିନେତା ସୁବାସ ବେହେରା ମୁଖ୍ୟଅତିଥି ଏବଂ ବର୍ଷିୟାନ ଅଭିନେତା ଉଦୟନାଥ ସାହୁ, ଯୋଗେନ୍ଦ୍ର ପରିଡ଼ା, ଫକୀର ମୋହନ ସାହୁ, କାଳନ୍ଦୀ ମଲ୍ଲିକ, ବୈକୁଣ୍ଠ ବିଶ୍ୱାଳ, ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

■ ଫୁଟବଲ ଟୁର୍ନାମେଣ୍ଟ

## କଟକ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

ବାସୁଦେବପୁର, ୧୬।୧ (ଡି.ଏନ.ଏ.)

ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଏବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ଟ୍ରାଇବ୍ରେକର ସଡନଡେଥ୍ ଗୋଲ ଜରିଆରେ ବିଜୟୀ ହୋଇଛି। ବୁଧବାର ସ୍ପୋର୍ଟସ ହଷ୍ଟେଲ ଓ ଝାରସୁଗୁଡା ଇଲେଭେନଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ କେହି କାହାରି ବିପକ୍ଷରେ ଗୋଲ୍ ସ୍କୋର କରିପାରି ନ ଥିବାରୁ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଟ୍ରାଇବ୍ରେକର ଗୋଲ୍ ଜରିଆରେ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଥିଲା। ଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ, ଭାଜପା ଜିଲା ଉପସଭାପତି ଅଶୋକ କୁମାର ସାହୁ, ଏସ୍‌ଡିଓ ବିପ୍ରେସ କୁମାର ଯୋଗଦେଇ ଖେଳାଳିଙ୍କ ସହ ହାତ ମିଳାଇଥିଲେ।

## ସଂକ୍ଷେପରେ

### ମାନସ ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଯୁବ ସଙ୍ଗଠକ ମାନସ ମଙ୍ଗରାଜଙ୍କୁ ବିଜେଡିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି କରାଯାଇଛି। ମାନସ ଦଳର ଗଣମାଧମ ବ୍ୟାପାର ସମ୍ପର୍କିତ ଦାୟିତ୍ୱରେ ରହିବେ। ଦଳର ସାଧାରଣ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବୁଧବାର ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ମାନସ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣେ ଦକ୍ଷ ସଙ୍ଗଠକ ଭାବେ ଜଣାଶୁଣା।

### ଚିଲିକାରେ ଡଲ୍‌ଫିନ୍ ଗଣନା ଆଜି

**ବାଲୁଗାଁ/ବ୍ରହ୍ମଗିରି,୧୬।୧(ଡି.ଏନ.ଏ.):** ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଚିଲିକାରେ ବିରଳ ଇରାୱାଡ଼ି ପ୍ରଜାତିର ଡଲ୍‌ଫିନ୍ ଗଣନା କାର୍ଯ୍ୟ ଗୁରୁବାର କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ବୁଧବାର ପ୍ରସ୍ତୁତି ସରିଛି। ବାଲୁଗାଁ ନିକଟ ସିଡିଏ ଗବେଷଣା କେନ୍ଦ୍ର ଓ ସାତପଡ଼ାଠାରେ ପୃଥକ୍ ଭାବେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ପ୍ରତି ଟିମ୍ ନିଜ ଅଞ୍ଚଳକୁ ଯାଇ ଅବସ୍ଥାନ କରିଛନ୍ତି। ଗଣନା ନିମନ୍ତେ ମୋଟ ୧୮ ଗୋଟି ଦଳକୁ ନିୟୋଜିତ କରାଯାଇଛି। ପ୍ରତି ଦଳକୁ ଗୋଟିଏ ଲେଖାଏ ଡଙ୍ଗା, ଜିପିଏସ୍ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ବିଶେଷ କରି ଡଲଫିନ ଅଧିକ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳ ସାତପଡ଼ାଠାରେ ୮ ଗୋଟି ଓ ବାହାର ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ୍ ଉପସ୍ଥିତ ରହି ଟ୍ରାନଜାକ୍ଟ ଲାଇନ୍ ପ୍ରଣାଳୀରେ ଗଣନା କରିବେ। ବିଭାଗୀୟ ଅଭିଜ୍ଞ କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର ମୋଟ ୯୦ ଜଣ ଗଣନାକାରୀ ସାମିଲ ହେବେ। ପ୍ରତି ଟିମ୍‌ରେ ୫ ଜଣ ଲେଖାଏ ରହିବେ ବୋଲି ଜଣାଯାଇଛି। ଗୁରୁବାର ଭୋର ୬ଟାଠାରୁ ୧୨ଘଟିକା ମଧ୍ୟରେ ଡଲଫିନ ଗଣନା ହେବ। ଗଣନା ଶେଷ ପର୍ଯ୍ୟନ୍ତ ଚିଲିକାରେ ସମସ୍ତ ଡଙ୍ଗା ଚଳାଚଳ ବନ୍ଦ ରହିବ ଓ କୌଣସି ପର୍ଯ୍ୟଟକ ନୌବିହାରରେ ଯାଇପାରିବେ ନାହିଁ ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ମା'ମୃତଦେହକୁ ସାଇକେଲରେ ବୋହିଲେ ନାବାଳକ ପୁଅ

- ଝିଅ ପରଗୋତ୍ରି ବୋଲି ୪ କାନ୍ଧ ମିଳିଲାନି
- ଛର୍ଲା ଜଙ୍ଗଲରେ ଗାତ ଖୋଳି ପୋତି ଦେଲେ

**ଲଖନପୁର,୧୬।୧(ଡି.ଏନ୍.ଏ.)**



ପୁଅ ସାଇକେଲ ପଛରେ ମା'ର ମୃତଦେହ।

ସମାଜରେ ଜାତିଗତ ଭେଦଭାବ, କୁସଂସ୍କାର, ଅନ୍ଧବିଶ୍ୱାସକୁ ନେଇ ନାନା ଅଭାବନୀୟ ଘଟଣା ଘଟୁଛି। ଦିନକୁ ଦିନ ଲୋକଙ୍କ ମନରୁ ମାନବିକତା ବି ହଜିଯାଉଛି। ସେଭଳି ଏକ ଘଟଣା ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସରଣ୍ଡାମାଲ ପଞ୍ଚାୟତ କର୍ପାବାହାଲ ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି।

ସମ୍ପୂର୍ଣ୍ଣ ଘଟଣାଟି ଏପରି। ଗ୍ରାମର ଜାନକୀ ସିନ୍ଧେରିଆ (୫୦)ଙ୍କ ବୁଧବାର ସକାଳ ୧୦ଟାରେ ମୃତ୍ୟୁ ଘଟିଥିଲା। ସେ ବିବାହ କରି ପରଗୋତ୍ରି ହୋଇଯାଇଥିବାରୁ ସମ୍ପର୍କୀୟ କିମ୍ବା ଗ୍ରାମବାସୀ କେହି ତାଙ୍କ ମୃତଦେହ ନେଇ ଶ୍ମଶାନକୁ ଯିବାକୁ ଆସି ନ ଥିଲେ। ଏମିତି ବହୁ ସମୟ ଅପେକ୍ଷା କରିବା ପରେ କିଛି ଲାଭ ହୋଇ ନ ଥିଲା। ଶେଷରେ ଜାନକୀଙ୍କ ଏକ ମାତ୍ର ନାବାଳକ ପୁଅ ସରୋଜ ସାଇକେଲ୍ ପଛରେ ମା'ର ମୃତଦେହ ବାନ୍ଧି ୩ କିଲୋମିଟର ରାସ୍ତାରେ ଚାଲି ଚାଲି ଶ୍ମଶାନକୁ ନେଇଥିଲେ। ରାସ୍ତାରେ ଏଭଳି ଦୃଶ୍ୟକୁ ସମସ୍ତେ ଦେଖୁଥିଲେ ମଧ୍ୟ କେହି କିଛି କରି ନ ଥିଲେ। ମୃତଦେହକୁ ଏକାକୀ ସଂସ୍କାର କରିବା ସରୋଜଙ୍କ ପକ୍ଷେ ସମ୍ଭବ ନ ହେବାରୁ ନିକଟସ୍ଥ ଛର୍ଲା ଜଙ୍ଗଲରେ ଗାତ ଖୋଳି ପୋତି ଦେଇଥିଲେ।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ୍ ଲିପସପାଲି ଗ୍ରାମରେ ମୁନୁ ସିନ୍ଧେରିଆଙ୍କୁ ଜାନକୀ ବିବାହ କରିଥିଲେ। ତାଙ୍କର ୨ ସନ୍ତାନ ଅଛନ୍ତି। ଝିଅ ବିନିତା ବିବାହ କରି ସାରିଥିବା ବେଳେ ପୁଅ ସରୋଜ ଏବେ ନାବାଳକ। ସ୍ୱାମୀଙ୍କ ମୃତ୍ୟୁ ପରେ ଜାନକୀ ପୁଅ ଓ ଝିଅଙ୍କୁ ଧରି ବାପଘର କର୍ପାବାହାଲ ଗ୍ରାମକୁ ଚାଲି ଆସି ୯ ବର୍ଷ ହେଲା ରହୁଥିଲେ। ବୁଧବାର ସକାଳେ ଜାନକୀ ଘରକୁ ପାଣି ଆଣୁଥିବାବେଳେ ହଠାତ୍ ତଳେ ପଡି ପ୍ରାଣ ହରାଇଥିଲେ। ଖବର ପାଇ ଜାନକୀଙ୍କ ମାମୁ, ଗାଁ ଲୋକେ ଓ ପଡୋଶୀ ତାଙ୍କ ଘରେ ପହଞ୍ଚି ଥିଲେ। ହେଲେ ଜାନକୀଙ୍କ ପୁଅ ଝିଅ ବ୍ୟତୀତ ଅନ୍ୟ କେହି ତାଙ୍କ ମୃତଦେହକୁ ଛୁଇଁ ନ ଥିଲେ। କାରଣ ଝିଅ ବାହା ହେବାପରେ ପରଗୋତ୍ରି ହୋଇଯାଇଥାଏ। ବାପା ଘର ଲୋକେ ମୃତଦେହକୁ ଛୁଅନ୍ତି ନାହିଁ। ଛୁଇଁଲେ ମୁକ୍ତି ହେବା ପାଇଁ ଜାତି ହେବାକୁ ପଡିଥାଏ। ଏଥିପାଇଁ ବାପା ଘର ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ। ଏହି ଅନ୍ଧବିଶ୍ୱାସ ଯୋଗୁ ଜାନକୀଙ୍କ ମୃତଦେହକୁ କେହି ଛଇଁ ନ ଥିଲେ। ଶେଷରେ ନିରୂପାୟ ହୋଇ ସରୋଜ ଓ ବିନିତା ମା'ଙ୍କ ମୃତଦେହକୁ ଲୁଗାରେ ଗୁଡାଇ ସାଇକେଲ୍ ପଛରେ ବାନ୍ଧିଥିଲେ। ତା'ପରେ ସରୋଜ ବହୁକଷ୍ଟରେ ସାଇକେଲ୍ ଗଡ଼ାଇ ଗଡ଼ାଇ ୩ କିଲୋମିଟର ଦୂର ଛର୍ଲା ଜଙ୍ଗଲକୁ ନେଇଥିଲେ। ସେଠାରେ ଗାତ ଖୋଳି ମା'ର ମୃତଦେହକୁ ପୋତି ଦେଇଥିଲେ। ସରୋଜ ସାଇକେଲରେ ମା'ର ମୃତଦେହ ନେଇ ଯିବାବେଳର ହୃଦୟ ବିଦାରକ ଦୃଶ୍ୟ ପଥଚାରୀଙ୍କ ନଜରରେ ପଡିଥିଲା। ବନ୍ଧବାହାଲ ସ୍ୱାଧୀନ କମ୍ପ୍ଲେକ୍ସ ଛକ ରାସ୍ତାରେ ଲୋକେ ତାଙ୍କୁ ଅଟକାଇ ଗଣମାଧମ ପ୍ରତିନିଧିଙ୍କୁ ଖବର ଥିଲେ। ଏହାପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା। ଖବର ପାଇ ବନ୍ଧବାହାଲ ଫାଣ୍ଡି ପୋଲିସ ଏସ୍‌ଆଇ ଲିନୁସ୍ ଲାକ୍ରା କର୍ପାବାହାଲ ଗାଁରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ରାଜ୍ୟରେ ଶୀତଳଭଣ୍ଡାର ସ୍ଥିତି ଦୟନୀୟ

- ସରକାରଙ୍କ ଦୃଷ୍ଟି ଆକର୍ଷଣ କଲା ଏଓସିଏସ୍‌ଏ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ସାରା ରାଜ୍ୟରେ ଶୀତଳ ଭଣ୍ଡାରଗୁଡିକ ଦୟନୀୟ ସ୍ଥିତି ଦେଇ ଗତି କରୁଛି। ତେଣୁ ଅଲ୍ ଓଡ଼ିଶା ଶୀତଳ ଭଣ୍ଡାର ସଂଘ(ଏଓସିଏସ୍‌ଏ) ପକ୍ଷରୁ ଏହାର ସ୍ଥିତି ସୁଧାରିବା ଲାଗି ତତ୍ପରତା ପ୍ରକାଶ କରାଯାଇଛି। ଯଦି ରାଜ୍ୟ ସରକାର ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି, ତେବେ କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ଅବସ୍ଥା ଆହୁରି ସାଂଘାତିକ ହେବ। ଯାହା ବିଭିନ୍ନ ଶସ୍ୟ ଓ ପନିପରିବା ମହଜୁଦ୍ ରଖିବାରେ ଅନ୍ତରାୟ ସାଜିବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷି ନୀତିକୁ ସଂଘ ପକ୍ଷରୁ ଏଥିପାଇଁ ଦାୟୀ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି, ସ୍ଥାପନ କରାଯାଇଥିବା ଶୀତଳ ଭଣ୍ଡାରଗୁଡିକରୁ ମାତ୍ର ୧୫ରୁ ୨୦ ପ୍ରତିଶତ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉଛି। ୨୦୧୫ରେ ରାଜ୍ୟରେ ଆଳୁ ମିଶନ୍‌କୁ ଲକ୍ଷ୍ୟ ରଖି କେବଳ ୧୧୨ଟି ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ଏହି ଘୋଷଣାକୁ ୩ ବର୍ଷ ବିତିଥିଲେ ବି ମାତ୍ର ୨୬ଟି ଶୀତଳଭଣ୍ଡାର କରାଯାଇଛି। ଏହି ସବୁ ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀ ଏବଂ ସରକାରଙ୍କୁ ଅବଗତ କରାଯାଇଥିବା ଜନାର୍ଦ୍ଦନ ଉଲ୍ଲେଖ କରିଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ କେତେକ ଗଠନଧର୍ମୀ ପ୍ରସ୍ତାବ ପ୍ରଦାନ କରାଯାଇଛି। ହେଲେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ମଧ୍ୟ ଶୀତଳଭଣ୍ଡାରଗୁଡିକର ସ୍ଥିତାବସ୍ଥାରେ କୌଣସି ପରିବର୍ତ୍ତନ ଆସିନାହିଁ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୧୪ ନିର୍ବାଚନ ଇସ୍ତାହାରରେ ୩୧୪ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଚତୁର୍ଥ ପାଳିର ସାଢେ ଚାରି ବର୍ଷ ପରେ ମଧ ତାହା ପୂରଣ ହୋଇପାରିନାହିଁ। ରାଜ୍ୟରେ ମାତ୍ର ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉଛି, ବାକି ୮୦ଟି ବିଭିନ୍ନ କାରଣରୁ ଅଚଳ ହୋଇ ପଡିରହିଛି। ଏ ସଂକ୍ରାନ୍ତରେ ଦୈନିକ ଧରିତ୍ରୀରେ ଗତ ୧୨ ତାରିଖରେ 'ପ୍ରତି ବ୍ଲକରେ ସ୍ଥାପନ ହୋଇନି ଶୀତଳ ଭଣ୍ଡାର' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

# ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**



ଉମାଶଙ୍କର ଦାସ

ଭାରତୀୟ ପାଣିପାଗ ବିଭାଗରେ କାର୍ଯ୍ୟରତ ବୈଜ୍ଞାନିକ ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର ପ୍ରଦାନ କରାଯାଇଛି। ତିତ୍‌ଲି ବାତ୍ୟା ସମ୍ପର୍କିତ ଆଗୁଆ ଅନୁମାନ ତଥା ସୂଚନା ଦେବାରେ ନିଜର ପାରଦର୍ଶିତା ପାଇଁ ଉମାଶଙ୍କରଙ୍କୁ ଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କେନ୍ଦ୍ର ବିଜ୍ଞାନ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ତାଙ୍କୁ ପୁରସ୍କୃତ କରିଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ବେତଡ଼ା ଅଞ୍ଚଳର ଆଦର୍ଶ ଶିକ୍ଷକ ଶ୍ରୀକାନ୍ତ ଦାସଙ୍କର ପୁତ୍ର ହେଉଛନ୍ତି ଉମାଶଙ୍କର। ପିଲାଟି ଦିନରୁ ଖୁବ୍ ମେଧାବୀ ଛାତ୍ର ଥିବା ଉମାଶଙ୍କର ପାଣିପାଗ ବିଜ୍ଞାନୀ ହେବା ପାଇଁ ଦିନରୁ ଲକ୍ଷ୍ୟ ରଖିଥିଲେ। ନିଜର କାର୍ଯ୍ୟ ଦକ୍ଷତା ପାଇଁ ଖୁବ୍ କମଦିନରେ ପାଣିପାଗ ବିଭାଗରେ ପ୍ରସିଦ୍ଧି ହାସଲ କରିଥିବା ଉମାଶଙ୍କର ଭବିଷ୍ୟତରେ ସାଧାରଣ ଲୋକଙ୍କୁ କିପରି ବାତ୍ୟା ଓ ବନ୍ୟା ସମ୍ପର୍କିତ ଆଗୁଆ ସୂଚନା ଦିଆଯାଇପାରିବ ସେନେଇ ଉଦ୍ୟମ ଜାରି ରଖିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

**ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

# ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ

**ଭୁବନେଶ୍ୱର,୧୬।୧ (ବ୍ୟୁରୋ)**



ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଘେରାଉ ବେଳେ ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରୁଛି।

ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ବୁଧବାର ପରୀକ୍ଷା ବାତିଲ କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଛାତ୍ର ସଂଗଠନ ଏବିଭିପି ପକ୍ଷରୁ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ପୋଲିସ ଆନ୍ଦୋଳନକାରୀଙ୍କ ଅଟକାଇବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ଏବିଭିପିର ୨୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ଧରିନେବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟଧାରା ଓ ସ୍କୁଲ୍ ଏବଂ ଗଣଶିକ୍ଷା ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଛାତ୍ରୀଛାତ୍ର।

**ଇସ୍ତଫା ଦାବିକଲା ଏବିଭିପି**

ବୁଧବାର ରୋଡ୍ ଲାଭର ଏରେନାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ଫେଡରର ୭–୬ (୭/୫), ୭–୬ (୭/୩), ୬–୩ ସେଟ୍‌ରେ ବ୍ରିଟିଶ କ୍ୱାଲିଫାୟର ଡାନ୍ ଇଭାନ୍ସଙ୍କ ବିପକ୍ଷରେ ଏକ କଷ୍ଟସାଧ୍ୟ ବିଜୟ ହାସଲ କରିଥିଲେ। ଏହି ବିଜୟ ସହ ୩୭ ବର୍ଷୀୟ ଫେଡରର ଲଗାତର ଅଷ୍ଟ୍ରେଲିଆନ୍ ଓପନ୍ ତଥା ମୋଟ୍ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଦୌଡ଼ରେ ଆଉ ପାଦେ ଅଗ୍ରସର ହୋଇଛନ୍ତି। ଯଦି ଫେଡରର ଏଠାରେ ଚାମ୍ପିୟନ ହୁଅନ୍ତି ତେବେ ବିଶ୍ୱର ପ୍ରଥମ ଖେଳାଳି ଭାବେ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ୭ କିମ୍ବା ଏହାଠାରୁ ଅଧିକ ଥର ଜିତିବାର ରେକର୍ଡ କରିବେ। ପୂର୍ବରୁ ସେ ୱିମ୍ବଲଡନରେ ୮ଥର ଟ୍ରଫି ଜିତିସାରିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ରାଫାଲ ନାଡାଲ ୬–୩, ୬–୨, ୬–୨ ସିଧାସଳଖ ଗେମ୍‌ରେ ଘରୋଇ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ପରାସ୍ତ କରି ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ୩୨ ବର୍ଷୀୟ ସ୍ପାନିଶ ତାରକା ନାଡାଲ ପରବର୍ତ୍ତୀ ରାଉଣ୍ଡରେ ଅନ୍ୟତମ ଘରୋଇ ପ୍ରତିଯୋଗୀ ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଚେକ୍ ରିପବ୍ଲିକର ଥୋମାସ ବର୍ଡିଚ ୬–୧, ୬–୩, ୬–୩ ସେଟ୍‌ରେ ନେଦରଲାଣ୍ଡସର ରବିନ ହାସେଙ୍କୁ, ଇଟାଲୀର ଆଣ୍ଡରସନ ସେପ୍ପି ୬–୩, ୬–୪, ୬–୪ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ, ବୁଲଗେରିଆର ଗ୍ରିଗୋର ଡିମିଟ୍ରୋଭା ୬–୩, ୬–୭(୫/୭), ୬–୩, ୭–୫ରେ ଉରୁଗୁଏର ପାବୋଲ କ୍ୟୁଭାସ, ଇଟାଲୀର ଥୋମାସ ଫଶବିଆନୋ ୬–୭(୧୫/୧୭), ୬–୨, ୬–୪, ୩–୬, ୭–୬(୧୦/୫) ସେଟ୍‌ରେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରିଛନ୍ତି। ତେବେ ୫ମ ସିଡ୍ କେଭିନ ଆଣ୍ଡରସନ ୬–୪, ୪–୬, ୪–୬, ୫–୭ ସେଟରେ ଆମେରିକାର ଫ୍ରାନସେସ ଟିଆଫୋଇଙ୍କଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।





ରିଟର୍ନ ଶଟ୍ ଖେଳିବା ଅବସରରେ ରାଫାଲ ନାଡାଲ ଓ ରୋଜର ଫେଡରର ।

### ଶାରାପୋଭା-ଓଜନିଆକି ୩ୟ ରାଉଣ୍ଡ ମୁକାବିଲା

ଅପରପକ୍ଷରେ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିୟନ କାରୋଲିନ ଓଜନିଆକି ୩ୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ଡେନମାର୍କ ତାରକା

**ଅଷ୍ଟ୍ରେଲିଆନ୍ ଓପନ୍**

ଓଜନିଆକି ୬–୧, ୬–୩ ସିଧାସଳଖ ସେଟ୍‌ରେ ସ୍ୱିଡେନର ଜୋହାନ ଲାର୍ସନଙ୍କୁ ପରାସ୍ତ କରିଛନ୍ତି। ୨୮ ବର୍ଷୀୟା ଓଜନିଆକି ୩ୟ ରାଉଣ୍ଡରେ ରୁଷୀୟ ଲଳନା ମାରିଆ ଶାରାପୋଭାଙ୍କୁ ଭେଟିବେ। ପାଞ୍ଚଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ଶାରାପୋଭା ଅନ୍ୟ ଏକ ମୁକାବିଲାରେ ୬–୧, ୬–୨ ସିଧାସଳଖ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ମାତ୍ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ମୁକାବିଲାରେ କର୍ବର ୬–୨, ୬–୩ ସେଟ୍‌ରେ ବେଟ୍ରିଜ୍ ହାଡ୍ଡାଡ ମଇଆଙ୍କୁ, ପେଟ୍ରା କ୍ୱିଟୋଭା ୬–୧, ୬–୩ରେ ରୋମାନିଆର ଇରିନା–କାମେଲିଆ ବେଗୁଙ୍କୁ, ୨୦୧୭ ୟୁଏସ୍ ଓପନ୍ ବିଜୟିନୀ ସ୍ଲୋଆନେ ଷ୍ଟିଫେନ୍ସ ୬–୩, ୬–୧ରେ ହଙ୍ଗେରୀର ଟିମିଆ ବାବୋସଙ୍କୁ ହରାଇଛନ୍ତି।

### କର୍ବରଙ୍କ ଗ୍ରାଣ୍ଡସ୍ଲାମ ସେଞ୍ଚୁରୀ

ଜର୍ମାନର ଟେନିସ ସୁନ୍ଦରୀ ଆଞ୍ଜେଲିକ୍ କର୍ବର ଗ୍ରାଣ୍ଡସ୍ଲାମରେ ୧୦୦ତମ ବିଜୟ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ବେଟ୍ରିଜ୍ ହାଡ୍ଡାଡ ମଇଆଙ୍କୁ ୬–୨, ୬–୩ ସେଟ୍‌ରେ ପରାସ୍ତ କରି ସେ ଏହି ସଫଳତା ପାଇଛନ୍ତି। ଖେଳ ଜାରି ରଖିଥିବା ବିଶ୍ୱର ୮ମ ଖେଳାଳି ଭାବେ କେର୍ବର ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ୧୦୦ତମ ମ୍ୟାଚ୍ ବିଜୟ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଗ୍ରାଣ୍ଡସ୍ଲାମରେ ତାଙ୍କର ବିଜୟ–ପରାଜୟ ରେକର୍ଡ ଯଥାକ୍ରମେ ୧୦୦–୪୧ ରହିଛି।

## ସଂକ୍ଷେପରେ

### ପୁରୁଷ ଡବଲ୍ସରେ ଭାରତର ଅଭିଯାନ ଶେଷ

ମେଲବୋର୍ନ,୧୬।୧(ପି.ଟି.)- ଭାରତର ପୁରୁଷ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଓ ଡିଭିଜ ଶରନଙ୍କ ଯୋଡ଼ି ଅଷ୍ଟ୍ରେଲିଆନ ଓପନର ପ୍ରଥମ ରାଉଣ୍ଡକୁ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ୧୫ତମ ସିଡ୍ ବୋପାନ୍ନା ଓ ଶରନଙ୍କ ଯୋଡ଼ି ୧-୬, ୬-୪, ୫-୭ ସେଟ୍‌ରେ ସ୍ପାନିଶ ଖେଳାଳି କାରେନୋ ବୁସ୍ତା ଓ ଗୁଇଲେରେମୋ ଗାର୍ସିଆ ଲୋପେଜଙ୍କ ଠାରୁ ହାରି ଯାଇଛନ୍ତି। ଏଥିସହ ପୁରୁଷ ଡବଲ୍ସ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ଟାଟା ଓପନ ମହାରାଷ୍ଟ୍ର ଟାଇଟଲ ଜିତିବା ପରେ ନୂଆ ଭାରତୀୟ ଯୋଡ଼ି ସିଡ୍‌ନର ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇଥିଲା। ୨୪ତମ ଅଷ୍ଟ୍ରେଲିଆନ ଓପନ ଖେଳୁଥିବା ଭେଟେରାନ ଲିଆଣ୍ଡର ପେସ ଓ ମିଗୁଏଲ ରେୟେସ ଭାରେଲ ୫-୭, ୬-୭ (୪/୭) ସେଟ୍‌ରେ ଅଷ୍ଟିନ କ୍ରାଜିକ ଓ ଆର୍ଟେମ ସିତାକଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହା ବ୍ୟତୀତ ଜୀବନ ନେଦୁଞ୍ଚେଜ୍ହିୟାନ ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗଣେଶ୍ୱରନ ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ଅନ୍ୟ ଭାରତୀୟ ଖେଳାଳି ରାମକୁମାର ରମାନାଥନ, ଅଙ୍କିତା ରାଇନା ଓ କର୍ମାନ ଥାଣ୍ଡି ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇ ପାରି ନ ଥିଲେ।

### ଘରୁ ବାହାରୁ ନାହାନ୍ତି ହାର୍ଦ୍ଦିକ

ମୁମ୍ବାଇ,୧୬।୧- ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପଣ୍ଡ୍ୟାଙ୍କ ବେଳା ଏବେ ଖରାପ ଚାଲିଛି, ଯାହା ସଭିଙ୍କୁ ଜଣା। ଲୋକପ୍ରିୟ ଟକ୍ ଶୋ 'କଫି ୱିଥ୍ କରନ'ର ଏକ ଅଧ୍ୟାୟରେ ସେ ସାଥୀ ଖେଳାଳି ଲୋକେଶ ରାହୁଲଙ୍କ ସହ ମିଶି ମହିଳାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାପରେ ଭାରତୀୟ ଦଳରୁ ସେ ବାସନ୍ଦ ହୋଇଛନ୍ତି। ମାତ୍ର ଅଷ୍ଟ୍ରେଲିଆରୁ ଫେରିବା ପରେ ହାର୍ଦ୍ଦିକ ଏବେ ଘରୁ ବାହାରୁ ନାହାନ୍ତି। ଏପରି କି କାହା ଫୋନ ମଧ୍ୟ ଉଠାଉ ନାହାନ୍ତି। ମକର ସଂକ୍ରାନ୍ତି ମଧ୍ୟ ପାଳନ କରି ନ ଥିଲେ। ଏହି ଉତ୍ସବ ଗୁଜରାଟରେ ସାଧାରଣ ଛୁଟିଦିନ ଭାବେ ପାଳନ କରାଯାଏ। ହାର୍ଦ୍ଦିକ ଗୁଡ଼ି ଉଡ଼ାଇବାକୁ ଭଲ ପାଆନ୍ତି। ମାତ୍ର ବିପରୀତ ପରିସ୍ଥିତି ଯୋଗୁ ଏହି ଅବସରରେ ମଧ୍ୟ ସେ ଗୁଡ଼ି ଉଡ଼ାଇ ନ ଥିଲେ। ବାସନ୍ଦାଦେଶ ଯୋଗୁ ସେ ଦୁଃଖିତ ବୋଲି ତାଙ୍କ ବାପା ହିମାଂଶୁ କହିଛନ୍ତି। ଏ ସମ୍ପର୍କରେ କୁନାଲ ତାଙ୍କ ସହ କଥା ହୋଇନାହାଁନ୍ତି ବିସିସିଆଇ ନିଷ୍ପତ୍ତିକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

### ୱେଷ୍ଟଇଣ୍ଡିଜ୍ ଟେଷ୍ଟ ଦଳକୁ ବ୍ରାଭୋ ଫେରିଲେ

ବାରବାଡସ୍,୧୬।୧- ବରିଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ ଡାରେନ ବ୍ରାଭୋ ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ଦଳକୁ ଫେରିଛନ୍ତି। ଏଠାରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଘୋଷିତ ଦଳରେ ବ୍ରାଭୋଙ୍କୁ ସାମିଲ କରାଯାଇଛି। ସେ ଅନ୍ତିମ ଥର ୨୦୧୬ ଅକ୍ଟୋବରରେ ଖେଳିଥିଲେ। ୨୯ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନଙ୍କ ବ୍ୟତୀତ ଦ୍ରୁତ ବୋଲର ଆଲଜାରି ଜୋଶେଫ ଓ ଓଶାନେ ଥୋମାସ ଦଳରେ ସ୍ଥାନ ପାଇଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳର ଅଧିନାୟକ ଶାରାମାହ ବ୍ରୁକ୍ସ ଓ ଜନ କାମ୍ପବେଲଙ୍କୁ ପ୍ରଥମ ଥର ଲାଗି ଜାତୀୟ ଦଳକୁ ଡାକରା ଦିଆଯାଇଛି।

# ଡାକାର ରାଲି: ଟପ୍ ୧୦ରେ ମେନା

**ପିସ୍କୋ (ପେରୁ), ୧୬।୧ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ୪୧ତମ ଡାକାର ରାଲି ଅଷ୍ଟମ ପର୍ଯ୍ୟାୟ କାର ରେସ୍‌ର ପ୍ରତିଯୋଗିତାରେ ସ୍ପେନ୍‌ର ଓରିଓଲ ମେନା ଦମ୍‌ଦାର ପ୍ରଦର୍ଶନ କରି ୧୨ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଫଳରେ ସେ ର୍‍ୟାଙ୍କିଂରେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ମେନାଙ୍କ ଟିମ୍ ମେଟ ପର୍ତ୍ତୁଗାଲର ଜୋଆକ୍ୱିମ୍ ରୋଡ୍ରିଗୁଏଜ୍ ମଙ୍ଗଳବାର ଭଲ ପ୍ରଦର୍ଶନ କରି ୧୩ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଫଳରେ ଓଭରଅଲ ର୍‍ୟାଙ୍କିଂରେ ୧୮ତମ ସ୍ଥାନ ଅଧିକାର କରିଛନ୍ତି।

ମେନା ୨୪ ମିନିଟ ୧୩ ସେକେଣ୍ଡ କମ୍ ସମୟ ନେଇ ଅଷ୍ଟମ ପର୍ଯ୍ୟାୟ ରେସ ବିଜେତା ମାଥିଆସ୍ ୱାକନରଙ୍କ ପଛରେ ରହିଥିଲେ। ମାଥିଆସ ରେସ୍‌ରେ ମୋଟ ୩ ଘଣ୍ଟା ୫୫ ମିନିଟ ଓ ୨୫ ସେକେଣ୍ଡ ସମୟ ନେଇଥିଲେ। ସେହିପରି ପାବ୍ଲୋ କ୍ୱିଷ୍ଟାନିଲା ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ରେସ୍‌ରେ କୁହୁଡ଼ି, ଧୂଳି ସମସ୍ୟା ସୃଷ୍ଟି କରିଥିଲା। ଏହି ରେସ୍‌ରେ ଅଂଶଗ୍ରହଣ କରିଥିବା ଭାରତୀୟ ପ୍ରତିଯୋଗୀ ଅରବିନ୍ଦ ପ୍ରଭାକର ଅଷ୍ଟମ ପର୍ଯ୍ୟାୟ ରେସ୍‌ରେ ୩୯ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଓଭରଅଲ ର୍‍ୟାଙ୍କିଂରେ ଉନ୍ନତି କରି ସେ ଏବେ ୩୯ତମ ସ୍ଥାନରେ ରହିଛନ୍ତି। ଡାକାର ରାଲିର ଅନ୍ତିମର ଠିକ୍ ପୂର୍ବ ପର୍ଯ୍ୟାୟ ରେସ୍ ପିସ୍କୋରେ ଆୟୋଜନ ହେବ। ଲିମାରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ।

# କାଲାରିଆଙ୍କ ହ୍ୟାଟ୍ରିକ, ଗୁଜରାଟକୁ ୧୯୫ ରନ୍ ଟାର୍ଗେଟ

**ୱେନାଡା (କେରଳ), ୧୬।୧ (ପି.ଟି.)**

ଘରୋଇ କେରଳ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି ୪ର୍ଥ କ୍ୱାର୍ଟର ଫାଇନାଲର ଏକ ମ୍ୟାଚ୍‌ରେ ଗୁଜରାଟର ବାମହାତୀ ଦ୍ରୁତ ବୋଲର ରଶ୍ କାଲାରିଆ ହ୍ୟାଟ୍ରିକ ସଫଳତା ପାଇଛନ୍ତି। କେରଳର ୨ୟ ଇନିଂସର ୫୨ତମ ଓଭରର ୫ମ ଓ ୬ଷ୍ଠ ବଲରେ କାଲାରିଆ ଯଥାକ୍ରମେ ସିଜୋମୋନ ଜୋସେଫ (୫୬ ରନ) ଓ ବସିଲ ଥାମ୍ପି (୦)ଙ୍କୁ ଆଉଟ୍ କରିଥିଲେ। ଏହାପରେ କାଲାରିଆ ନିଜ ପରବର୍ତ୍ତୀ ତଥା ୫୪ତମ ଓଭରର ପ୍ରଥମ ବଲ୍‌ରେ ମହମ୍ମଦ ନିଦେଶ (୦)ଙ୍କୁ କ୍ଲିନ୍ ବୋଲ୍ଡ କରି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ବୁଧବାର ୨ୟ ଦିବସ ଶେଷ ସୁଦ୍ଧା ୨ୟ ଇନିଂସରେ ୧୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ଦଳ ଗୁଜରାଟ ସାମ୍ନାରେ ୧୯୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପୂର୍ବରୁ କେରଳ ପ୍ରଥମ ଇନିଂସରେ ୧୮୫/୯ ଓ ଗୁଜରାଟ ୧୬୨ ରନ କରି ଅଲ୍‌ଆଉଟ୍ ହୋଇଛି।

# ଇଲେଭେନ ଷ୍ଟାର ସେମିରେ

**ଭଣ୍ଡାରିପୋଖରୀ,୧୬।୧(ଡି.ଏନ.ଏ.)**

**ଗୋପୀନାଥ ଚ୍ୟାଲେଞ୍ଜ**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆରେ ଚାଲିଥିବା ଦ୍ୱାଦଶତମ ଆନ୍ତଃଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ହରାଇ ଯାଜପୁରର ଇଲେଭେନ ଷ୍ଟାର ସେମି ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଲେଭେନ ଷ୍ଟାର ୨୫ ଓଭରରେ ୮ ଉଇକେଟ ହରାଇ ୧୯୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜେଶ ସେଠୀ ୪ ଛକା, ୨ ଚୌକା ସହ ୩୬, ଅଭିଳାଷ ରାଉତରାୟ ୫ ଛକା, ୪ ଚୌକା ସହାୟତାରେ ୫୭ ରନ କରିଥିଲେ। ପ୍ରତିପକ୍ଷ ବୋଲର ମାନସ ମହାପାତ୍ର ୫ ଓଭର ବୋଲିଂ କରି ୩ଟି ଏବଂ ସ୍ୱାଗତ ରାଉତରାୟ, ଶାନ୍ତନୁ ମିଶ୍ର ୫ ଓଭର ବୋଲିଂ କରି ୨ଟି ଲେଖାଏ ଉଇକେଟ ପାଇଥିଲେ। ଜିତିବା ପାଇଁ ୧୯୧ ରନର ପିଛା କରି ପ୍ରଗତି ସ୍ପୋର୍ଟିଂ ୨୫ ଓଭରରେ ୯ ଉଇକେଟ ହରାଇ ୧୮୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୨ ଛକା ଓ ୬ଚୌକା ବଳରେ ୪୮, ଅମିତ ସାହୁ ୩୪ ବଲରେ ୪ ଛକା, ୫ ଚୌକାରେ ୬୦ ରନ କରିଥିଲେ। ପ୍ରତିପକ୍ଷର ବୋଲର ବସନ୍ତ ପ୍ରଧାନ ଓ ସତ୍ୟବ୍ରତ ସ୍ୱାଇଁ ୫ ଓଭର ଲେଖା ବୋଲିଂ କରି ୩ଟି ଲେଖାଏ ଉଇକେଟ ନେଇଥିଲେ। ଅଭିଷେକ ଦାସ ୨ଟି ଓ ଅଂଶୁମାନ ନାୟକ ଗୋଟିଏ ଉଇକେଟ ପାଇଥିଲେ। ଅଭିଳାଷ ରାଉତରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଞ୍ଜନ ମହାନ୍ତି, ପରାସର ବିଶ୍ୱାଳ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ, ଜୟନ୍ତ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଦୀପ୍ତ ନାୟକ ଓ ବିଷ୍ଣୁ ବୋଇତାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ବିଏମସି ଗୋଳକୁଣ୍ଡ ଓ ପାରାମାଉଣ୍ଟ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।



ଅଭିଳାଷ ରାଉତରାୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

DSPL-355

ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ତଥା ସାଂସ୍କୃତିକ କେନ୍ଦ୍ର, ବରିଗୁଡ଼ା, ବ୍ଲକ୍-ଚନ୍ଦାହାଣ୍ଡି, ଜିଲ୍ଲା-ନବରଙ୍ଗପୁରର ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ
ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆ ବର୍ଗକଲ୍ୟାଣ,
ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଓଡ଼ିଶା

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ମାନ୍ୟବର ସାଂସଦ, ନବରଙ୍ଗପୁର
ଶ୍ରୀଯୁକ୍ତ ଟିକମସିଂ ନାୟକ
ଅଧ୍ୟକ୍ଷ, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି
ଶ୍ରୀମତୀ ସୁଭଦ୍ରା ସିହ୍ନା
ଉପାଧ୍ୟକ୍ଷା, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି



ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

26001/13/0030/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ Balasore, Thursday, January 17/ 2019

## ସଂକ୍ଷେପରେ

### କୁମ୍ଭୀର ଗଣନା ଶେଷ ଗତବର୍ଷ ତୁଳନାରେ ୬ ଅଧିକ

ଚାନ୍ଦବାଲି, ୧୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା ସାଲନ୍ଦୀ, ବୈତରଣୀ ଓ ମନ୍ତେଇ ନଦୀରେ କୁମ୍ଭୀର ଗଣନା ଶେଷ ହୋଇଛି। ତେବେ ବିଭିନ୍ନ ଆକାରର କୁମ୍ଭୀରଙ୍କ ସଂଖ୍ୟାକୁ ବିଚାରକୁ ନେଲେ ଚଳିତବର୍ଷ ୨୧ଟି କୁମ୍ଭୀର ଗଣନା କରାଯାଇଛି। ଗତବର୍ଷ ତୁଳନାରେ ୬ଟି କୁମ୍ଭୀର ଅଧିକ ରହିଛି। ଭଦ୍ରକ ଡିଏଫ୍ଓ ଅଧୀନସ୍ଥ ବିଭିନ୍ନ ରେଞ୍ଜର କର୍ମଚାରୀମାନେ କୁମ୍ଭୀର ଗଣନାରେ ସାମିଲ ହୋଇଥିଲେ। ବିଭିନ୍ନ ଦଳରେ ବିଭକ୍ତ ହୋଇ ବୋଟ୍ ସହାୟତାରେ ଏହି ଗଣନା କରାଯାଇଛି।

### ଛୁରି ଦେଖାଇ ଲୁଟ୍

ଆରଡ଼ି, ୧୬।୧ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି ଓ କୁଳେଇପଦା ମଧ୍ୟବର୍ତ୍ତୀ ସ୍ଥାନ ସତ୍ସଙ୍ଗ ବିହାର ନିକଟରେ ବୁଧବାର ଅପରାହ୍ଣରେ ୨ ଲୁଟେରା ଜଣେ ବ୍ୟକ୍ତିଙ୍କୁ ଛୁରି ଦେଖାଇ ଟଙ୍କା ଓ ଏଟିଏମ୍ କାର୍ଡ ଲୁଟି ନେଇଛନ୍ତି। ସୂଚନା ଅନୁସାରେ, ଯାଜପୁର ଜିଲା ଇଚ୍ଛାପୁର ଗ୍ରାମର ଚନ୍ଦ୍ରମଣି ନାୟକ(୬୨) ଆରଡ଼ିର ଏକ ବ୍ୟାଙ୍କ ଏଟିଏମ୍‌ରୁ ୩୦୦୦ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ବାଟରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଛୁରି ଦେଖାଇ ଟଙ୍କା ଓ ଏଟିଏମ୍ କାର୍ଡ ଛଡାଇ ନେଇ ଏକ ନମ୍ବରବିହୀନ ସ୍ପ୍ଲେଣ୍ଡର ବାଇକ୍‌ରେ ପଳାଇ ଯାଇଥିଲେ। ପରେ ଚନ୍ଦ୍ରମଣି ଆରଡ଼ି ଫାଣ୍ଡିରେ ଏ ନେଇ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ଘଟଣାର ତଦନ୍ତ ଜାରି ରଖିଥିବା କହିଛନ୍ତି।

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

ତିହିଡ଼ି, ୧୬।୧ (ଡି.ଏନ.ଏ.): ଭଦ୍ରକ-ଚାନ୍ଦବାଲି ରାସ୍ତାର କାନପୁର ଘୋଷରା ନିକଟରେ ବୁଧବାର ସନ୍ଧ୍ୟାରେ ଏକ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିହିଡ଼ି ଥାନା ଅଧୀନ ଦୌଲତପୁର ପଞ୍ଚାୟତ ମାଲପୁର ଗ୍ରାମର ସୁଶୀଳ ବେହେରା(୪୫)। ହାଇୱା ବିଲରୁ ରାସ୍ତା ଉପରକୁ ଉଠୁଥିବା ବେଳେ ଚାନ୍ଦବାଲିରୁ ବାଇକ୍‌ରେ ଘରକୁ ଫେରୁଥିବା ସୁଶୀଳଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଗଡିରୁ ଦମକଳ ଯୋଗେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗୀତ ବୋଲିବାରୁ ନାବାଳକଙ୍କୁ ହତ୍ୟା

■ମୋବାଇଲ କଥାବାର୍ତ୍ତାରେ ବାଧା ଉପୁଜିବାରୁ ଗଣ୍ଡଗୋଳ
■ଅଟକ ଯୁବକଙ୍କୁ ପଚରାଉଚରା

ଠାକୁରମୁଣ୍ଡା,୧୬।୧(ଡି.ଏନ.ଏ)

ମକର ମେଳା ଦେଖି ସାଙ୍ଗଙ୍କ ସହ ଘରକୁ ଫେରୁଥିବା ଜଣେ ୧୨ବର୍ଷୀୟ ନାବାଳକ ଗୀତ ଗୁଣୁଗୁଣୁ ହେବାରୁ ଏହା ତାଙ୍କ ପାଇଁ ମୃତ୍ୟୁର କାରଣ ପାଲଟିଛି। ଉକ୍ତ ସମୟରେ ସେମାନଙ୍କ ସହ ଯାଉଥିବା ଜଣେ ଯୁବକ ମୋବାଇଲରେ କଥା ହେଉଥିବା ବେଳେ ଗୀତ ଯୋଗୁ ତାଙ୍କ କଥା ବାଧାପ୍ରାପ୍ତ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଯୁବକଜଣଙ୍କ ଉକ୍ତ ନାବାଳକଙ୍କୁ ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏପରି ଏକ ଅଭାବନୀୟ ଘଟଣା ମଙ୍ଗଳବାର ରାତିରେ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଶାଳଚୁଆ ଗ୍ରାମରେ ଘଟିଛି । ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି ।

ପୋଲିସ ସୂଚନା ଅନୁଯାୟୀ, ଶାଳଚୁଆ ଗ୍ରାମର ସ୍ୱର୍ଗତଃ ରଘୁନାଥ ନାୟକଙ୍କ ମଧ୍ୟମ ପୁତ୍ର ବିଜୟ(୧୨) ସପ୍ତମ ଶ୍ରେଣୀରେ ପାଠ ପଢେ । ମଙ୍ଗଳବାର ସାଙ୍ଗଙ୍କ ସହିତ ଗାଁଠାରୁ ପ୍ରାୟ ୪କି.ମି. ଦୂର ବାଉଁଶଗଡ ନିକଟରେ ଥିବା ବରକୁଟି ହୁଡିରେ ହେଉଥିବା ମକର ମେଳା ଦେଖିବାକୁ ଯାଇଥିଲେ । ମେଳା ବୁଲି ସନ୍ଧ୍ୟା ପୂର୍ବରୁ ସାଙ୍ଗଙ୍କ ସହିତ ଘରକୁ ଚାଲି ଚାଲି ଫେରୁଥିଲେ। ଉକ୍ତ ସମୟରେ ଉକ୍ତ ଗାଁର ଜଣେ ଯୁବକ ସେମାନଙ୍କ ସହ ଘରକୁ ଫେରୁଥିବା ବେଳେ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ବିଜୟ ଗୀତ ଗାଉଥିବାରୁ ସେ ଗୀତ ନ ଗାଇବାକୁ କହିଥିଲେ। ମାତ୍ର ବିଜୟ ନ ଶୁଣିବାରୁ ଯୁବକଜଣକ କ୍ରୋଧାନ୍ୱିତ ହୋଇ ତାଙ୍କୁ ପିଟିଥିଲେ । ଏହା ପରେ ସମସ୍ତେ ଘରକୁ ଫେରିବା ପରେ ରାତି ପ୍ରାୟ ୭ଟାରେ ଉକ୍ତ ଯୁବକଜଣକ ବିଜୟଙ୍କୁ ତାଙ୍କ ଘର ନିକଟକୁ ଡାକିଥିଲେ। ସେଠାରେ ପୁଣି ତାଙ୍କୁ ପିଟିବା ସହ ନିକଟରେ ଥିବା ବାଲି ଗଦା ଉପରେ ତାଙ୍କ ମୁହଁକୁ ଚାପି ଦେଇଥିଲେ। ଫଳରେ ବିଜୟ ସଂଜ୍ଞାହୀନ ହୋଇ ସେଠାରେ ପଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ତାଙ୍କୁ ଉଦ୍ଧାର କରି ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତ ନାବାଳକଙ୍କ ମା’ ଲତାମଞ୍ଜରୀ ନାୟକ ଏ ନେଇ ମହୁଲଡିହା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ-୨/୧୯) ରୁଜୁ କରିଛି। ମୃତ ନାବାଳକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରି ଅଭିଯୁକ୍ତ ସମୀରଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଚେଙ୍କ

## ଦୁର୍ଗମ ଇଲାକାରେ ଅପହଞ୍ଚ ଚିକିତ୍ସାସେବା

କେନ୍ଦୁଝର, ୧୬।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଲୋକେ ଚେଙ୍କ ଭଳି ପାରମ୍ପରିକ ଚିକିତ୍ସାକୁ ଆପଣଉଥିବା ଅଭିଯୋଗ ହୋଇଛି। ଉପଯୁକ୍ତ ଚିକିତ୍ସା ନ ପାଇ ଶିଶୁ ଅସୁସ୍ଥ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଜିଲା ମୁଖ୍ୟାଳୟଠାରୁ ୧୫ କି.ମି. ଦୂର ବରଦାପାଳ ପଞ୍ଚାୟତର ରୁଗୁଡି ମୁଣ୍ଡାସାହିରେ ଏଭଳି ଅନ୍ଧବିଶ୍ୱାସ ଦେଖିବାକୁ ମିଳିଛି। ପେଟ ବ୍ୟଥା ବା ପେଟ ରୋଗ ନ ହେବା ପାଇଁ ଲୋକେ ଅନ୍ଧବିଶ୍ୱାସର ବଶବର୍ତୀ ହୋଇ ଶିଶୁଙ୍କୁ ଚେଙ୍କ ଦେଉଛନ୍ତି। ସୋମବାର ଉକ୍ତ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ପେଟରେ ଚେଙ୍କ ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମରେ ୨୫ ମୁଣ୍ଡା ପରିବାର ରହିଛନ୍ତି। ସେଠାରେ ସରକାରୀ ଶିକ୍ଷା ଓ ଚିକିତ୍ସାସେବା ଅପହଞ୍ଚ ହୋଇଛି। ପାଖରେ ବିଦ୍ୟାଳୟ ବା ଅଙ୍ଗନବାଡି କେନ୍ଦ୍ର ନାହିଁ। ପିଲାମାନେ ପ୍ରାଥମିକ ଓ ପ୍ରାକ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଜଡିବୁଟି ଓ ଚେଙ୍କକୁ ଲୋକେ ଭରସା କରୁଛନ୍ତି। ଏ ନେଇ ସିଡିଏମଓ ଡା. ଚୌଧୁରୀ ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେଭଳି ଚେଙ୍କ ଦ୍ୱାରା ଚିକିତ୍ସା ସୂଚନା ମିଳିନାହିଁ। ଅସୁସ୍ଥ ହୋଇ କେହି ଡାକ୍ତରଖାନା ଆସି ନାହାନ୍ତି। ଉକ୍ତ ଗ୍ରାମରେ ସେଭଳି ଘଟଣା ଘଟିଥିଲେ ତାହାର ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।



ସସ୍ମିତା ଓ ତାଙ୍କ ପରିବାର ଲୋକ ଏସ୍‌ପିଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି।

### କାର୍ ଦୁର୍ଘଟଣାଗ୍ରସ୍ତ: ୨ ଶିଶୁ ଗୁରୁତର

ଧାମନଗର, ୧୬।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତାର କୋଠାର କାନାଡା ବ୍ୟାଙ୍କ ନିକଟରେ ବୁଧବାର ଏକ କାର୍ ଗଛରେ ପିଟି ହେବାରୁ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଶିଶୁ ଗୁରୁତର ଅଛନ୍ତି। କାର୍ ରାସ୍ତାପାର୍ଶ୍ୱ ଏକ ଗଛକୁ ପିଟି ଦେବାରୁ ଗାଡ଼ିରେ ଥିବା ୫ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲେ। ଧୂଷୁରୀ ଥାନା ଏସ୍ଆଇ ପ୍ରଦୀପ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି କାର୍ ଜବତ କରି ଥାନାକୁ ନେଇଛନ୍ତି।

### ଘର ପୋଡ଼ି ଘଟଣାରେ ବାପ, ପୁଅ ଗିରଫ

ଖଇରା,୧୬।୧

ଖଇରା ଥାନା ଅଧୀନ କୁପାରୀ ଗ୍ରାମରେ ଘରପୋଡି ଘଟଣାରେ ସମ୍ପୃକ୍ତଥିବା ବାପା ତରଣୀସେନ ମହାପାତ୍ର ଓ ପୁଅ ରାଜକିଶୋରଙ୍କୁ ଖଇରା ପୋଲିସ ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ ସୋମବାର ପିତା ପୁତ୍ର ଉଭୟ ଝଗଡା ଲାଗି ଘରେ ନିଆଁ ଲଗାଇ ଦେଇଥିଲେ । ଏଥିରେ ୧୦ବଖରା ଘର ଭସ୍ମିଭୂତ ହୋଇ ଯାଇଥିବା ବେଳେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଥିଲା । ପରେ ଘରର ଅନ୍ୟ ସଦସ୍ୟ ସୁଦର୍ଶନ ମହାପାତ୍ର ଖଇରା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇଥିଲା।

### ରାଜପଥରୁ ମୃତଦେହ ଉଦ୍ଧାର

ବସ୍ତା, ୧୬।୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ୬୦ନଂ ଜାତୀୟ ରାଜପଥର ବସ୍ତାଥାନା ଅନ୍ତର୍ଗତ ମଥାନୀ ବାଇପାସ ନିକଟରୁ ମଙ୍ଗଳବାର ରାତିରେ ପୋଲିସ ଏକ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲା। ବୁଧବାର ପୋଲିସ ଏହାର ତଦନ୍ତ କରିବା ପରେ ତା’ର ପରିଚୟ ମିଳିଛି। ମୃତକ ହେଉଛି ସିଂଲାଥାନା ବୁଧିଆମାରି ଗାଁର ମୋଚିଆ ମୁର୍ମୁ(୫୨)। କୌଣସି ଗାଡି ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଧାରଣା

ଭଦ୍ରକ ଅଫିସ, ୧୬।୧

ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଚାନ୍ଦବାଲି ଥାନା ଅନ୍ତର୍ଗତ ପଳାଶପୁର ଗାଁର ସସ୍ମିତା ନାୟକଙ୍କ ପରିବାର ଓ ପଡୋଶୀ ବୁଧବାର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ସସ୍ମିତାଙ୍କୁ ଆକ୍ରମଣ ଘଟଣାକୁ ମାସେ ୬ ଦିନ ବିତିଯାଇଥିଲେ ମଧ୍ୟ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନାହିଁ। ଶେଷରେ ସେ ବୁଧବାର ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ପ୍ରତିକ୍ରିୟା ରଖିଥିଲେ। ଆକ୍ରମଣରେ ସସ୍ମିତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ମଧ୍ୟ ଜଣାପଡ଼ିଛି। ୨ ଘଣ୍ଟା ଧାରଣାରେ ବସିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

ସସ୍ମିତା ଚାନ୍ଦବାଲି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଏକ ଜମିଜମା ବିବାଦକୁ ନେଇ ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ଗାଁ କେତେଜଣ ଲୋକ ଆକ୍ରମଣ କରିଥିଲେ। ଏଥିସହ ତାଙ୍କୁ ବଳାତ୍କାର ଉଦ୍ୟମ ମଧ୍ୟ ହୋଇଥିଲା। ଚାନ୍ଦବାଲି ଥାନା ପୋଲିସ ଏହି ଘଟଣାରେ ଗାଁର ପ୍ରଫୁଲ୍ଲ ବାରିକ ଓ ରମେଶ ବାରିକଙ୍କ ସମେତ ଅନ୍ୟ କେତେକ ଲୋକଙ୍କ ନାଁରେ ଗତ ଡିସେମ୍ବର ୧୦ରେ ମାମଲା(ନଂ.୨୭୮/୧୮) ରୁଜୁ କରିଥିଲା। ହେଲେ ମାସେ ବିତିଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଗିରଫ କରୁ ନାହିଁ। ସେମାନେ ନିର୍ଦ୍ଦିଷ୍ଟ ଏକ ଦଳର ହୋଇଥିବାରୁ ଖୋଲା ଆକାଶ ତଳେ ନିର୍ଭୟରେ ବୁଲୁଥିଲେ ମଧ୍ୟ ସେମାନଙ୍କୁ ଗିରଫ କରାଯାଉ ନ ଥିବା ଆନ୍ଦୋଳନକୁ ସମର୍ଥନ କରୁଥିବା ଭାଜପା ନେତା ଡ. ପ୍ରଦୀପ ନାୟକ ଓ ମନସ୍ମିତା ଖୁଣ୍ଟିଆ ଅଭିଯୋଗ କରିଛନ୍ତି।

■ ଯୌତୁକଜନିତ ହତ୍ୟା ମାମଲା

# ସ୍ୱାମୀ, ଶାଶୁଙ୍କୁ ବର୍ଷେ ଲେଖାଏଁ ଜେଲ

ବାରିପଦା ଅଫିସ,୧୬।୧

ବାରିପଦା ସହକାରୀ ସେସନ ଜଜ ଡ. ଭି. ସୁଜାତା ବୁଧବାର ଏକ ଯୌତୁକ ଜନିତ ହତ୍ୟା ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ସେ ତାଙ୍କ ରାୟରେ ଅଭିଯୁକ୍ତ ସ୍ୱାମୀ ବେତନଟୀ ଥାନା ଅନ୍ତର୍ଗତ ଶାଳବଣୀ ଗ୍ରାମର ଯଦୁ କିସ୍କୁ (୨୪) ଏବଂ ଶାଶୁ ପୁନ କିସ୍କୁ (୫୬)ଙ୍କୁ ବର୍ଷେ ଲେଖାଏ ସଶ୍ରମ କାରାଦଣ୍ଡ ସହିତ ୫୦୦ ଟଙ୍କା ଜରିମାନା ଆଦେଶ କରିଛନ୍ତି। ସୂଚନା ଅନୁସାରେ, ବେତନଟୀ ଥାନା ଧନପୁର ଗ୍ରାମର ଇନ୍ଦ୍ରଜିତ ମହାନ୍ତଙ୍କ ଝିଅ ବବିତାଙ୍କୁ ଯଦୁ କିସ୍କୁ ପ୍ରେମ ବିବାହ କରିଥିଲେ । ବିବାହ ପରେ କିନ୍ତୁ ବବିତାକୁ ବିଭିନ୍ନ ସମୟରେ ସ୍ୱାମୀ ଓ ଶାଶୁ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାକୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ୨୦୧୭ ନଭେମ୍ବର ୧୮ରେ ବବିତାଙ୍କ ମୃତଦେହ ଗାଁ ମୁଣ୍ଡ ପୋଖରୀ ହୁଡ଼ା ଗଛରେ ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ବବିତାଙ୍କ ବାପା ଇନ୍ଦ୍ରଜିତ ଶାଶୁ ଘର ଲୋକେ ଝିଅକୁ ମାରି ଗଛରେ ଝୁଲାଇ ଦେଇଥିବା ନେଇ ବେତନଟୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ବେତନଟୀ ପୋଲିସ ଏକ ମାମଲା (ନଂ ୧୮୦/୧୭) ରୁଜୁ କରିଥିଲା। ମାମଲାକୁ ସରକାରୀ ଓକିଲ ସନ୍ତୋଷ ପୃଷ୍ଟି ପରିଚାଳନା କରିଥିଲେ ।




# ତିନି ତଲାକ୍ କହି ସ୍ତ୍ରୀଙ୍କୁ ହାଣିଲା ସ୍ୱାମୀ

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ବାଲେଶ୍ୱର ଅଫିସ,୧୬।୧

ବାଲେଶ୍ୱର ଜିଲା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଚଷାଖଣ୍ଡ ପଞ୍ଚାୟତର ଜଙ୍ଗରାଇ ଗ୍ରାମରେ ଜେଇନୁନ୍ ଖାଁ ତାଙ୍କ ସ୍ତ୍ରୀ ରାସେଦା ବିବି (୩୮)ଙ୍କ ପିଠିରେ ବୁଧବାର ମଧ୍ୟାହ୍ନରେ ଏକ ଛୁରିରେ ତିନି ତଲାକ୍ କହି ହାଣି ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଓ ପଡ଼ୋଶୀ ଲୋକ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜେଇନୁନ୍ ଖାଁ କାସିମ୍‌ପୁରର ରାସେଦା ବିବିଙ୍କୁ ୮ବର୍ଷ ପୂର୍ବରୁ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ପୁଅ ଓ ଦୁଇ ଝିଅ ଅଛନ୍ତି। ଆର୍ଥିକ ପରିସ୍ଥିତିକୁ ନେଇ ପରିବାର ମଧ୍ୟରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ବୁଧବାର ମଧ୍ୟାହ୍ନ ସମୟରେ ଜେଇନୁନ୍ ଘରେ ପହଞ୍ଚି ଦେଖେ ତ ରାସେଦା ଦେହ ଅସୁସ୍ଥ ଥିବାରୁ ଶୋଇଥିଲେ। ଡାକ୍ତର ଦେଖାଇବାକୁ ନ ନେବା କାରଣରୁ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଆରମ୍ଭ ହୋଇଥିଲା। ଜେଇନୁନ୍ ରାଗରେ ରାସେଦାଙ୍କୁ ମାରିବା ସହ କିରୋସିନ ଢାଳି ପୋଡ଼ି ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉତ୍ୟକ୍ତ ହୋଇ ଘରେ ଥିବା ଏକ ଛୁରି ଆଣି ତିନି ତଲାକ୍ କହି ରାସେଦାଙ୍କ ପିଠିରେ ବାରମ୍ବାର ପ୍ରହାର କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ପଡ଼ି ଚିତ୍କାର କରୁଥିବା ବେଳେ ସାହିପଡ଼ିଶା, ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ରାସେଦାକୁ ଜିଲା ମୁଖ୍ୟଚିକିତ୍ସାଳୟକୁ ଆଣିଥିଲେ। ଏନେଇ ହଳଦୀପଦା ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ମାମଲା ରୁଜୁ ହୋଇ ନାହିଁ। ଏ ସମ୍ପର୍କରେ ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରି ନାରାୟଣ ଷଣ୍ଢଙ୍କୁ ପଚାରିବାରୁ ସେ କହନ୍ତି, ପୀଡ଼ିତାଙ୍କ ଭାଇ ଏବଂ ସମ୍ପର୍କୀୟ ୫ଜଣ ଥାନାକୁ ଆସି ଘଟଣା ସମ୍ପର୍କରେ ମୌଖିକ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଲିଖିତ ରିପୋର୍ଟ ଦେଇ ନାହାନ୍ତି। ଫଳରେ ମାମଲା ରୁଜୁ ହୋଇପାରି ନାହିଁ ବୋଲି କହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଭଲି ଟୁର୍ନାମେଣ୍ଟ ଉଦ୍‌ଯାପିତ

## ■ ଗ୍ରାମାଞ୍ଚଳରେ ଜାମୁଯୋଡ଼ି, ସହରାଞ୍ଚଳରେ ୱାହିଦ ଏକ୍ସପ୍ରେସ ଚାମ୍ପିୟନ

ଢେଙ୍କିକୋଟ, ୧୬।୧(ଡି.ଏନ.ଏ.)

ଢେଙ୍କିକୋଟ ଭଲି ଟିମ୍ ତରଫରୁ ୬ଷ୍ଠ ବାର୍ଷିକ ଏକଦିବସୀୟ ଭଲି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମକର ସଂକ୍ରାନ୍ତିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୌରୀ ବାରିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀରେ ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସାହୁ, ସାମାଜିକ କର୍ମୀ ପ୍ରଫୁଲ୍ଲ ସିଂହ ଯୋଗ ଦେଇଥିଲେ। ପ୍ରଥମ ଦିନ ଗ୍ରାମାଞ୍ଚଳ ଭଲି ଟୁର୍ନାମେଣ୍ଟରେ ୧୦ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ଜାମୁଯୋଡ଼ି ଓ ଖେଣ୍ଡା ଭଲି ଟିମ୍ ମଧ୍ୟରେ ହୋଇଥିଲା। ଜାମୁଯୋଡ଼ି ଚାମ୍ପିୟନ ହୋଇଥିବା ବେଳେ ଖେଣ୍ଡା ରନର୍ସଅପ୍ ହୋଇଥିଲା। ଦ୍ୱିତୀୟ ଦିନ ସହରାଞ୍ଚଳ ଖେଳ ହୋଇଥିଲା। ଓଡ଼ିଶା ତଥା ବାହାର ରାଜ୍ୟର ୧୨ ଭଲି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ଖେଳ ସାନ୍ତରାପୁର ୱାହିଦ ଏକ୍ସପ୍ରେସ ଓ ଝାରଖଣ୍ଡ ଖାରପସ ଭଲିଟିମ୍ ମଧ୍ୟରେ ହୋଇଥିଲା। ସାନ୍ତରାପୁର ୱାହିଦ ଏକ୍ସପ୍ରେସ ଭଲି ଟିମ୍ ଚାମ୍ପିୟନ ହୋଇଥିବାବେଳେ ଝାରଖଣ୍ଡର ଖାରପସ ଦଳ ରନର୍ସଅପ୍ ହୋଇଥିଲା। ଖେଳକୁ ରାଜ୍ୟସ୍ତରୀୟ ଭଲି ରେଫରୀ କଳାକାର ସାମଲ ଏବଂ କାହ୍ନୁଚରଣ ସାମଲ ପରିଚାଳନା କରି ଥିଲେ।

ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର, କେନ୍ଦୁଝର ଜିଲା ୮ନଂ ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ମହାନ୍ତ, ସ୍ଥାନୀୟ ସରପଞ୍ଚ ଗୌରୀ ବାରିକ, ଢେଙ୍କିକୋଟ ବିକାଶ ମଞ୍ଚର ସଭାପତି ପ୍ରଫେସର ଯୁଗଳ କିଶୋର ଦାସ ଯୋଗ ଦେଇଥିଲେ। ସଭାରେ ଭଲି ଟିମ୍‌ର ସଭାପତି ସଞ୍ଜୀବ ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା କାହ୍ନୁଚରଣ ସାମଲ ଅତିଥି ପରିଚୟ ଦେଇଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଅତିଥି ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ଜମାଇଥିଲେ।



ଆୟୋଜିତ ଭଲି ଟୁର୍ନାମେଣ୍ଟ।

## ସଂକ୍ଷେପରେ



### ପ୍ରୟାସ ଗ୍ରୁପର ନୂତନ କର୍ମକର୍ତ୍ତା

ବଡ଼ବିଲ, ୧୬।୧(ସ୍ୱ.ପ୍ର.): ବଡବିଲର ଅଗ୍ରଣୀ ଯୁବ ସଙ୍ଗଠନ ପ୍ରୟାସ ଗୃପର ନିଆରା ଢଙ୍ଗରେ କର୍ମକର୍ତ୍ତା ଚୟନ ହୋଇଛି। ସ୍ଥାନୀୟ କାରୁବାକୀ ପିକନିକ ସ୍ପଟରେ ଏକ ବଣ ଭୋଜି ହୋଇଥିଲା। ସେଠାରେ ଯୁବ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ଚୟନ ପ୍ରକ୍ରିୟାରେ ସଙ୍ଗଠନର ସଭାପତି ଭାବେ ଶୈଳେଶ କର୍ମକାର, ସାଧାରଣ ସମ୍ପାଦକ ଇନ୍ଦ୍ରଦେବ ଯାଦବ, ଉପସଭାପତି ରିତେଶ ସାଓ, ସହସାଧାରଣ ସମ୍ପାଦକ ରାମ୍ କର୍ମକାର ଏବଂ କୋଷାଧ୍ୟକ୍ଷ ଭାବେ ଅନିଲ ସିହ୍ନା ମନୋନୀତ ହୋଇଛନ୍ତି। ବଡବିଲ ଅଞ୍ଚଳର ଜନସାଧାରଣଙ୍କୁ ସ୍ୱଚ୍ଛତାର ସନ୍ଦେଶ ଦେବାକୁ କାରୁବାକୀ ଅଞ୍ଚଳରେ ସଫେଇ ଅଭିଯାନକୁ ହାତେକୁ ନେଇଥିଲେ। ସଙ୍ଗଠନର ସଭାପତି ସୈଳେଶ କହିଛନ୍ତି ଯେ, ବଣ ଭୋଜିରେ ଏକତ୍ରିତ ହେବା ସହ ସମସ୍ତଙ୍କୁ ଆନନ୍ଦ ଦେଇଥାଏ। ପିକନିକ ସ୍ପଟର ସ୍ୱଚ୍ଛତା ପ୍ରତି କେହିହେଲେ ଦୃଷ୍ଟି ଦେଉନାହାନ୍ତି। ପିକନିକ ସହ ଅଳିଆକୁ ସଫେଇ କରିବା ଆମର ଦାୟିତ୍ୱ।

### ଜିଲାପାଳଙ୍କ ହସ୍ତକ୍ଷେପ ପରେ ଗଣଧାରଣା ପ୍ରତ୍ୟାହୃତ

ଜଳେଶ୍ୱର,୧୬।୧ (ଡି.ଏନ୍.ଏ.) : ଜଳେଶ୍ୱର ବ୍ଲକ ସମ୍ପତ୍ତିଆ ପଞ୍ଚାୟତ ଗଠନ ହେବାର ଅଢ଼େଇ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପଞ୍ଚାୟତ ଗୃହ ନିର୍ମାଣ ହୋଇପାରିନାହିଁ। ସମ୍ପୃକ୍ତ ପଞ୍ଚାୟତ ଗୃହ ନିର୍ମାଣ ସକାଶେ ୩୫ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସି ପଡ଼ିରହିଛି। ଏହାର ପ୍ରତିବାଦ କରି ମଙ୍ଗଳବାର ପୂର୍ବାହ୍ନରୁ ଶତାଧିକ ପଞ୍ଚାୟତବାସୀ ଜଳେଶ୍ୱର ତହସିଲ ପରିସରରେ ଅହୋରାତ୍ର ଗଣଧାରଣାରେ ବସିଥିଲେ। ଜିଲାପାଳ ରମେଶଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ ବୁଧବାର ସନ୍ଧ୍ୟାରେ ଧାରଣାକାରୀଙ୍କ ସହିତ ଉକ୍ତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଚଳିତ ମାସ ୨୨ ତାରିଖରେ ଜିଲାପାଳଙ୍କ ଗସ୍ତ ସମୟରେ ଉକ୍ତ ସମସ୍ୟାକୁ ନେଇ ବିସ୍ତୃତ ଆଲୋଚନା କରାଯାଇ ସମାଧାନର ବାଟ ନିଶ୍ଚିତ ବାହାର କରାଯିବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ପାଇଲାପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଆଲୋଚନାରେ ଦୀପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ଶେଖର ନନ୍ଦୀ, ଦିଲୀପ ଗିରି, ଦିଲୀପ ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ■ ୨ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

# ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

ହାଟଡିହୀ, ୧୬।୧(ଡି.ଏନ.ଏ.)

ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ବିମ୍ବାଧର ବିଶ୍ୱାଳ, ସମ୍ମାନିତ ଅତିଥି ବିଇଓ ଗୁଣନିଧି ଦାଶ, ଏବିଇଓ ସୁରେଶ ଜେନା, ତପଧନ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସଞ୍ଜୁଲତା ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ କୁମୁଦୁନୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପଦ୍ମନାଭ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଶିଶିର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ଶାନ୍ତନୁ ରାଉତ ଖେଳ ପରିଚାଳନା କରିଥିଲେ। ନବକିଶୋର ବିଶ୍ୱାଳ, ପ୍ରଦୀପ ସ୍ୱାଇଁ, ରମେଶ ଚନ୍ଦ୍ର ନାୟକ, ମାଧବାନନ୍ଦ ଜେନା, ସତ୍ୟବ୍ରତ ବିଶ୍ୱାଳ, ରାଧାକୃଷ୍ଣ ପତି, ନବକିଶୋର ବିଶ୍ୱାଳ, ପର୍ଶୁରାମ ନାୟକ, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ। ଯାଜ୍ଞସିନୀ ପାତ୍ର, ଶିବାଶିଷ ବାରିକ, ଓମକାର ରାଉତ, ମଧୁସ୍ମୀତା ଦାସ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଚାମ୍ପିୟନ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ପଢିଆରୀପଲୀ ନୋଡାଲ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ନାୟକ ଖେଳକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଜୟ ଭୁଷଣ ବେହେରା, ସରପଞ୍ଚ ନିରୁପମା ପାତ୍ର, ସମିତି ସଭ୍ୟ ରାଜେନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଖେଳ ଶିକ୍ଷକ ବୃନ୍ଦାବନ ରାଉତ, ସୁରେନ୍ଦ୍ର ସାହା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଲୀସା ମୁଦ୍ରା ସାହୁ, ପଙ୍କଜିନୀ ସାହୁ, ରାମକୃଷ୍ଣ ନାୟକ, ଅଭିମନ୍ୟୁ ବେହେରା, ସତ୍ୟନାରାୟଣ ଜେନା, ଭାଗ୍ୟଶ୍ରୀ ବାରିକ, ମାଧବ ଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ସବୁଠି ବିବେକାନନ୍ଦଙ୍କ ଜୟନ୍ତୀ

ହାଟଡିହୀ,୧୬।୧(ଡି.ଏନ.ଏ.)

ହାଟଡିହୀ ବ୍ଲକ ସୋସୋ ଗ୍ରାମରେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମାୟାଧର ଯେନା, ସମ୍ମାନିତ ଅତିଥି ଆତ୍ମନ୍ ନନ୍ଦ ଜୀ ମହାରାଜ, ଫକୀର ଶଙ୍ଖୁଆ, ବିକ୍ରମ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଟିଙ୍କି କିସ୍କୁ, ପ୍ରଫୁଲ୍ଲ ଜେନା, ଫକୀର ଚରଣ ବାରିକ, ଶଙ୍ଖାଳି ଚରଣ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିରଞ୍ଚିପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଏମଡି ଉଦୟନାଥ କରଙ୍କ ସଭାପତିତ୍ୱରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ମହାରଣା, ତନୁଶ୍ରୀ ତନୟା ପହି, ପ୍ରିୟଙ୍କା ରାଉତ, ସୁଚିତ୍ରା ଦାସ, ଦୀପାରାଣି ଜେନା, ସାସ୍ୱତୀ ପଳତା, ମମତା ବେହେରା, ସଞ୍ଜୁଲତା ସାହୁ, ସୁଚୀସ୍ମିତା ବାରିକ, ଶ୍ୟାମ ସୁନ୍ଦର ଦାସ, ଅଜିତ୍ ଦାସ, ଦୈତାରୀ ପାଣିଗ୍ରାହୀ, ମଞ୍ଜୁଲତା ଖୁଣ୍ଟିଆ, ଉର୍ମିଳା ସେଠୀ, ପ୍ରମିଳା ପାତ୍ର, ଗଦାଧର ଜେନା, ବ୍ରହ୍ମାନନ୍ଦ ମଲ୍ଲିକ, ସୁଦୀପ୍ତି ଦାସ, ବିନୟ ନାୟକ, ରାଜେଶ ବେହେରା, ବାବୁରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନତୀକରଣ ଲାଗି ଏଡିଆର୍‌ଏମ୍‌ଙ୍କ ଜଳେଶ୍ୱର ଗସ୍ତ

ଜଳେଶ୍ୱର,୧୬।୧ (ଡି.ଏନ୍.ଏ.)

ବୁଧବାର ପୂର୍ବାହ୍ନରୁ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୨ ଘଣ୍ଟାଧରି ଖଡ଼ଗପୁରସ୍ଥିତ ଦକ୍ଷିଣ-ପୂର୍ବ ରେଳ ଡିଭିଜନର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଏଡିଆର୍‌ଏମ୍) ମନୋରଞ୍ଜନ ପ୍ରଧାନ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଟିମ୍‌କୁ ନେଇ ଜଳେଶ୍ୱର ରେଳଷ୍ଟେଶନ ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଷ୍ଟେଶନ ସମ୍ମୁଖରେ ରେଳଯାତ୍ରୀ ମାନଙ୍କ ଯାତାୟତ ନିମନ୍ତେ ରାସ୍ତା ପ୍ରଶସ୍ତିକରଣ, ରେଳ କଲୋନୀର ନବୀକରଣ, ଟ୍ରେନ୍ ଚଳାଚଳ ଡିସପ୍ଲେ ବୋର୍ଡ, ଅତ୍ୟାଧୁନିକ ଇନ୍‌କ୍ୱାରୀ ସିଷ୍ଟମ, ଜଳେଶ୍ୱର-ପଶ୍ଚିମବାର୍ଡ଼-କପାସିଆ ରୋଡ ଲେବଲ କ୍ରସିଂ ଠାରେ ଗଳାପୋଲ (ଅଣ୍ଡରପାସ)ନିର୍ମାଣ, ଚାଲନ୍ତି ଓ ବାଟଗ୍ରାମ ରେଳ ଲେବଲ କ୍ରସିଂ ଠାରେ ଉଡ଼ନ୍ତା ସ୍ଥାୟୀ ପକ୍କା ପୋଲ ନିର୍ମାଣ ଏବଂ ରେଳଷ୍ଟେଶନର ବିଭିନ୍ନ ଉନ୍ନତିକରଣ ବିଷୟ ଉପରେ ଏଡିଆର୍‌ଏମ୍ ଗୁରୁତ୍ୱ ଦେଇଥିଲେ। ଉକ୍ତ ଟିମ୍‌ରେ ଡିଭିଜନାଲ ଇଞ୍ଜିନିୟର ଇଂ ମହମ୍ମଦ ୱାସିମ୍, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର କୁଲଦୀପ୍ ତିୱାରୀ, କମର୍ସିଆଲ ଅନୀଲ ଜରାଇ, ଆଇଓଡବ୍ଲ୍ୟୁ(ୱାର୍କ୍ସ) ଅଜିତ କୁମାର ମିଶ୍ର ପ୍ରମୁଖ ସାମିଲଥିଲେ। ପରିଦର୍ଶନକାରୀ ଟିମ୍ ସହିତ ଜଳେଶ୍ୱର ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଳେଶ୍ୱର ରେଳଷ୍ଟେଶନ ର ବିଭିନ୍ନ ସମସ୍ୟା ଓ ଦୂରଗାମୀ ଟ୍ରେନ୍ ଗୁଡ଼ିକର ରହଣୀ ସମ୍ବନ୍ଧରେ ଦାବିପତ୍ର ପ୍ରଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଊଣା ହିଡ଼ ଯେଉଁଠି,**
**ଜଳ ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୯୭୦ ବ୍ୟାଚର ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ର।

ଚମ୍ପୁଆ, ୧୬।୧(ଡି.ଏନ.ଏ)

ଚମ୍ପୁଆ ଟାଉନହଲଠାରେ ବୁଧବାର ମହତାବ ଉଚ୍ଚ ବିଦ୍ୟାଳୟର ୧୯୭୦ ମ୍ୟାଟ୍ରିକ୍ ବ୍ୟାଚର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମ୍ପାଦକ କପିଳେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବନ୍ଧୁମିଳନରେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ୍ୱର ମହାନ୍ତ, ହରିହର ମିଶ୍ର, ଶ୍ରୀକାନ୍ତ ପ୍ରଧାନ, ମୁକୁନ୍ଦ ଚରଣ ମହାନ୍ତ, ଶୁକଦେବ ବେହେରା, ରଘୁନାଥ ସାହୁ ପ୍ରମୁଖ ଶିକ୍ଷକ ଯୋଗ ଦେଇଥିଲେ। ଦୀର୍ଘ ୪୯ ବର୍ଷର ବ୍ୟବଧାନ ପରେ ସଭ୍ୟଙ୍କ ଦ୍ୱାରା ଗୁରୁଙ୍କୁ ପୂଜନ କରାଯାଇଥିଲା। ଯେଉଁ ପୁରାତନ ଛାତ୍ର ଓ ସହପାଠୀ ଇହଧାମ ତ୍ୟାଗ କରିସାରିଛନ୍ତି ତାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଯୁଗଳ କିଶୋର ଗିରି ସଭାପତିତ୍ୱ କରିଥିଲେ। ସଭ୍ୟ ନାରାୟଣ ପ୍ରଧାନ, କୃତିବାସ ବେହେରା, ରାହାତ ଆନସାରୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ବ୍ୟାଚର ପୁରାତନ ଛାତ୍ର ବିଭିନ୍ନ କ୍ଷେତ୍ରରେ ନିଜ ପାରିଦର୍ଶିତା ପ୍ରମାଣ କରି ଅବସର ଗ୍ରହଣ କରିସାରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143 7050017585

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

1985ରୁ ସହସ୍ରାଧିକଙ୍କୁ ଲାଭ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

**ପାଠକଙ୍କ ପାଇଁ ସୂଚନା** — ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଚିକିତ୍ସାଧୀନ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଢେଙ୍କିକୋଟ, ୧୬।୧(ଡି.ଏନ.ଏ.):** ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇ କେନ୍ଦୁଝର ଜଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣେ ଦାଦନ ଶ୍ରମିକଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଲଙ୍ଗଳକଣ୍ଟି ଗ୍ରାମର ଲଙ୍ଗଳକଣ୍ଟି ଗ୍ରାମର ଅର୍ଜୁନ ସିଂହର ପୁଅ ଦୀପୁ(୧୯)। ଦିପୁ ଜିଲାରେ କୌଣସି କାମଧନ୍ଦା ନ ପାଇ କେତେ ଜଣ ଶ୍ରମିକଙ୍କ ସହ ଖଡଗପୁରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ସେ ଘରକୁ ଫେରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ୧ ମାସ ଚିକିତ୍ସିତ ହୋଇ ଆସୁଥିଲେ। ଖବର ପାଇ ଢେଙ୍କିକୋଟ ଭାରପ୍ରାପ୍ତ ପାଣ୍ଡି ଅଧିକାରୀ ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ପରିଡ଼ା କନଷ୍ଟେବଳ ମାନସରଞ୍ଜନ ରାଉତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଦୀପୁ ଜଣେ ଗରିବ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହୋଇଛି।

### କର୍ମଚାରୀଙ୍କୁ ମାଡ଼, ଆଉ ଜଣେ ଗିରଫ

**ଯୋଡ଼ା, ୧୬।୧(ଡି.ଏନ.ଏ.):** ଯୋଡ଼ା ଖଣି ମଣ୍ଡଳରେ ଥିବା ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ପଶି କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଈଶ୍ୱର ତୀର୍କି। ଭାରତ ବନ୍ଦ ବେଳେ ସିଟୁ ଦଳର ଆନ୍ଦୋଳନକାରୀ ଉକ୍ତ ଖଣିରେ ପଶି ଖଣିର କେତେକ ଅଧିକାରୀ ଓ କର୍ମଚାରୀଙ୍କୁ କାହିଁକି ଖଣି ଚାଲୁ ରଖିଛ ବୋଲି କହି ଆଣ୍ଠେଇ ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏ ନେଇ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏକ ମାମଲା (ନଂ.୦୩/୧୯) ଅନୁଯାୟୀ, ପୂର୍ବରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ମୃତକଙ୍କ ପରିବାରବର୍ଗଙ୍କୁ ଭେଟିଲେ ସଭାନେତ୍ରୀ

**ହାଟଡିହୀ,୧୬।୧(ଡି.ଏନ.ଏ.):** ଆନନ୍ଦପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ଼ ପଞ୍ଚୁଗୋଛିଆ ଗ୍ରାମର ପରମାନନ୍ଦ ଯେନାଙ୍କର ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। କ୍ଷତିପୂରଣ ଓ ଚାକିରି ଦାବିରେ ପରିବାର ଲୋକ ଥାନା ଆଗରେ ଧାରଣା ଦେଇଥିଲେ। ଧାରଣା ପ୍ରତ୍ୟାହୃତ ହୋଇଥିଲେ ହେଁ ହାଟଡିହୀ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସାବିତ୍ରୀ ସେଠୀ ଓ ବିଜେଡି ସମ୍ପାଦକ ଅଭିମନ୍ୟୁ ସେଠୀ ମୃତ ପରମାନନ୍ଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

### ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ହାଟଡିହୀ, ୧୬।୧(ଡି.ଏନ.ଏ.):** ହାଟଡିହୀ ବ୍ଲକ ପନ୍ଦାଡୋ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ନାଥଙ୍କୁ ଶାସଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୁରେନ୍ଦ୍ର ଜଣେ କର୍ତ୍ତବ୍ୟନିଷ୍ଠ, ସରଳ, ନିଷ୍କପଟ ଓ ଆମାୟିକ ବ୍ୟକ୍ତିତ୍ୱ ଥିଲେ। ଏ ନେଇ ତାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଓ ଅନ୍ୟ ଶିକ୍ଷକ ଉପସ୍ଥିତ ରହିଥିଲେ। ବୈଠକରେ ଶିକ୍ଷକ ସୁରେନ୍ଦ୍ର କୁମାର ନାଥଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

### କମ୍ପାନୀ କର୍ମଚାରୀଙ୍କୁ ଆକ୍ରମଣ, ୩ ଯୁବକ ଗିରଫ

**ପାଟଣା, ୧୬।୧(ସ୍ୱ.ପ୍ର.):** ପାଟଣା ବ୍ଲକ ଖିରେଇଟାଙ୍ଗିରିସ୍ଥିତ ମଣ୍ଟେ କାର୍ଲ ରାସ୍ତା ନିର୍ମାଣ ଠିକାଦାରୀ ସଂସ୍ଥାର କେତେକ କର୍ମଚାରୀଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଆକ୍ରମଣ ଅଭିଯୋଗରେ ୩ ଯୁବକଙ୍କୁ ପୋଲିସ ଗିରଫ କରିଛି। କମ୍ପାନୀର ଜଣେ ସୁପ୍ରଭାଇଜର ଓ ଦୁଇ ଜଣ ଅପରେଟରଙ୍କୁ ୪ ଯୁବକ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଗିରଫ ହୋଇଥିବା ଯୁବକମାନେ ହେଲେ ଖିରେଇଟାଙ୍ଗିରୀ ଗ୍ରାମର ଶ୍ରୀକାନ୍ତ ମହାନ୍ତ, ଯତୀନ ନାଏକ ଓ ନାରଣ ମୁଣ୍ଡା। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଯୁବକ ଲୋଚନ ମହାନ୍ତ ଫେରାର ଅଛନ୍ତି। ଏ ନେଇ ମାମଲା (ନଂ.୩/୧୯) ରୁଜୁ ହୋଇଥିବା ଥାନାଧିକାରୀ ବିଜୟ କୃଷ୍ଣ ମହାପାତ୍ର କହିଛନ୍ତି।

# ବଦଳୁଛି ରାଜନୈତିକ ସମୀକରଣ

**କେନ୍ଦୁଝର, ୧୬।୧(ସ୍ୱ.ପ୍ର.)**

**କେନ୍ଦୁଝର ରାଜନୀତି**
- ନିଜ ଦଳରୁ ସନାତନଙ୍କ ଇସ୍ତଫା
- କୁଶଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ

କେନ୍ଦୁଝର ଜିଲାରେ ରାଜନୈତିକ ସମୀକରଣ ବଦଳୁ ଥିବା ଆଲୋଚନା ହେଉଛି। ଦେଖିବାକୁ ଗଲେ ଜିଲାରେ ଏବେ ରାଜନୀତି ସରଗରମ ରହିଛି। ଗତ ମଙ୍ଗଳବାର ଜିଲା ବିଜେଡି ସଭାପତି ଭାବେ ବିଦ୍ୟାଧର ବିଶ୍ୱାଳ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମୀନା ବାରିକଙ୍କୁ ନିଯୁକ୍ତି ମିଳିଛି। ଏ ନେଇ ଜିଲା ବିଜେଡିରେ ଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ଚାପି ରଖିବାକୁ ଉଦ୍ୟମ କରାଯାଇଛି। ସବୁଠାରୁ ଚର୍ଚ୍ଚାର ବିଷୟ ବିଜେଡି ପକ୍ଷରୁ କୁଶ ଆପଟଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ଦଳରୁ କୁଶଙ୍କୁ ବହିଷ୍କାର କରାଯାଇଥିବା କୁହାଯାଉଥିଲା। ଏବେ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରି ଦଳକୁ ଫେରାଇଆଣିବା ଉଦ୍ୟମ ଚର୍ଚ୍ଚାର ବିଷୟ ହୋଇଛି। ଫଳରେ କୁଶଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ମିନେରାଲ୍ସ କନ୍‌ସେସ୍‌ନ ରୁଲସ ୩୭ର ଖିଲାପିଙ୍କ ତାଲିକାରେ କୁଶଙ୍କ ନାମ ଥିବାରୁ ଦଳୀୟ ଟିକଟ ପାଇ ପାରି ନ ଥିଲେ। ନିଲମ୍ବନ ଆଦେଶ ଉଠିବା ପରେ ଟିକଟ ମିଳିବ କି ନାହିଁ ସେ ନେଇ ତାଙ୍କ ସମର୍ଥକ ତଥା ବିଜେଡିରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଚମ୍ପୁଆ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ ମଙ୍ଗଳବାର ନିଜର ନବ ନିର୍ମିତ ଜନ ସମୃଦ୍ଧ ପାର୍ଟିରୁ ଇସ୍ତଫା ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗତ ନିର୍ବାଚନରେ ଚମ୍ପୁଆରେ ବିଜେଡି ଦୁର୍ବଳ ପ୍ରାର୍ଥୀ ଦେଇ ସନାତନଙ୍କୁ ଜିତାଇବା ପାଇଁ ସୁଯୋଗ ଦେଇଥିବା ଆଲୋଚନା ହୋଇଥିଲା। ଚଳିତ ବର୍ଷ ସନାତନଙ୍କ ଜନ ସମୃଦ୍ଧ ପାର୍ଟି ପକ୍ଷରୁ ରାଜ୍ୟରେ ୩୦ ବିଧାୟକ ଓ ୨ ଏମ୍‌ପି ପ୍ରାର୍ଥୀ ଦେବା ଘୋଷଣା ହୋଇଥିଲା। ତାଙ୍କର ଏଭଳି ଦଳରୁ ଇସ୍ତଫା ସମସ୍ତଙ୍କୁ ଚକିତ କରିଛି। ଚାପରେ ନା ଭିତିରିଆ କୌଣସି ସର୍ତ୍ତରେ ଏଭଳି ଇସ୍ତଫା ଦେଇଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଚର୍ଚ୍ଚା ହେଉଛି। ଜନ ସମୃଦ୍ଧ ପାର୍ଟିର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସାହୁଙ୍କୁ ପଚାରିବାରୁ ପାର୍ଟି ଚାଲିବ। ବୈଠକ ପରେ ପାର୍ଟିର ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହେବ ବୋଲି ସେ କହିଛନ୍ତି।

ଚମ୍ପୁଆ ନିର୍ବାଚନମଣ୍ଡଳୀ ପାଇଁ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ ଦେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜିତୁଙ୍କ ଭାଇ ସୌମ୍ୟରଞ୍ଜନ ପଟ୍ଟନାୟକ ବିଜେଡିରେ ଯୋଗଦାନ ପରେ ଦଳରେ ସେମାନଙ୍କ ପରିବାରର ଦବଦବା ବଢ଼ି ଯାଇଥିବା ଆଲୋଚନା ହେଉଛି। ମାତ୍ର ଜିତୁ ନିର୍ବାଚନ ଲଢ଼ିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା କହୁଛନ୍ତି। ଅନ୍ୟପଟେ ଜିତୁଙ୍କ ଭାଇ ନିରଞ୍ଜନ ବାରମ୍ବାର ମନା କରି ଶେଷରେ ପିସିସି ସଭାପତି ହୋଇଛନ୍ତି। ସୌମ୍ୟରଞ୍ଜନ ବିଜେଡି ବିରୋଧରେ ବିଶଦଗାର କରି ଶେଷରେ ସେହି ଦଳରେ ସାମିଲ ହୋଇ ରାଜ୍ୟସଭାକୁ ଗଲେ, ଜିତୁଙ୍କୁ ଯଦି ଟିକଟ ମିଳେ ମନ ବଳାଇ ନିର୍ବାଚନ ଲଢ଼ିବା ନେଇ ମତବ୍ୟକ୍ତ କରି ପାରନ୍ତି ବୋଲି ସମୀକ୍ଷକ ମତବ୍ୟକ୍ତ କରୁଛନ୍ତି।

# ଜବରଦଖଲକାରୀଙ୍କ ନାମରେ ଏତଲା



ସଂରକ୍ଷଣ ହୋଇ ନ ଥିବା ଜାଗା।

**ଝୁମ୍ପୁରା, ୧୬।୧(ଡି.ଏନ.ଏ.)**

ଝୁମ୍ପୁରା ତହସିଲ ଅନ୍ତର୍ଗତ ୫ ରାଜସ୍ୱ ସର୍କଲରେ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶରେ ଝୁମ୍ପୁରା ତହସିଲ ପ୍ରଥମ ଦଫାରେ ଝୁମ୍ପୁରା ଥାନା ପାର୍ଶ୍ୱରେ ଥିବା ସରକାରୀ ଜାଗାକୁ ସିମେଣ୍ଟ ଖୁଣ୍ଟ ପୋତି ତାରବାଡ଼ ଘେରା ଯାଇଛି। କେତେକ ଜବରଦଖଲକାରୀ ରାତିରେ ପୋତା ଯାଇଥିବା ସିମେଣ୍ଟ ଖୁଣ୍ଟକୁ ଉପାଡି ଦେଉଛନ୍ତି। ଏ ନେଇ ତହସିଲଦାର ଜନକ ନାୟକ ୬ ଜଣ ଜବରଦଖଲକାରୀଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି।

ପୋଲିସ ଉପସ୍ଥିତିରେ ୨୦ ନଂ ଜାତୀୟ ରାଜପଥର ଏକ ପାର୍ଶ୍ୱରେ ରହିଥିବା ୩୫ ଡେସିମିଲରୁ ଊର୍ଦ୍ଧ୍ୱ ସରକାରୀ ଜାଗାରେ ତାରବାଡ ଘେରା କାମ ସରିଛି। ଥାନା ପାର୍ଶ୍ୱରେ ଥିବା ସରକାରୀ ଜାଗାରୁ ଉପୁଡ଼ା ଯାଇଥିବା ସିମେଣ୍ଟ ଖୁଣ୍ଟ ପୁଣିଥରେ ପୋତା ଯାଇନି। ଏ ନେଇ ତହସିଲଦାର ଜନକଙ୍କୁ ପଚାରିବାରୁ ଥାନା ପାର୍ଶ୍ୱ ଜାଗାକୁ ମଧ ୩ରୁ ୪ ଦିନ ଭିତରେ ତାରବାଡ ଘେରାଯିବ। ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ




ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଆନନ୍ଦପୁର/ଘସିପୁରା,୧୬।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ରାମଚନ୍ଦ୍ରପୁରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଅଦ୍ୟାବଧି ୧୯୦ ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇସାରିଥିବା କହିଛନ୍ତି। ଛାତ୍ରୀଛାତ୍ରଙ୍କୁ ସିବିଏସଇ ଢାଞ୍ଚାରେ ଶିକ୍ଷାଦାନ ନିମନ୍ତେ ରାଜ୍ୟ ସରକାର ଏଭଳି ଉଦ୍ୟମ କରିଛନ୍ତି। ଘସିପୁରା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୫ ଶହ ଛାତ୍ରୀଛାତ୍ର ପଢିବାର ବ୍ୟବସ୍ଥା କରାଯାଇଛି। ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାର ବ୍ୟବସ୍ଥା ରହିଛି। ଟାଟା ଷ୍ଟିଲ୍ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଉତ୍ତମ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ଜିଲାରେ ୧୩ ଗୋଟି ବ୍ଲକ ମଧ୍ୟରୁ ୧୧ଟିରେ ଓଡ଼ିଶା ଆଦାର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ସଭ୍ୟ ଇତିଶ୍ରୀ ବେହେରା, ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ, ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଟାଟା ଷ୍ଟିଲ୍ ଏଫଏବମଡି ମହାପ୍ରବନ୍ଧକ ଅପରେଶନ୍ ଆର.ଆର. ସତପଥୀ, ଟାଟା ଷ୍ଟିଲ୍ ଭୁବନେଶ୍ୱର ମୁଖ୍ୟ ରେସିଡେଣ୍ଟ ଅଧିକାରୀ ଦେବାଶିଷ ଜେନା, ଜୁସ୍କୋ କାର୍ଯ୍ୟନିର୍ବାହୀ ଇନଚାର୍ଜ ସଞ୍ଜୀବ ଝା ପ୍ରମୁଖଙ୍କ ସମେତ ଟାଟା ଷ୍ଟିଲ୍ ପକ୍ଷରୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବାପାଙ୍କୁ ମାଡ଼ମାରି ଦୁଇପୁଅ ଗିରଫ

**ଯୋଡ଼ା, ୧୬।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ପେଣ୍ଠେଇ ବସ୍ତିଠାରେ ବାପାଙ୍କୁ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରି ଦୁଇ ପୁଅ ଜେଲ୍ ଯିବା ଘଟଣା ଉକ୍ତ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ଗିରଫ ଦୁଇ ଭାଇ ହେଲେ ମକୁରୁ ପେଣ୍ଠେଇ ଏବଂ ଯୋଗେଶ୍ୱର ପେଣ୍ଠେଇ। ଜୁରୁଡି ପେଣ୍ଠେଇ ବସ୍ତିରେ ଚୈତନ୍ୟ ପେଣ୍ଠେଇ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଜଣାଶୁଣା। ତାଙ୍କର ବଡ଼ପୁଅ ମକୁରୁ ପେଣ୍ଠେଇ ବିବାହିତ। ସାନପୁଅ ଯୋଗେଶ୍ୱର ବିବହ ହୋଇ ନାହାନ୍ତି। ଯୋଗେଶ୍ୱରଙ୍କ ବିବାହ କଥାକୁ ନେଇ ବାପା ଚୈତନ୍ୟଙ୍କୁ ମଧ୍ୟରେ ବଚସା ହୋଇଥିଲା। ଏ ନେଇ ଦୁଇ ଭାଇ ମିଶି ବାପା ଚୈତନ୍ୟଙ୍କ ସହ ତାଙ୍କ ବଡ ଭଉଣୀଙ୍କୁ କାଠଫାଳିଆ ଓ ଇଟାରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟାବେଳେ ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ବୁଧବାର ଅଭିଯୁକ୍ତ ଦୁଇ ପୁଅଙ୍କୁ ପୋଲିସ ଗିରଫ କରିଛି। ଏକ ମାମଲା (ନଂ.୮/୧୯) ରୁଜୁ କରି ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

# ୬୨ ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରମାଣପତ୍ର ବଣ୍ଟନ

**ଆନନ୍ଦପୁର, ୧୬।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ପଦନା ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷା ଓ ବିଜ୍ଞାନ କାରିଗରି ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ। ସୁଆଁପଦା ଗ୍ରାମର ୨ଶହ ପରିବାରବର୍ଗଙ୍କୁ ଏଲଇଡି ଲାଇଟ୍ ସହ ବଡ଼ପଦନା ଗ୍ରାମର ଗାୟତ୍ରୀ, ଜୟ ଶିବ ଶଙ୍କର, ଜୟ ରାଧାକୃଷ୍ଣ, ନିତାଇ ଗୌର, ଜୟ ଗଣେଶ, ଜୟ ଶନିଶ୍ଚରାୟ, କାମେଶ୍ୱରାୟ, ମା ମଙ୍ଗଳା, ରାଧା ଗୋବିନ୍ଦ, ଓମ ଶାନ୍ତି, ମା' ସରସ୍ୱତୀ ପରି ୬୨ ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୭୩ ଗୋଟି ପୁରୁଣା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୩ ହଜାର ଟଙ୍କା ଲେଖାଏ ମୋବାଇଲ କିଣିବା ବାବଦକୁ ଅର୍ଥ ପ୍ରଦାନ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ମନ୍ତ୍ରୀ ପାତ୍ରଙ୍କଠାରୁ ଏହି ପ୍ରମାଣ ପତ୍ର ସଂଗ୍ରହ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଜମାଖାତାକୁ ୧୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ମନ୍ତ୍ରୀ ପାତ୍ର କହିଛନ୍ତି। ପିଠା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ଅଙ୍ଗନୱାଡି କର୍ମୀଙ୍କୁ ୫ଶହ ଓ ହେଲ୍ପରଙ୍କୁ ୨ଶହ ଟଙ୍କା ଇନ୍‌ସେନଟିଭ୍ ପ୍ରଦାନ କରାଯାଇଥିଲା।

# ଖ୍ୟାତନାମା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା

**ଆନନ୍ଦପୁର,୧୬।୧(ସ୍ୱ.ପ୍ର.)**




ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ପ୍ରତିଭାଧାରୀଙ୍କୁ ସମ୍ମାନ ଜଣାଇବା ଆମ ସଂସ୍କୃତିର ମୂଳଧାର ହେଉ ବୋଲି ପ୍ରତିଭା ପ୍ରଣାମ ମଞ୍ଚର ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇଥିବା ଅତିଥି ମତବ୍ୟକ୍ତ କରିଛନ୍ତି। ଆନନ୍ଦପୁର ପ୍ରତିଭା ପ୍ରଣାମ ମଞ୍ଚର ଏକ ବର୍ଣ୍ଣାଢ୍ୟ ଉତ୍ସବ ରାଜଧାନୀ ପୁସ୍ତକ ମେଳା ମହାମଞ୍ଚର ନବମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଖ୍ୟାତନାମା ଶିଶୁ ସାହିତ୍ୟ ଲେଖକ ଡ. ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ରାଜସ୍ୱ ପରିଷଦର ସଚିବ ଗୋସ୍ୱାମୀ ଗୋଲାମ ଦେବତା ମୁଖ୍ୟ ଅତିଥି, ପୁରୀ ଶ୍ରୀମନ୍ଦିର ଉପପ୍ରଶାସକ ମଧୁସୂଦନ ଦାଶ ମୁଖ୍ୟବକ୍ତା, ବିଶିଷ୍ଟ ଗାଳ୍ପିକ ତଥା ପ୍ରଶାସକ ସୁରଥ ଚନ୍ଦ୍ର ମଲ୍ଲିକ ସ୍ୱତନ୍ତ୍ର ଅତିଥି ଓ ଡ. ଅନ୍ତର୍ଯାମୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଆନନ୍ଦପୁର ଅଞ୍ଚଳର ବହୁମୁଖୀ ବରିଷ୍ଠ ପ୍ରତିଭା ଡ. ଅଭିନ୍ନ ଚନ୍ଦ୍ର ସାହୁ, ଅନ୍ତର୍ଯାମୀ ରାଉତ, ମଗୁଲି ଚରଣ ପୃଷ୍ଟି, ବେଣୁଧର ସୂତାର, ଯୋଗାଚାର୍ଯ୍ୟ ବାଇଧର ମୁନି, ଦୁର୍ଗାଚରଣ ଦଳେଇ, ଶଙ୍କର୍ଷଣ ବାରିକ୍, ପୁଷ୍ପମଞ୍ଜରୀ କର, ଉମାକାନ୍ତ ଦାସ, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, ଲୋକନାଥ ସାହା, ଦିଲୀପ ମିଶ୍ର, ପଙ୍କଜିନୀ ସାହୁ, ସୁରଥ ଚନ୍ଦ୍ର ମଲ୍ଲିକ, ହଳଧର ପଣ୍ଡା, ମଧୁସୂଦନ ଦାଶଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଲେଖିକା ମାଳତୀଲତା ପଣ୍ଡାଙ୍କ କବିତା ପୁସ୍ତକ 'ମୁଠାଏ ମାଳତୀ', ବୀଣାପାଣି ଦାସ, ସିଂହପୁରଙ୍କ 'ରୁନିରୁନି ତାରାଫୁଲ', ଯଦୁନାଥ ଜେନାଙ୍କ 'ଓଡ଼ିଆ ଇତିହାସର ନୂତନ ତଥ୍ୟ', ଗୋକୁଳ ବିହାରୀ ପୃଷ୍ଟିଙ୍କ 'ଜୀବନଜ୍ୟୋତି', ବେଣୁଧର ସୂତାରଙ୍କ 'ନିଶାନ୍ତ ଅଳକା' ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ମଞ୍ଚର ଆବାହକ ରତ୍ନାକର ଦାସ ସଭାର ଉଦ୍ଦେଶ୍ୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ସଦସ୍ୟ କୀର୍ତ୍ତନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ରମାକାନ୍ତ ନାୟକ ଅତିଥି ପରିଚୟ ଦେଇଥିଲେ। ଗ୍ରନ୍ଥକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ ପଟ୍ଟନାୟକ ଓ ନାରାୟଣ ସାହୁଙ୍କ ସଂଯୋଜନାରେ ଅଶୋକ ପୁହାଣ, ସୁରେଶ ସାହୁ, ବିଦ୍ୟୁତ୍ ପ୍ରଭା ଦେଓ, ସୁରେନ୍ଦ୍ର ପରିଡ଼ା, ବୈଲୋଚନ ସାହୁ, ଗୋବର୍ଦ୍ଧନ ନାୟକ, ନିରଞ୍ଜନ ପତି, ଅନନ୍ତ ଚରଣ ଦେହୁରୀ, ନୀଳମଣି ବାରିକ, ମୁରଲୀଧର ବେହେରା, ଜ୍ୟୋତ୍ସ୍ନା ପାଢ଼ୀ, ହରିହର ସାମଲ, ଗୋକୁଳ ବିହାରୀ ପୃଷ୍ଟି, କୁଳମଣି ଦାସ, ଘନ୍ୟାମ ବୋଇତେଇ, କୁଳମଣି ମହାନ୍ତି, ନରହରି ରାଉତ ପ୍ରମୁଖ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

# ୧୯୮୫ ବ୍ୟାଚର ବନ୍ଧୁ ମିଳନ

**ଆନନ୍ଦପୁର, ୧୬।୧(ସ୍ୱ.ପ୍ର.)**

ଆନନ୍ଦପୁର ବ୍ରଜବନ୍ଧୁ ବିଦ୍ୟାପୀଠ ୧୯୮୫ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁ ମିଳନରେ ୩୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରବନ୍ଧୁ ଉପସ୍ଥିତ ରହି ଛାତ୍ର ଜୀବନର ସ୍ମୃତି ବଖାଣି ଥିଲେ। ପୁରାତନ ଛାତ୍ରମାନେ ବିଦ୍ୟାଳୟର ଉନ୍ନତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବାବୁ ରଣା, ସରୋଜ ପରିଡ଼ା, ସମରେନ୍ଦ୍ର ମହାପାତ୍ର, ରାଜୁ ପଣ୍ଡା, ବାପି ଦାସ, ମୁରଲୀ ମିଶ୍ର, ମିଟୁ ବିଷୋଇ, ସଞ୍ଜୟ ନାୟକ, ଦୁର୍ଯ୍ୟୋଧନ ବେହେରା, ବିନୟ ଦାସ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ।

## ତେଲକୋଇରେ ଭାଜପାର କର୍ମୀ ସମ୍ମିଳନୀ

# ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର



କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

**ତେଲକୋଇ, ୧୬।୧(ଡି.ଏନ.ଏ.)**

ତେଲକୋଇ ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ବୁଧବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ସ୍ଥାନୀୟ କଲେଜ ପଡ଼ିଆରେ ମନ୍ତ୍ରୀ ଧର୍ମେନ୍ଦ୍ର ପହଞ୍ଚିବା ପରେ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ହେଲିକେପ୍ଟର ଯୋଗେ ହାଲପୋଡି ଖେଳ ପଡ଼ିଆରେ ସେ ଓହ୍ଲାଇ ଥିଲେ। ପରେ ତେଲକୋଇ ବଜାରରେ ଚାଲିଚାଲି ଯାଇ କର୍ମୀ ସମ୍ମିଳନୀରେ ପହଞ୍ଚି ଥିଲେ। ଉକ୍ତ ଅଞ୍ଚଳରେ ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟସେବା ସମସ୍ୟା ରହିଥିବାରୁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ ଧର୍ମେନ୍ଦ୍ର। ରାଜ୍ୟ ସରକାରଙ୍କୁ କଟାକ୍ଷ କରିବା ସହ ଉପାନ୍ତ ଅଞ୍ଚଳକୁ ସବୁ ଯୋଜନା ଅପହଞ୍ଚ ହୋଇଥିବାରୁ ସେ ନିନ୍ଦା କରିଥିଲେ।

ହାତୀମୁଣ୍ଡାଠାରେ ଡ୍ୟାମ ନିର୍ମାଣ ନେଇ ଦାବି କରାଯାଇଥିଲା। ଜିଲା ସଭାପତି ରାଧାକାନ୍ତ ମହାନ୍ତଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧନୁର୍ଯ୍ୟୟ ସିଧୁ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାଏକ, ମହିଳା ଜିଲା ନେତ୍ରୀ ସୁକେଶୀ ଓରାମ, ରାଜ୍ୟ କୃଷକ ନେତା ମହେଶ୍ୱର ସାହୁ, ଭାଜପା ବ୍ଲକ ସଭାପତି ପ୍ରମୋଦ ସାହୁ, ସ୍ଥାନୀୟ ସରପଞ୍ଚ ମାନସ ନାଏକଙ୍କ ସମେତ ବହୁ ଭାଜପା କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପଥପ୍ରାନ୍ତ ସୁବିଧା କେନ୍ଦ୍ରର ଶିଳାନ୍ୟାସ

**ଆନନ୍ଦପୁର, ୧୬।୧(ସ୍ୱ.ପ୍ର.)**

ଘସିପୁରା ବ୍ଲକ ରାମଚନ୍ଦ୍ରପୁରରେ ବୁଧବାର ପଥପ୍ରାନ୍ତ ସୁବିଧା କେନ୍ଦ୍ରର ଶିଳାନ୍ୟାସ ହୋଇଯାଇଛି। ଆନନ୍ଦପୁର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ସହକାରୀ ଅଧିକାରୀ ସମୀର କୁମାର ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରର ଶିଳାନ୍ୟାସ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ସଭ୍ୟ ଇତିଶ୍ରୀ ବେହେରା, ଘସିପୁରା ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ କେନ୍ଦ୍ର ନିର୍ମିତ ହୋଇଛି। ଏହା ସମ୍ପୂର୍ଣ୍ଣ ଭାବେ ନିଃଶୁଳ୍କ ଥିବାବେଳେ ଏଥିପାଇଁ କୌଣସି ଅଗ୍ରିମ ବୁକିଂ କରିବାର ବ୍ୟବସ୍ଥା ନ ଥିବା ବିଭାଗୀୟ ପକ୍ଷରୁ ସୂଚନା ମିଳିଛି। ଜାତୀୟ ରାଜପଥ ୨୦ ନଂ କଡରେ ଅବସ୍ଥିତ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଲୋକଙ୍କ ପାଇଁ ବିଶେଷ ଉପକାରୀ ସାବ୍ୟସ୍ତ ହେବ ବୋଲି ଜଣାପଡିଛି।




ପଥପ୍ରାନ୍ତ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରାଯାଉଛି।

# 'ସ୍ୱର୍ଶକାତର ବୁଥ୍ ଚିହ୍ନଟ କର'

**କେନ୍ଦୁଝର, ୧୬।୧(ସ୍ୱ.ପ୍ର.)**



ତାଲିମ ଶିବିରରେ ଯୋଗ ଦେଇଥିବା ବିଭାଗୀୟ ଅଧିକାରୀ।

- ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, ପୋଲିସ୍ ଅଧିକାରୀଙ୍କୁ ତାଲିମ
- ସୋସିଆଲ୍ ମିଡ଼ିଆ ଉପରେ ନଜର ରଖ

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ପୋଲିସ୍, ଅବକାରୀ ଓ ଆୟକର ବିଭାଗର ଅଧିକାରୀଙ୍କ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଏକ ବୈଠକ ହୋଇଥିଲା। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ଠାକରେ ଗୁରୁତ୍ୱ ଅରୋପ କରିଥିଲେ। ଭାରତୀୟ ଗଣତାନ୍ତ୍ରିକ ପରମ୍ପରା ଉପରେ ସମଗ୍ର ବିଶ୍ୱର ସମ୍ମାନ ଓ ବିଶ୍ୱାସ ରହିଛି। ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାକୁ ପୋଲିସ୍-ମାଜିଷ୍ଟ୍ରେଟ୍‌ଙ୍କୁ ଆରକ୍ଷୀ ଅଧୀକ୍ଷକ ଜେ.ଏନ୍. ପଙ୍କଜ ଉଦ୍‌ବୋଧନ ଦେଇଥିଲେ। ଉପଜିଲାପାଳ ଓ ଉପଖଣ୍ଡ ପୋଲିସ୍ ଅଧିକାରୀ ବିଭିନ୍ନ ଅଞ୍ଚଳର ସାମ୍ପ୍ରତିକ ଅବସ୍ଥା ଓ ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱର୍ଶକାତର ବୁଥ୍ ଚିହ୍ନଟ କରି ତାଲିକା ଜାନୁୟାରୀ ୨୦ ପୂର୍ବରୁ ଜିଲାପାଳଙ୍କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭ୍ୟାସଗତ ବିଶୃଙ୍ଖଳିତ ଓ ଗଣ୍ଡଗୋଳ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ନଜର ରଖିବାକୁ ପୋଲସ୍ ଅଧିକାରୀଙ୍କୁ କୁହାଯାଇଥିଲା।

ନିର୍ବାଚନ ପରିପ୍ରେକ୍ଷୀରେ ଅସାଧୁ ଭାବେ ଟଙ୍କା ବଣ୍ଟନ, ଟଙ୍କା ଚାଲାଣ, ଚୋରାମଦ କାରବାର, ୱାରେଣ୍ଟ କାର୍ଯ୍ୟକାରୀ କରିବା, ଥାନାରେ ବନ୍ଧୁକ ଦାଖଲ କରିବା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସୋସିଆଲ୍ ମିଡ଼ିଆରେ ବିଦ୍ୱେଷ ସୃଷ୍ଟି, ମିଛ ଖବର ଭାଇରାଲ୍, ଗଣ୍ଡଗୋଳ ସୃଷ୍ଟି ପରି ଖବର ପ୍ରସାରଣ ଉପରେ ନଜର ରଖି ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପରିଚାଳନ ସମୟରେ ଅବକାରୀ ଓ ଆୟକର ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପଳ ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ. ପରିଡା, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ, ଡିଏସ୍‌ପି ଡିଆଇବି ଏଚ୍.ସି. ପାଣ୍ଡେ, ବଡବିଲ୍ ଏସ୍‌ଡିପିଓ ରାହୁଲ୍ ଜୈନ, ଆଇଏଏସ୍ ପ୍ରୋବେଶନର ସୋମେଶ ଉପାଧ୍ୟାୟ, ଆଇପିଏସ୍ ପ୍ରୋବେଶନର ପ୍ରହ୍ଲାଦ ସାଇ ମୀନା, କେନ୍ଦୁଝର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଆନନ୍ଦପୁର ଏସ୍‌ଡିପିଓ ଦିଲ୍ଲୀପ୍ ଚନ୍ଦ୍ର ବାଗ, ଘଟଗାଁ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ସମେତ ଜିଲା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ଥାନା ଅଧିକାରୀ, ଅବକାରୀ ବିଭାଗୀୟ ଅଧିକାରୀ ଏବଂ ଆୟକର ବିଭାଗର ଅଧିକାରୀ ଯୋଗ ଦେଇଥିଲେ।